# ମଧ୍ୟାକାଳର ସୂର୍ଯ୍ୟପସାଦ

ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ



# ମହାକାଳର ତୂର୍ଯ୍ୟନାଦ

(ଓଡ଼ିଆ ଭାଷାରେ ସର୍ବପ୍ରଥମ ଥର ପାଇଁ ସୁପରଫାଷ୍ଟ
ଟେକ୍‌ନିକ୍‌ରେ ରଚିତ ନାଟକ)

ଲେଖକ
ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

ପ୍ରକାଶକ
ବୁକ୍‌ସ ଏଣ୍ଡ ବୁକ୍‌ସ
ବିନୋଦବିହାରୀ, କଟକ-୨

# ମହାକାଳର ତୂର୍ଯ୍ୟନାଦ

ଲେଖକ :
ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନଗୋ, ଏମ୍. ଏ., ଏଲ୍. ଏଲ୍. ବି.

ପ୍ରକାଶକ :
କୃଷ୍ଣଚନ୍ଦ୍ର ବେହେରା
ବୁକ୍ସ ଏଣ୍ଡ ବୁକ୍ସ
ବିନୋଦବିହାରୀ, କଟକ-୨

ନୂତନ ପ୍ରକାଶ—୧୯୮୩

ପ୍ରଚ୍ଛଦପଟ :
ଅସୀତ ମୁଖାର୍ଜ୍ଜୀ

ମୁଦ୍ରକ :
ସୁରଜ ପ୍ରେସ, କଟକ-୧

ମୂଲ୍ୟ—ସାତଟଙ୍କା ମାତ୍ର

MAHAKALAR TYURJANADA

Written by :
**Sri Purnnachandra Kanungo**

Published by :
Krushna Ch. Behera
**Books & Books**
Binod Bihari, Cuttack-2

Price : **Rupees Seven only**

# ପଦେ-ଅଧେ

ପଦ୍ମଲ୍ ରଜ

ତା ୧୪-୬-୮୨

ଆଜି ବହି ଯାଉଛି ପ୍ରେସକୁ—ଛପା ହେବା ପାଇଁ । ଦୀର୍ଘ ସାତ ବର୍ଷ ଧରି ଏ ନାଟକ ମତେ ଦେଇଛି ଅନେକ ଯନ୍ତ୍ରଣା । ଅନେକ ଦୁଶ୍ଚିନ୍ତା । ତା ୨୮-୩-୭୪ ରିଖ ଗୁରୁବାର—ସେଇଦିନ ସୃଷ୍ଟି ହୋଇଥିଲା ଏ ନାଟକର ଜନ୍ମ-ଜାତକ ଆଉ ଲେଖା ଶେଷ ହେଲା ତା ୬-୧୧-୮୦ ରିଖ ଦିନ । ପ୍ରଥମେ ନାମକରଣ କରିଥିଲି 'ମହାକାଳର ଆର୍ତ୍ତନାଦ' । ତା ପରେ ବହୁ ଚେଷ୍ଟା କରିଛି ଏ ନାଟକକୁ ମଞ୍ଚସ୍ଥ କରିବାକୁ । ପାଞ୍ଚଥର ବହି ପୂଜା ହୋଇ ରିହର୍ସାଲ ଆରମ୍ଭ କରିଛି । କିନ୍ତୁ ମାତ୍ର କେଇଟା ଦିନ ପାଇଁ । ତା ପରେ କେଜାଣି କାହିଁକି ସମସ୍ତଙ୍କର ଆଗ୍ରହ ମଉଳିଯାଏ । ନାନାପ୍ରକାର ମନ୍ତବ୍ୟ ମଧ୍ୟରେ ବହିରେ ଡୋର ବନ୍ଧା ହୁଏ । ଅନେକ ମତ ଦେଲେ ଏ ନାଟକ ମଞ୍ଚସ୍ଥ କରି ହେବନି । ଆଉ କେତେକ କହିଲେ ଦର୍ଶକମାନଙ୍କୁ ଏ ନାଟକ ଦେଖିବାରେ ଶାରୀରିକ କଷ୍ଟ ହେବ । ଆଉ କେତେକଙ୍କ ମତରେ ଏହା ଏକ ଅବାସ୍ତବ କଳ୍ପନା । ବହି ଫେଲ୍ ମାରିବ । ମୁଁ କିନ୍ତୁ ମୋ ନିଷ୍ପତ୍ତିରେ ଅଟଳ । ଏ ନାଟକ ଦିନେ ନା ଦିନେ ନିଶ୍ଚୟ ମଞ୍ଚସ୍ଥ ହେବ । ଯଦି ବହି ଫେଲ୍ ମାରିବ ତେବେ ଦୁଃଖ ନାହିଁ । କାରଣ ଓଡ଼ିଆ ଭାଷାରେ ସୁପରଫାଷ୍ଟ ଟେକ୍‌ନିକ୍‌ରେ ରଚିତ ଏଇ ବୋଧହୁଏ ପ୍ରଥମ ନାଟକ । (କାରଣ ଏ ଅବଧି ପ୍ରକାଶ ପାଇଥିବା କୌଣସି ନାଟକରେ ଏ ପ୍ରକାର ଶୈଳୀ ବ୍ୟବହାର କରାଯାଇନି, ଅବଶ୍ୟ ମୁଁ ଯେତେଖଣ୍ଡ ପଢ଼ିଛି ।) ଆଜି ଯଦି ସଫଳ ହୁଏ ତେବେ ନାଟ୍ୟଜଗତକୁ ଏହା ଏକ ନୂତନ ଦିଗ୍‌ଦର୍ଶନ ଦେବ ।

× × ×

କେହି କିନ୍ତୁ ଆଗେଇ ଆସିଲେନି । ହଠାତ୍ ମୋର ମନେହେଲା ନାମକରଣରେ କିଛି ତ୍ରୁଟି ରହିଯାଇଛି । "ମହାକାଳ" ଆର୍ତ୍ତନାଦ କରିବେ କାହିଁକି ? ନାମ ପରିବର୍ତ୍ତନ କଲି—"ମହାକାଳର ତୂର୍ଯ୍ୟନାଦ" । ଆଗେଇ ଆସିଲେ ନିର୍ଦ୍ଦେଶକ ଶ୍ରୀ ନିତ୍ୟାନନ୍ଦ ମିଶ୍ର (ମୋର ବାଲ୍ୟବନ୍ଧୁ), ବୁଲୁ ଇଲେକ୍ଟ୍ରିକାଲ୍ସର ପ୍ରୋପ୍ରାଇଟର ବୁଲୁବାବୁ ଓ ପୁରୀର ବିଶିଷ୍ଟ ବ୍ୟବସାୟୀ ଶ୍ରୀ ଶ୍ୟାମସୁନ୍ଦର ନାଏକ ଓ ଶ୍ରୀ ବନମାଲୀ ନାଏକ । "ଏ ନାଟକ ନିଶ୍ଚୟ ମଞ୍ଚସ୍ଥ ହେବ" । ସେମାନେ ସାହସ ଦେଲେ ଆଉ ଶପଥ ନେଲେ । ଜନ୍ମନେଲା "କଳାକାର" ପୁରୀ । କେହି ଗୋଟିଏ ପଇସା ମାଗି ନାହାନ୍ତି । ସ୍ୱତଃପ୍ରବୃତ୍ତ ହୋଇ ସମସ୍ତେ ହାତ ମିଳାଇଲେ । ଲାଇଟ୍ ଟେକ୍ନିସିଅନ୍, ସଙ୍ଗୀତ ପରିଚାଳକ ଓ ଯନ୍ତ୍ରୀବୃନ୍ଦ, ସାଉଣ୍ଡ ଟେକ୍ନିସିଆନ୍, ଅନ୍ନପୂର୍ଣ୍ଣା ଥିଏଟରର ପ୍ରୋପ୍ରାଇଟର ଶ୍ରୀ କୃଷ୍ଣମୋହନ ରଥ, ମଞ୍ଚମାୟା ସୃଷ୍ଟିକାରୀ ଘନବାବୁ ଏବଂ ତାଙ୍କର କୁଶଳୀ କଳାକାରମାନେ ବିନା ପାରିଶ୍ରମିକରେ ସମସ୍ତେ ଆଗେଇ ଆସିଲେ । ବୋଧହୁଏ ମଙ୍ଗଳମୟ 'ମହାକାଳ'ଙ୍କର ଆଶୀର୍ବାଦ ମିଳିଲା । ମୋର ଦୀର୍ଘ ସାତ ବର୍ଷର ସ୍ୱପ୍ନ ହୁଏତ ସାର୍ଥକ ହେଲା । ମଞ୍ଚସ୍ଥ ହେଲା ଓଡ଼ିଆ ଭାଷାରେ ସୁପରଫାଷ୍ଟ ଟେକ୍ନିକ୍‌ରେ ରଚିତ ପ୍ରଥମ ନାଟକ । ଅନେକ ଉତ୍ତେଜନା, ଅନେକ ଉଦ୍ଦୀପନା, ଅନେକ ଆଶା, ଅନେକ ଆଶଙ୍କା···

× × ×

ନାଟକର ପ୍ରଥମ ରଜନୀରେ କିନ୍ତୁ ମିଳିଲା, ନାହିଁ ନଥିବା ସମ୍ବର୍ଦ୍ଧନା, ଅନେକ ଶୁଭେଚ୍ଛା ଆଉ ଆଶୀର୍ବାଦ । ସାରା ସହରରେ ଚହଳ ସୃଷ୍ଟି କରି ଆଗେଇ ଚାଲିଲା ମହାକାଳର ଜୟଯାତ୍ରା; କିନ୍ତୁ ହଠାତ୍ କେତେଜଣ କଳାକାର ଅସୁସ୍ଥ ହୋଇ ପଡ଼ିବାରୁ ମାତ୍ର ପାଞ୍ଚ ଦିନ ପରେ ଏ ନାଟକର ପ୍ରଦର୍ଶନ ବନ୍ଦ କରିବାକୁ ବାଧ ହେଲୁ; କିନ୍ତୁ ତା ପରେ ସହର ତଥା ମଫସଲର ବିଭିନ୍ନ ପ୍ରାନ୍ତରୁ ଆସିଲା ଅନେକ ଅନୁରୋଧ ଆଉଥରେ ଏ ନାଟକକୁ ମଞ୍ଚସ୍ଥ କରିବାକୁ । କଳାପ୍ରେମୀ ଦର୍ଶକମାନଙ୍କର ଅନୁରୋଧ ରକ୍ଷା କରି ପୁଣି ଥରେ ମଞ୍ଚସ୍ଥ ହେଲା "ମହାକାଳର ତୂର୍ଯ୍ୟନାଦ" । ଦୀର୍ଘ ସାତ ଦିନ ଧରି ପୂର୍ଣ୍ଣ ପ୍ରେକ୍ଷାଳୟରେ ପୁରୀ ସୌଖୀନ ମଞ୍ଚସଂସ୍ଥା ଇତିହାସରେ ଏହା ହୁଏତ ଏକ ରେକର୍ଡ଼ । × × × ସାଫଲ୍ୟର ଅନେକ ଜୟମାଲ୍ୟ····ପ୍ରଶଂସାର ଅସୁମାରି ରକ୍ତ ଗୋଲାପ···ଶୁଭେଚ୍ଛାର ଅନେକ ରଜନୀଗନ୍ଧା···ଆଉ ଅଭିନନ୍ଦନର ଅନେକ କୃଷ୍ଣଚୂଡ଼ା···ସବୁ ପ୍ରାପ୍ୟ ସେମାନଙ୍କର । ଯେଉଁମାନଙ୍କର ମିଳିତ ଉଦ୍ୟମ ପାଇଁ ଏ ନାଟକ ମଞ୍ଚସ୍ଥ ହେବା ସମ୍ଭବ ହୋଇପାରିଲା । ବିଶେଷ କରି ନିର୍ଦ୍ଦେଶକ ବନ୍ଧୁ ନିତ୍ୟାନନ୍ଦ ମିଶ୍ରଙ୍କର ଅକ୍ଳାନ୍ତ ପରିଶ୍ରମ, ବଳିଷ୍ଠ ନିର୍ଦ୍ଦେଶନା ଓ ଦୃଢ଼ ମନବଳ ହିଁ ଏ ନାଟକର ସଫଳତା ପାଇଁ ଦାୟୀ ଏହା

ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିବି । ସମସ୍ତଙ୍କର ଏକାନ୍ତ ଆନ୍ତରିକ ସହଯୋଗ ଓ ନିଷ୍ଠା ମତେ ଯେଉଁ ସମ୍ମାନ ଆଣି ଦେଇଛି ସେଥିପାଇଁ ସେମାନଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

× × ×

ଦୀର୍ଘ ତିନି ଘଣ୍ଟା ଧରି ଏ ନାଟକର ଗତି ଥିଲା ଅବ୍ୟାହତ, ନିରବଚ୍ଛିନ୍ନ । ଏ ନାଟକରେ ମଧ୍ୟାନ୍ତର ନାହିଁ ଏବଂ ଏଭଳି କ୍ଷିପ୍ରଗତିରେ ନାଟକର ପ୍ରବାହ ଦର୍ଶକମାନଙ୍କ ମନରେ ଗଭୀର ରେଖାପାତ କରିଥିଲା, ଯାହା ଏକକ ମଞ୍ଚରେ ପରିବେଷଣ କରିଥିଲେ ଆଦୌ ସମ୍ଭବ ହୋଇ ନ ଥାନ୍ତା । ଅନେକ ଦର୍ଶକ ମତ ଦେଇଥିଲେ ଯେ "ଏହା ଏକ ଚଳଚ୍ଚିତ୍ର ଦେଖିଲା ଭଳି ଲାଗୁଛି ।" ଆଗରୁ ଯେଉଁମାନେ ନାନାପ୍ରକାର ମନ୍ତବ୍ୟ ଦେଇଥିଲେ ସେମାନେ ହୁଏତ ନିଜର ଭୁଲ ବୁଝିପାରିଲେ । ସେମାନଙ୍କର ଆଶଙ୍କା ଅମୂଳକ ପ୍ରମାଣିତ ହେଲା । ଭଲମନ୍ଦର ବିଚାର ଏଣିକି ପାଠକ ଓ ଦର୍ଶକମାନେ କରିବେ । ତେବେ ମୋର ଅନୁରୋଧ ଏ ନାଟକ ଅନ୍ୟତ୍ର ମଞ୍ଚସ୍ଥ କଲାବେଳେ ନାଟକରେ କୌଣସି ପରିବର୍ତ୍ତନ କରିବେନି । କାରଣ ନାଟକର ଗତି ସହିତ ଚରିତ୍ର ଓ ସଂଳାପମାନଙ୍କୁ ଏପରି ଭାବରେ ସଂଯୋଗ କରାଯାଇଛି ଯେ ସାମାନ୍ୟ ବ୍ୟତିକ୍ରମ ହେଲେ ନାଟକର ଗତି ବ୍ୟାହତ ହେବା ସଙ୍ଗେ ସଙ୍ଗେ ଦର୍ଶକମାନଙ୍କର ଚିନ୍ତାଧାରେ ବ୍ୟାଘାତ ସୃଷ୍ଟି ହେବ । ତା ଛଡ଼ା ମଞ୍ଚ ପରିକଳ୍ପନା ଯେ କୌଣସି ପରିବର୍ତ୍ତନ କଲେ required effect ମିଳିବନି । ତେଣୁ ଏ ନାଟକ ମଞ୍ଚସ୍ଥ କଲାବେଳେ ମଞ୍ଚ ପରିକଳ୍ପନାରେ କୌଣସି ପରିବର୍ତ୍ତନ ନ କରିବାକୁ ଅନୁରୋଧ । × × × ଏ ନାଟକ ଉପରେ ସମସ୍ତ ପ୍ରକାର ଆଲୋଚନା ଓ ସମାଲୋଚନାକୁ ମୁଁ ସ୍ୱାଗତ କରିବି କିନ୍ତୁ ତା ସବୁ ଗଠନମୂଳକ ହେବା ଆବଶ୍ୟକ । ଏଇ ନାଟକ ବିଷୟରେ କେତେଗୁଡ଼ିଏ ଚିଠି ପାଇଛି । ତା ମଧ୍ୟରୁ ଗୋଟିଏ ଚିଠି ଏଥି ସହ ପ୍ରକାଶ କରୁଛି । ସେ ଚିଠି ଦେଇଛନ୍ତି ଓଡ଼ିଶାର ବିଶିଷ୍ଟ ଆଇନଜୀବୀ ଶ୍ରୀ ଆର୍ତ୍ତବନ୍ଧୁ ମିଶ୍ର — ପୁରୀ ।

ଓଡ଼ିଶାର ସୁନାମଧନ୍ୟ ପ୍ରକାଶନ ସଂସ୍ଥା ବୁକ୍ସ ଏଣ୍ଡ ବୁକ୍ସର ପ୍ରୋପ୍ରାଇଟର କୃଷ୍ଣବାବୁ ଆଗ୍ରହରେ ଏ ନାଟକ ଛାପିବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ସହିତ ଏଇ ପ୍ରଥମ ସମ୍ପର୍କ । ଏ ସମ୍ପର୍କ ଅତୁଟ ରହୁ । ଆଜି ଏତିକି । ଇତି ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

## ଝଣ୍ଟିଏ-ଚଠି

ପ୍ରିୟ ପୂର୍ଣ୍ଣବାବୁ !

ଜୀବନର ଅନ୍ତିମ-କାଳରେ ବିନା କାରଣରେ ବହୁ ଦଣ୍ଡ ଭୋଗୁଛୁ । ସିନେମା ଥିଏଟର୍ ଦୀର୍ଘ ବାରବର୍ଷ ଯାବତ୍ ଛାଡ଼ି ଦେଇଥିଲି । ଆପଣଙ୍କ ସସ୍ନେହ ଅନୁରୋଧ ଏଡ଼ି ନପାରି "ମହାକାଳର ତୂର୍ଯ୍ୟନାଦ" ଦେଖିବାକୁ, ଶୁଣିବାକୁ ନୁହେଁ, ଯାଇଥିଲି ।

ପରିବେଷଣ ମୋତେ ଆତ୍ମବିଭୋର କରି ଦେଇଥିଲା । ଜୀବନରେ ଯେ ବୈରାଗ୍ୟ ଆସିଥିଲା ତାହା ଅଚିରେ ଦୂର ହୋଇଗଲା । ତୁଳନାତ୍ମକ ଯେଉଁ ଦୁଃଖ ଘୋଟିଥିଲା ତାହା ହଠାତ୍ ଅପସରି ଗଲା । ମହାକାଳକୁ ପୁନଃ ପୁନଃ ଦେଖି ବହୁ ଦିନର ଅନ୍ଧପୁଟୁଳି ଆଖିରୁ ଉଭେଇ ଗଲା । ସେହିଦିନୁଁ କେବଳ ଦେଖୁଛୁ ମହାକାଳର ସ୍ରୋତସ୍ୱିନୀ ବେଗ । ତା ଭିତରେ ସମସ୍ତେ ଆନନ୍ଦରେ ଗତି କରୁଛନ୍ତି । ଦୁଃଖର ଅବକାଶ ନାହିଁ । ଜ୍ଞାନ, ଜ୍ଞେୟ ଓ ଜ୍ଞାନଗମ୍ୟ ଏକାଧାରରେ ସେହି ମହାକାଳ ।

ଦୁଇଟି ମଞ୍ଚ ଦୁଇ ପାର୍ଶ୍ୱରେ ଓ ମଧ୍ୟରେ ସୂକ୍ଷ୍ମ ମାର୍ଗ ମହାକାଳର ସର୍ବବ୍ୟାପୀତ୍ୱ ଓ ଏକକ ଅବସ୍ଥିତି, ଦର୍ଶକଙ୍କ ମନରେ ସୁନ୍ଦର ଭାବରେ ଓ ସ୍ଥାୟୀ ଭାବରେ ଅଙ୍କିତ କରି ଦେଇଥିଲା । "କିଛି ରହିବ ନାହିଁ, ସବୁ ଏହି ମହାସ୍ରୋତରେ ଭାସିଯିବ"—ଏ ଭାବନା ସୁନ୍ଦର ଭାବରେ ଦର୍ଶକଙ୍କ ମନକୁ ଜାବୋଡ଼ି ଧରିଲା ଓ ପୁନଃ ପୁନଃ ମହାକାଳର ଆଗମନକୁ ଦର୍ଶକମାନେ ଅନାଇଁ ରହୁଥିଲେ । ମହାକାଳର ଏକମାତ୍ର ସ୍ଥାୟୀତ୍ୱ ମନରେ ଜାଗରୂକ କରାଇବାରେ ମହାକାଳର ବାଣୀ, ନା ଆପଣଙ୍କର ବାଣୀ, ସମ୍ପୂର୍ଣ୍ଣ ଭାବରେ ଓ ସର୍ବତୋ ଭାବରେ ସଫଳ ହୋଇଛି । ଏବେ ମଧ୍ୟ ସେ ବାଣୀ ମୋର କର୍ଣ୍ଣକୁହରରେ ନିନାଦିତ ହେଉଛି ଓ ମୋର ଅନ୍ତିମ ସମୟ ପର୍ଯ୍ୟନ୍ତ ନିନାଦିତ ହେଉଥିବ । ଅନ୍ତିମ କାଳରେ ମହାକାଳକୁ ସ୍ମରଣ କରି ମୁଁ ଏ ଅମର ଶରୀର ତ୍ୟାଗ କରିବି ବୋଲି ଆଶାପୋଷଣ କରିଛି । ତା ଯଦି ହୁଏ ମୋର ସର୍ବଶ୍ରେଷ୍ଠ ଶାସ୍ତ୍ରାନୁମୋଦିତ ଲାଭ ହେବ ଓ ଆପଣ ତାହା ଜାଣି ନ ପାରିଲେ ମଧ୍ୟ ଆପଣଙ୍କର ଲେଖନୀର ସର୍ବୋତ୍ତମ ସଫଳତା ହେବ । ଈଶ୍ୱରଙ୍କ ଠାରେ ପ୍ରାର୍ଥନା ଆପଣଙ୍କର ଏ ପ୍ରୟାସ ଅବାରିତ ରହୁ ।

ଆପଣଙ୍କର ସ୍ନେହଲିପ୍ସୁ
ଶ୍ରୀ ଆର୍ତ୍ତବନ୍ଧୁ ମିଶ୍ର
ପୁରୀ

# ପରିବେଷଣ— "କଳାକାର" (ପୁରୀ)

ପ୍ରଥମ ଅଭିନୟ ରଜନୀରେ ଯେଉଁମାନେ
ରୂପ ଦେଇଥିଲେ—

ଚରିତ୍ର

ଶ୍ରୀରାମ ଦାସ —ଶ୍ରୀ ଦିଲ୍ଲୀପ ଦାଶ
ଅନାମ ରାଉତ—ଶ୍ରୀ ରୋହିଣୀନନ୍ଦନ ମହାନ୍ତି
ଲଛ୍ମୁ ସିଂ —ଶ୍ରୀ କେଦାର କାନୁନ୍‌ଗୋ
ସ୍ୱାମୀଜୀ —ଡା· ଜଗମୋହନ ମିଶ୍ର
ଭୋଳା —ନାଗ୍‌ବାବୁ (Nag Babu) ବା ( Sj. B. K. Nag )
ଅମରେଶ —ଶ୍ରୀ ମୁନା ପଟ୍ଟନାୟକ (ମୃତ୍ୟୁଞ୍ଜୟ ପଟ୍ଟନାୟକ)
ପୋଲିସ —ବୁଲୁବାବୁ
ସୂର୍ଯ୍ୟକାନ୍ତ —ଶ୍ରୀ ଶ୍ୟାମସୁନ୍ଦର ନାୟକ
ଓ
ମହାକାଳ — ଶ୍ରୀ କ୍ଷୀରୋଦ ଚନ୍ଦ୍ର ମିଶ୍ର
ଧରଣୀ —ମାମିନା
ମଧୁମତୀ —ବିନା
ନର୍ତ୍ତକୀ —ରମା
ମଞ୍ଚ ପରିଚାଳନା—ଘନ, ବୁଲୁ
ସଙ୍ଗୀତ ନିର୍ଦ୍ଦେଶନା—ପ୍ରଣବ କଳା ମନ୍ଦିର—ପୁରୀ
ସ୍ୱର ସଂଯୋଜନା—ଶ୍ରୀ ହରିହର ଖୁଣ୍ଟିଆ (ବିଶାରଦ)
ଶ୍ରୀ ଗୋପାଳ ମିଶ୍ର
ଯନ୍ତ୍ରୀ ବୃନ୍ଦ—ଗୋପାଳ, ରାଜୁ, ଆର୍ତ୍ତି ଓ ହରିହର
କଣ୍ଠଦାନ—ବିଜୟଲକ୍ଷ୍ମୀ ଓ ଅଶୋକ

ଗୀତ ରଚନା—ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ
ଶ୍ରୀ ଅଗ୍ନିବାଣ ଶତପଥୀ
ନୃତ୍ୟ ନିର୍ଦ୍ଦେଶନା—ମହମ୍ମଦ୍ ଜମାଲ —
ସ୍ୱର—ଜଗମୋହନ, ପ୍ରସନ୍ନ ଓ କୃଷ୍ଣ
ଷ୍ଟେଜ ଆଲୁଅ—ବୁଲୁ ଇଲେକ୍‌ଟ୍ରିକାଲ୍‌ସ
ଶବ୍ଦ ନିୟନ୍ତ୍ରଣ ଓ ସ୍ୱତନ୍ତ୍ର ଶବ୍ଦ ପ୍ରବାହ—ମଡ଼ର୍ଣ୍ଣ ରେଡ଼ିଓ ସାଉଣ୍ଡ, ପୁରୀ
ମଞ୍ଚମାୟା—ଅନ୍ନପୂର୍ଣ୍ଣା ଚିତ୍ରାଳୟ ଓ ଘନବାବୁ
ବେଶ ବିନ୍ୟାସ—ଘନବାବୁ
ସ୍ମାରକ—
ମଞ୍ଚ ପରିକଳ୍ପନା—ନାଟ୍ୟକାର
ସହକାରୀ ନିର୍ଦ୍ଦେଶକ—ଶ୍ରୀ କ୍ଷୀରୋଦ ଚନ୍ଦ୍ର ମିଶ୍ର
ଶ୍ରୀ ଦଳିପ ଦାଶ
ଶ୍ରୀ କେଦାର କାନୁନ୍‌ଗୋ
ନିର୍ଦ୍ଦେଶକ—ଶ୍ରୀ ନିତ୍ୟାନନ୍ଦ ମିଶ୍ର
ନାଟ୍ୟକାର—ଶ୍ରୀ ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

●

ନାଟକ ଆରମ୍ଭ ହେବା ପୂର୍ବରୁ ଏବଂ ଦର୍ଶକମାନେ ଆସିବା ଆଗରୁ ପ୍ରେକ୍ଷାଳୟର ଆଲୋକ କ୍ଷୀଣ ନୀଳାଭ ହେବା ଆବଶ୍ୟକ ଏବଂ ନାଟକ ଶେଷ ପର୍ଯ୍ୟନ୍ତ ଏହି ଆଲୋକରେ ପ୍ରେକ୍ଷାଳୟ ଆଲୋକିତ ହେବ । ନାଟକ ଶେଷରେ କେବଳ ଉଚ୍ଚ ଶକ୍ତି ସମ୍ପନ୍ନ ଆଲୋକ ଜଳି ଉଠିବ । ଅନ୍ୟ କୌଣସି ସମୟରେ ପ୍ରେକ୍ଷାଳୟର ଉଚ୍ଚ ଶକ୍ତି ସମ୍ପନ୍ନ ଆଲୋକ ଜଳି ପାରିବନି । ନାଟକ ଆରମ୍ଭ ହେବାର କେଇ ସେକେଣ୍ଡ ପୂର୍ବରୁ ସମସ୍ତ ମଞ୍ଚ ତଥା ପ୍ରେକ୍ଷାଳୟ ଅନ୍ଧକାର ହୋଇଯିବ । ସେଇ ନିରନ୍ଧ୍ର ଅନ୍ଧକାର ମଧ୍ୟରେ ଭାସି ଆସିଛି ବିଭିନ୍ନ ପ୍ରକାର ହସ, ଚିତ୍କାର ତଥା ଯନ୍ତ୍ରଣାର ସ୍ୱର । କିଛି ସମୟ ପରେ ସବୁ ନୀରବ, ଶାନ୍ତ । ତା ପରେ ସେଇ ଅସ୍ପଷ୍ଟ ଆଲୋକରେ ଦେଖାଗଲା ଦ୍ୱିତୀୟ ଗଳି ରାସ୍ତା ଦେଇ ତୃତୀୟ ମଞ୍ଚ ଉପରକୁ ଆସିଛି ଜଣେ ଲୋକ—ପୁରୁଷ । କଣ୍ଠରେ ତାର "ରାମ ଯେ ରାମ—ହାତରେ ଦାସକାଠିଆ—ସ୍ୱର ତାର ଧୀରେ ଧୀରେ ଲମ୍ବିଯାଇଛି । Street Light ସବୁ ଜଳି ଉଠିଛି । ସମୟ ସନ୍ଧ୍ୟା ବୋଲି ଧରି ନିଆଯାଇ ପାରେ । ଲୋକଟିର ବୟସ କହିହେବନି । ହୁଏତ ଗୋଟିଏ ପାଗଳ । ପାଗଳ ନ ହୋଇ ବି ପାରେ । କାଖରେ ତାର ଗୋଟାଏ ପୁଟୁଲି । କଣ୍ଠରେ ତାର ସଙ୍ଗୀତର ମୂର୍ଚ୍ଛନା । ନୀରବ ହୋଇ-ଯାଇଚି । ତା ପରେ ସେ ଦୃଷ୍ଟିପାତ କରିଛି । ପ୍ରଥମ ମଞ୍ଚ ଉପରେ ପରଦା ଧୀରେ ଧୀରେ ଖୋଲିଯାଉଛି । ଦେଖାଗଲା ଗୋଟିଏ ବିତ୍ତବଶାଳୀ ପରିବାରର ପ୍ରକାଣ୍ଡ କୋଠାଘର । ଅଥଚ ଜରାଜୀର୍ଣ୍ଣ, ଶ୍ରୀହୀନ । ଅତୀତରେ ଥିଲା ଏକ ବିତ୍ତବଶାଳୀ ପରିବାରର ବିଳାସ-ଭବନ । କିନ୍ତୁ ଆଜି ମଳିନ, ଶ୍ରୀହୀନ, ଆବାସପତ୍ର ରଙ୍ଗହୀନ, ନିଷ୍ପ୍ରଭ, ସାଜସଜ୍ଜା ; କିନ୍ତୁ ସୁନ୍ଦର-ଘର ମଧ୍ୟରେ ଏକ କରୁଣ ହୃତଶ୍ରୀର ରାଗିଣୀ । ଗୋଟିଏ ପୁରୁଣା ସୋଫାର ଗୋଟିଏ କଣରେ

ବସିଥିଲେ ଧରଣୀ, ଘରର ମାଲିକ ଶ୍ରୀରାମ ଦାସଙ୍କ ସହଧର୍ମିଣୀ । ପ୍ରୌଢ଼ା କିନ୍ତୁ ସୁଶ୍ରୀ, ମୁଖଶ୍ରୀ ମଳିନ । ମନରେ ଉତ୍କଣ୍ଠା ଏବଂ ଆବେଗ । ସେଇ ମଞ୍ଚ ଉପରେ ଦୃଷ୍ଟିପାତ କରି ଦୃଷ୍ଟି ଫେରାଇ ନେଇ ୨ୟ ମଞ୍ଚ ଉପରେ ନିବଦ୍ଧ କରିଛି ସେ ପାଗଳଟା । ୨ୟ ମଞ୍ଚର ପରଦା ଖୋଲିଯାଇଛି ।

୨ୟ ମଞ୍ଚର ସାଜସଜ୍ଜାର ପରିପାଟୀ ଥିଲା ଅପୂର୍ବ । ଅତ୍ୟାଧୁନିକା ଶୈଳୀରେ ସୁସଜ୍ଜିତ ପ୍ରକାଣ୍ଡ ଡ୍ରଇଂ ରୁମ୍‌ର ଶୋଭାବର୍ଦ୍ଧନ କରୁଥିଲା ବିଦେଶୀ ଆସବାବ ସବୁ । କାନ୍ଥରେ ଦୁର୍ଲ୍ଲଭ oil painting. ତଳେ foreign carpet. ମନରେ ଇନ୍ଦ୍ରଭୁବନର ଭ୍ରମ ଆସୁଥିଲା । ସୋଫା ଉପରେ ବସିଥିଲେ ଅନାମ ରାଉତ—ଗୃହକର୍ତ୍ତା—ହାତରେ ଦାମୀ ବ୍ରୁଟ୍—ଲକ୍ଷପତି ତଥା ଶିଳ୍ପପତି—ସେ ଥିଲେ ପ୍ରୌଢ଼, ଗମ୍ଭୀର ତଥା ଗର୍ବୀ—

୩ୟ ମଞ୍ଚରେ ଠିଆ ହୋଇ ଉଭୟ ମଞ୍ଚକୁ ଚାହିଁ ଖୁବ୍ ଜୋର୍‌ରେ ହସିଉଠିଛି ସେ ପାଗଳଟା । ସେ ପାଗଳର ନାମ ଧରିନିଆଯାଉ ମହାକାଳ । ସେ ହସୁଥିଲା ବାର୍‌ପର—ତାଚ୍ଛଲ୍ୟର ଅଉ ଏକ ଚେତାବନୀର ହସ —

(ହସ ଧୀରେ ଧୀରେ ବନ୍ଦ ହୋଇଯାଇଛି)

ମହାକାଳ—ଏଇ ଆଖି—ଏଇ ଆଖି ଦେଖିଛି କେତେ ଉତ୍ଥାନ, କେତେ ପତନ, ଶତାବ୍ଦୀର ଅନନ୍ତ ଲହରୀ । କେତେ ରାଜା, କେତେ ମହାରାଜା, କେତେ ସମ୍ରାଟ୍, କେତେ ବାଦ୍‌ଶାହା ·· ସବୁ ଆସିଛନ୍ତି ଆଉ ଯାଇଛନ୍ତି । ମହାକାଳର ଅନନ୍ତ ଗର୍ଭରେ ସବୁ ହଜି ନିଶ୍ଚିହ୍ନ ହୋଇଯାଇଛି ଏଇ ଆଖି ସବୁ ଦେଖିଛି · (ହସ) "Everybody is a toy in the hands of time."

"କେହି ରହିନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ,

ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ।"

[ମହାକାଳ ପୁଣି ଟିକିଏ ହସିଚ—ଏକ ମୂଲ୍ୟମ ହସ]

କେତେ ଗର୍ବ କେତେ ଅହଙ୍କାର, ମାନ, ଅଭିମାନ ସବୁ ମିଳେଇ ଯାଇଛି । ଠିକ୍ ଗ୍ରୋଟ ଗ୍ରୋଟ ପାଣି ଫୋଟକା ଭଳି । ପୁରୁଣା ସବୁ ଭାଙ୍ଗି ଯାଇଛି । ନୂଆ ସବୁ ଗଢ଼ି ଉଠିଛି । ଧ୍ୱଂସ ଆଉ ସୃଷ୍ଟି । ସୃଷ୍ଟି ଆଉ ସଂହାର । ବିବର୍ତ୍ତନର ଅନନ୍ତ ଲହରୀ । ଗଲା କାଲିର କବର ଉପରେ ଆସନ୍ତାକାଲିର ସ୍ଲାଇଟ୍ଟେପର । [ହସିଚ] ଏଇ ଆଖି ସବୁ ଦେଖିଚ । ସବୁ ଚାଲିଯିବ । ମହାକାଳର ସେଇ ଅସରନ୍ତି ଇତିହାସ ପୃଷ୍ଠାରେ ଖାଲି ରହିଯିବ ମଣିଷର ମଣିଷପଣିଆ । ସମୟର ଉପରହଳା ବେଳା-ଭୂମିରେ ମାନବିକତାର ପାଦଚିହ୍ନ କଣ ? ମିଛ କହିଲି ? (ହସିଲା)

ଏହି ସମୟରେ ୨ୟ ଗଳିରାସ୍ତା ଦେଇ ୩ୟ ମଞ୍ଚ ଉପରକୁ ଆସିଲେ ଶ୍ରୀରାମ ଦାସ—ପ୍ରୌଢ଼, ବୟସ ପ୍ରାୟ ୪୦ ହେବ । ଏକଦା ସେ ଥିଲେ ଧନୀ, ମାନୀ ଆଉ ବିଭବଶାଳୀ ଜମିଦାର । ସେ ପ୍ରଧାନ ରାସ୍ତା ଦେଇ ନିଜ ଘର ୧ମ ମଞ୍ଚ ଆଡ଼କୁ ଆଗେଇ ଚାଲିଥିଲେ । ତାଙ୍କ ଚାଲିରୁ ମନେ ହେଉଥିଲା ସେ ଯେପରି କ୍ଲାନ୍ତ, ଅବଶ ଏବଂ ହତାଶ ହୋଇପଡ଼ିଛନ୍ତି । ସେ ଯାଉଥିବା ସମୟରେ ମହାକାଳ କଣ୍ଠରେ ଫୁଟିଉଠିଲା—

ମହାକାଳ—ଗର୍ବର ନଦୀବକ୍ଷରେ ଅନେକ ଢେଉର ଧକ୍କା—ହଠାତ୍ ଦିନେ ସେଥିରେ ଭଟ୍ଟା ପଡ଼ିଲା ଆଉ ତା ପରେ .....

[ଠିକ୍ ଏହି ସମୟରେ ୩ୟ ମଞ୍ଚରେ ଠୋ ଠୋ ହୋଇ ହସିଉଠିଲେ ଅନାମ ରାଉତ ଏବଂ ସେ ମଞ୍ଚରେ ଆଲୋକ ଲିଭିଗଲା...ମହାକାଳ କଣ୍ଠରେ କିନ୍ତୁ ଫୁଟିଉଠିଲା ଏକ ରହସ୍ୟମୟ ହସ—ସେ ଧୀରେ ଧୀରେ ସେଇ ରାସ୍ତା ଉପରେ ଶୋଇଗଲେ । ଶ୍ରୀରାମ ଦାସ ତାଙ୍କ ଘର ଭିତରକୁ ଗଲେ । ତାଙ୍କୁ ଦେଖୁ ଦେଖୁ ... ]

ଧରଣୀ—(ଉତ୍କଣ୍ଠାର ସହ) କଣ ହେଲା ? ସେମାନେ ସବୁ ରାଜି ହେଲେ ତ ?

ଶ୍ରୀରାମ—ନା ।

ଧରଣୀ—ରାଜି ହେଲେ ନି ? କିନ୍ତୁ ମଧୁ ତ ସେମାନଙ୍କର ପସନ୍ଦ ହୋଇଥିଲା । ତା ଛଡ଼ା......

ଶ୍ରୀରାମ—ମୁଁ ସେମାନଙ୍କର ପସନ୍ଦ ହେଲିନି ଧରଣୀ । ମୁଁ ଆଜି ଗରିବ ହୋଇଯାଇଚି ବୋଲି ମୋର ଦାରିଦ୍ର୍ୟତାକୁ ସେମାନେ ନିର୍ମମ ଭାବରେ ଉପହାସ କଲେ .... ।

ଧରଣୀ—କିନ୍ତୁ ସେମାନେ ତ କହୁଥିଲେ, ସେମାନଙ୍କର କୌଣସି ଯୌତୁକ ଦରକାର ନାହିଁ ବୋଲି ।

ଶ୍ରୀରାମ—ତୁଣ୍ଡରେ କହିବା ଆଉ କାମରେ କରିବା ଭିତରେ ଅନେକ ତଫାତ୍ ଧରଣୀ । ଏ ଯୁଗର ଶିକ୍ଷା ଆଉ ସଭ୍ୟତା ଆମକୁ Sugar Coated Pill ଭଳି ବ୍ୟବହାର କରିବାକୁ ଶିଖାଇଚି । ଶିଖାଇଚି ହସି ହସି ଛୁରୀ ଚଲାଇବାକୁ । ପ୍ରତାରଣା କରିବାକୁ । ସେମାନେ ଆମର ବନ୍ଧୁତା ଚାହାନ୍ତିନି, ଧରଣୀ—ସେମା'ନେ ଚାହାନ୍ତି ଆମର ଧନଦୌଲତ—Heavy dowry. They are blood suckers.

ଧରଣୀ—ମୋର ଗୋଟିଏ ବୋଲି ଝିଅ ଭାଗ୍ୟରେ କ'ଣ ଏଇଆ ଥିଲା ? ସେ କ'ଣ ସାରା ଜୀବନ ପାଇଁ ଅଭିଆଡ଼ି ରହିଯିବ ? ଯେତେ ଯୋଉଠୁ ତ ପ୍ରସ୍ତାବ ଆସିଲା ସବୁ ଏମିତି ଭାଙ୍ଗିଗଲା ।

ଶ୍ରୀରାମ—ସବୁ ଭାଗ୍ୟ ଧରଣୀ । ସବୁ ହୁଏତ ସେଇ ନିଷ୍ଠୁର ଭାଗ୍ୟର ନିର୍ମମ ଉପହାସ । ଭାଗ୍ୟର ସେ ରଙ୍ଗୀନ୍ ପଶାପାଲିରେ ଆମର ପଶାକାଠି ସବୁ ଆଜି ଅଚଳ ହୋଇଯାଇଚି । ଆମେ ଆଜି ଗରିବ ହୋଇଯାଇଚେ । କିନ୍ତୁ ଦିନ ଥିଲା ଯେତେବେଳେ ଧନକୁବେର ଶ୍ରୀରାମ ଦାସର ସାମାନ୍ୟ ଇଙ୍ଗିତରେ ଅନେକ କିଛି ଓଲଟ ପାଲଟ ହୋଇ ଯାଉଥିଲା · ।

ଧରଣୀ—ଅଜି କିନ୍ତୁ ଆମ ଜୀବନର ସୂର୍ଯ୍ୟାସ୍ତରେ ସେ ହଜିଲା ଅତୀତ ଆଉ ଫେରି ଆସିବନି । ଗୋଟିଏ ବୋଲି ଝିଅକୁ ବାହା ଦବାର ସମ୍ବଳ ଯାହା ପାଖରେ ନାହିଁ ...

ଶ୍ରୀରାମ—(ଆଘାତ ପାଇଛନ୍ତି) ଧରଣୀ ! ମୋର ଆଜି ଧନ ଚାଲିଯାଇଛି ସତ, ହେଲେ ମୋର ମାନ, ସମ୍ମାନ, ପ୍ରତିଷ୍ଠା ଆଭିଜାତ୍ୟ ଅତୀତରେ ଯାହା ଥିଲା ଆଜି ବି ଠିକ୍ ସେଇଆ ଅଛି ।

ଧରଣୀ—ଏଇଆ କହି କହି ନିଜ ମନକୁ ଆଶ୍ୱାସନା ଦେଉଛ ସିନା ହେଲେ କର୍ପୂର ଉଡ଼ିଯାଇଛି ଖାଲି ବାକି ରହିଛି କନା ଖଣ୍ଡିକ । ଧନ ଚାଲିଗଲା ପରେ ତା ସହିତ ମାନ, ମହତ୍ତ୍ୱ, ଇଜ୍ଜତ, ଆଭିଜାତ୍ୟ ସବୁ ଚାଲିଯାଏ । ଆଜି ଆମେ ସମସ୍ତଙ୍କର ଦୟାର ପାତ୍ର—କରୁଣାର ଭିକାରୀ—ସମସ୍ତଙ୍କର ଉପହାସର କେନ୍ଦ୍ରବିନ୍ଦୁ ।

ଶ୍ରୀରାମ— ଧରଣୀ ! (ରାଗି ଯାଇଛନ୍ତି)

ଧରଣୀ—ତମ ମନର ସବୁତକ ରାଗ ମୋ' ଉପରେ ଶୁଝାଇ ଦେଇ ତମେ ଯଦି ସନ୍ତୋଷ ପାଇପାରୁଛ, ତେବେ ମୁଁ ସେଥିରେ ବାଧା ଦେବିନି । କିନ୍ତୁ ମଧୁ ? ସେ କ'ଣ ସବୁଦିନ ପାଇଁ ବାପଘରେ ରହି ଆଖିରୁ ଲୁହ ଢାଳିବ ?

ଶ୍ରୀରାମ—ନା ଧରଣୀ । ତମ ଝିଅ ନିଶ୍ଚୟ ବାହାହେବ । ଏ ଘରେ ନିଶ୍ଚୟ ସାହାନାଇ ବାଜିବ ଧରଣୀ ଠିକ୍ ଯେମିତି ବାଜିଥିଲା ତମେ ଆସିବା ଦିନ । ରାଜଲକ୍ଷ୍ମୀର ସମସ୍ତ ସମ୍ମାନ ଦେଇ ମୁଁ ମଧୁମତୀକୁ ବଧୂ ବେଶରେ ବିଦାୟ ଦେବି ।

ଧରଣୀ—ମଧୁ ଜୀବନରେ ସେ ସୁଦିନ କେବେ ଆସିବ, ଏ ବିଶ୍ୱାସ ମୋର ଆଉ ନାହିଁ । ତଥାପି ତୁମକୁ ଗୋଟିଏ କଥା କହିବି, ରଖିବ ?

ଶ୍ରୀରାମ—କୁହ, ସଙ୍କୋଚ କାହିଁକି ?

ଧରଣୀ—ଅନାମବାବୁଙ୍କ ପୁଅ ସୂର୍ଯ୍ୟକାନ୍ତ ପାଇଁ ପ୍ରସ୍ତାବ ପକାଇଲେ .....

ଶ୍ରୀରାମ—( ଉତ୍ତ୍ୟକ୍ତ ହୋଇ ଉଠିଲେ ) ଧରଣୀ !

ଧରଣୀ—ମୁଁ ଜାଣେ ଧନ ଚାଲିଗଲା ପରେ ତୁମେ ଏବେ ଅନେକଟା ହିଂସ୍ର ହୋଇ-ଉଠିଛ । ସାମାନ୍ୟ ଛୋଟ ଛୋଟ କଥାରେ ଭାରସାମ୍ୟ ରଖି ନ ପାରି ମୋ ଉପରେ ରାଗିଯାଉଛ । ଜୀବନ ଜୁଆରେ ହାରି ହାରି ତମେ ଆଜି ନିଃସ୍ୱ, କ୍ଳାନ୍ତ । ତଥାପି ଥରେ ସୁସ୍ଥ ମନରେ ଚିନ୍ତା କଲେ ଦେଖିବ ମଧୁ ପାଇଁ ସୂର୍ଯ୍ୟକାନ୍ତ ହିଁ ଉପଯୁକ୍ତ—ତମେ ଯଦି ଚେଷ୍ଟା କରନ୍ତ··· ··

ଶ୍ରୀରାମ—ଅନାମ ରାଉତ ଘରେ ବନ୍ଧୁ ବାନ୍ଧବ ଶ୍ରୀରାମ ଦାସ ?

It is impossible, ଧରଣୀ । ମଧୁ ସେ ଘରକୁ ବୋହୂ ହୋଇ ଯାଇପାରେନା ।

ଧରଣୀ—କିନ୍ତୁ କାହିଁକି ?

ଶ୍ରୀରାମ—ଆଜି ସିନା ଅନାମ ରାଉତ ବଡ଼ଲୋକ ହୋଇଯାଇଚି କିନ୍ତୁ କେଇଟା ବର୍ଷ ତଳେ ଅନାମ ରାଉତର ବାପା ମୋ ଘରେ ଗୁମାସ୍ତା ଚାକିରି କରି ମୁଣ୍ଡର ବାଳ ସବୁ ଝୋଟ ହୋଇଯାଇଥିଲା ।

ଧରଣୀ—ହୁଏତ ହୋଇଥିଲା—କିନ୍ତୁ ସମୟର ବେ ଆଜି ଗଡ଼ି ଯାଇଛି । ମାନ, ସମ୍ମାନ, ଇଜ୍ଜତ, ପ୍ରତିପତ୍ତି ସବୁଥିରେ ଅନାମ ରାଉତ ଆଜି ଆମଠାରୁ ବହୁତ ଉଚ୍ଚରେ । ତା ଛଡ଼ା ସୂର୍ଯ୍ୟ ତ ଜଣେ ବିଲାତ ଫେରନ୍ତା ଇଞ୍ଜିନିୟର । ତାଙ୍କୁ ଜ୍ୱାଇଁ କଲେ କ୍ଷତି କଣ ? ସେମାନେ ପରସ୍ପରକୁ ଭଲପାଆନ୍ତି ·····

ଶ୍ରୀରାମ—(ଖୁବ୍ ରାଗିଯାଇ) ଧରଣୀ ! ମଧୁ ସୂର୍ଯ୍ୟକୁ ଭଲପାଏ ! ମୋର ଝିଅ ହୋଇ ମଧୁ ଏତେ ତଳକୁ ଚାଲିଗଲା ? ତମେ ଆଜିଯାଏ ଏକଥା ମତେ କହି ନ ଥିଲ କାହିଁକି ?

ଧରଣୀ—ମଧୁ ତଳକୁ ଚାଲିଯାଇନି । ଗଲଣି ତମେ । ମିଥ୍ୟା ଆଭିଜାତ୍ୟର ଶୃଙ୍ଖଳ ଜଞ୍ଜିରରେ ଥରେ ଛନ୍ଦି ହୋଇଗଲେ ପରେ ତୁମେ ତୁମର ମଣିଷ ପଣିଆ ଭୁଲିଯାଇଚ । ଭୁଲିଯାଇଚ ମାନବିକତା—ଅହଙ୍କାର ଭୂତ ଆଜି ତୁମକୁ ଆତ୍ମପ୍ରବଞ୍ଚନା ଶିଖେଇଚି ।

ଶ୍ରୀରାମ—ଧରଣୀ ! ତମେ ବି ମତେ ବିଦ୍ରୂପ କରିବାକୁ ଆରମ୍ଭ କରିଛ, ନା ? କିନ୍ତୁ ମନେରଖ ଧରଣୀ, ମୁଁ ବଞ୍ଚି ଥାଉ ଥାଉ ମଧୁ କେବେହେଲେ ଅନାମ ରାଉତର ବୋହୂ ହୋଇପାରେନା ।

ଧରଣୀ—(ଚଡ଼ାଗଳାରେ) କାରଣ ଈର୍ଷାରେ ତୁମେ ଜଳିଯାଉଛ । ତମର ଚାକର ଅନାମ ରାଉତ ବଡ଼ଲୋକ ହୋଇଯାଇଛି ବୋଲି ସହିପାରୁନା । ହଜିଲା ସମ୍ମାନର ଦ୍ୱାହି ଦେଇ ନିଜର ଦାରିଦ୍ର୍ୟତାକୁ ଲୁଚେଇବାର ଚେଷ୍ଟା କରି ନିଜକୁ ନିଜେ ଠକି ଚାଲିଛ······

ଶ୍ରୀରାମ—ଧରଣୀ । Stop it.

ଧରଣୀ—ଆଜି ଆମର ଏ ଦୁରବସ୍ଥା ପାଇଁ ତୁମେ ଦାୟୀ—ଦାୟୀ ତୁମର ସେ ଉଚ୍ଛୃଙ୍ଖଳ ଜୀବନ ··

ଶ୍ରୀରାମ – ଧରଣୀ !

ଧରଣୀ— ଆଉ କାହିଁକି ? ତମର ସେ ଆଦରର ଧରଣୀ ତ ଅନେକ ଦିନ ତଳେ ମରିଯାଇଚି । ଯୋଉଦିନ ବାର ବିଳାସିନୀ ନର୍ଗିସଙ୍କର ରୂପ ଲାବଣ୍ୟରେ ପାଗଳ ହୋଇ ତମେ ଏ ଘରର ଲୁହା ଚେଷ୍ଟଶ୍ରେ ହାତ ଦେଲ ସେଇଦିନ ଠାରୁ ଏ ଘରୁ ଲକ୍ଷ୍ମୀ ଗୁଣ୍ଡ ଚାଲି ଯାଇଛନ୍ତି ।

ଶ୍ରୀରାମ— ବନ୍ଦକର ଧରଣୀ···ବନ୍ଦକର । ବିସ୍ମୃତିର ଅତଳ ଗହ୍ୱରକୁ ଫେରିଯାଇ କିଛି ଲାଭ ହେବନି । ତମେ ଫେରି ଆସିବ ହାତରେ କେଇଖଣ୍ଡ ସ୍ମୃତିର ଅଙ୍ଗାର ଧରି ।

ଧରଣୀ—ଆଉ ସେଇ ଅଙ୍ଗାର ଆଜି ଜଳିବାକୁ ଆରମ୍ଭ କରିଛି । ତାରି ନିଆଁରେ ଜଳି ଜଳି ଏ ଘରଟା ଦିନେ ଅଙ୍ଗାର ହୋଇଯିବ କେବଳ ତମରି ପାଇଁ···

ଶ୍ରୀରାମ—ଧରଣୀ !

ଧରଣୀ— ଯୋଉ ହାତରେ ଦିନେ ସୁନାର କାଚ ମୋର ଝଲ୍‌ମଲ୍ କରୁଥିଲା ସେଇ ହାତରେ ଆଜି ପାଣିକାଚ ପିନ୍ଧିଲି । ଯାହାପାଇଁ ଦିନ ରାତି ଦାସୀ ପରିବାର ଖଟୁଥିଲେ ସେ ଆଜି ସାତ ପୋଇଲି ଠାରୁ ବି ହୀନ ହୋଇଗଲି ···ସେଇ ବେଶ୍ୟାକନ୍ୟା ନର୍ଗିସଙ୍କର ରୂପର ନିଆଁରେ ଏ ଘରର ମାନ, ସମ୍ମାନ, ଇଜ୍ଜତ, ଆଭିଜାତ୍ୟ ସବୁ ପୋଡ଼ି, ପାଉଁଶ ହୋଇଗଲା, ତାର ସେ ନୂପୁର ଝଙ୍କାରରେ ···

ଶ୍ରୀରାମ (ନିଜ କାନରେ ହାତ ଦେଇ) ବନ୍ଦକର ଧରଣୀ ବନ୍ଦକର···(ତା ପରେ ଅସ୍ପଷ୍ଟ ଭାବରେ ) ନର୍ଗିସ···

[ ହଠାତ୍ ଯେପରି ଶ୍ରୀରାମ ଦାସ ଅତୀତକୁ ଫେରି ଯାଇଚନ୍ତି । ଠିକ୍ ଏହି ସମୟରେ ୨ୟ ମଞ୍ଚରେ ଶୁଣାଯାଇଛି ସଙ୍ଗୀତର ମୂର୍ଚ୍ଛନା······ତାଳେ ତାଳେ ନାଚୁଥିଲା ନର୍ତ୍ତକୀ ନର୍ଗିସ । ଦର୍ଶକମାନଙ୍କର ଦୃଷ୍ଟି ୨ୟ ମଞ୍ଚକୁ ଟାଣିହୋଇ ଗଲାବେଳେ ୧ମ ମଞ୍ଚର ଆଲୋକ ଲିଭିଯାଇଛି ନର୍ଗିସ କଣ୍ଠରେ ସଙ୍ଗୀତର ମୂର୍ଚ୍ଛନା ····· ପାଦରେ ନୃତ୍ୟର ଝଙ୍କାର ]

ଗୀତ—

ଚାହିଁ ଚାହିଁ ପାହିଗଲା ମଧୁଝରା ବାସର
ମଉଳିଲା ତାରାଫୁଲ ନ ଆଇଲେ ନାଗର
ଭରା ଯଉବନ ମୋର ଝର ଝର ଲୋତକରେ
ଛନ ଛନ ଜହ୍ନତଳ ପ୍ରିୟ ପଥ ଚାହିଁରେ
ଏଇ ରାତି ମଧୁମତ୍ତା—ଆସିଲେ ନା ପରଦେଶୀ
ମଉଳିଲା ଗନ୍ଧଫୁଲ ଆସର

ଚାହିଁ ଚାହିଁ..... (୧)

ରୁଣୁଝୁଣୁ ରୁଣୁଝୁଣୁ ପାଦେ ମୋର ନୂପୁର
ତୁମ ପାଇଁ ଗାଏ ଆଜ ପ୍ରୀତିର ମୁଁ ମହ୍ଲାର
ସପନର ମଧୁବନେ, ଲାଜେ ଭିଜା ଏ ନୟନେ
ତୁମ ଲାଗି ଜାଳେ ପ୍ରିୟ ଜାଗର

ଚାହିଁ ଚାହିଁ...... (୨)

[ ତା ପରେ ନୃତ୍ୟ ସଙ୍ଗୀତର ମଧୁର ଆସର ଭିତରେ ଫୁଟି ଉଠିଲା ଶ୍ରୀରାମ ଦାସଙ୍କର ହଜିଲା ଅତୀତର କେଇଟି ରୋମାଞ୍ଚ ସ୍ମୃତି। ନିଶିଗନ୍ଧାର ବିଳାସ କକ୍ଷ ମଧ୍ୟକୁ ପ୍ରବେଶ କଲେ ଶ୍ରୀରାମ। ଉଦ୍ଦାମ ଯୌବନର ଅଜସ୍ର ଚପଳତା ଢେଉ। ନୃତ୍ୟ ସଙ୍ଗୀତର ଆସର ମଧ୍ୟରେ ନିଶିଗନ୍ଧା ରାମ ଦାସଙ୍କୁ ପାଛୋଟି ନେଲେ। ପାଦ ତାର ଆତୁର ଚଞ୍ଚଳ ହୋଇ ଉଠିଲା। କଣ୍ଠରୁ ଝରିଲା ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା। ତା ପରେ ସବୁ ଶାନ୍ତ, ନୀରବ। ଆସରରେ ଯୋଗ ଦେଇଥିବା କଳାପ୍ରେମୀମାନେ ଜଣ ଜଣ କରି ନିଶିଗନ୍ଧାଠାରୁ ବିଦାୟ ନେଲେ। ଉପହାର ଗ୍ରହଣ କରି ସମସ୍ତଙ୍କୁ ବିଦାୟ ଦେଲା ନିଶିଗନ୍ଧା। ରହିଗଲେ କେବଳ ଶ୍ରୀରାମ ଦାସ। ଆଖିରେ ତାର ପ୍ରଣୟର ସ୍ୱପ୍ନ। ନିଶି ଧୀରେ ଧୀରେ ତାଙ୍କ ନିକଟକୁ ଆଗେଇ ଯାଇ ତାଙ୍କ ନିକଟରେ ବସିଲା ]

ନିଶି—(ହସି) ଆଜି ଏତେ ଡେରିରେ ଆସିଲ ଯେ ? କ'ଣ ମୋ ଉପରେ ରାଗିଛ ?

ଶ୍ରୀରାମ—ନା ନିଶି ମୁଁ କଣ କେବେ ତୁମ ଉପରେ ରାଗିପାରେ ? ତୁମେ ଯେ ମୋର ଅନେକ ରାତିର ନିଶା ଆଉ ଅନେକ ନିଶାର ରାତି । ସତରେ ନିଶି ତୁମକୁ ପାଇଲା ପରେ ମନେହେଲା ସତେ ଯେମିତି ମୁଁ ମୋ ଜୀବନର ଗୋଟିଏ ଲାଜକୁଳୀ ରଜନୀଗନ୍ଧାର ସ୍ପର୍ଶ ପାଇଚି ।

ନିଶି—ଆଉ—ଆଜିକାଲି ତୁମେ ବଡ଼ ଦୁଷ୍ଟ ହେଲଣି ।

ଶ୍ରୀରାମ—ବିଶ୍ୱାସ କର ନିଶି ମୋ ମନର ମରୁଦ୍ୟାନରେ ତୁମେ ହେଉଚ ଏକ ସଜଫୁଟା ରକ୍ତ ଗୋଲାପ । ତୁମକୁ ପାଇ ମୁଁ ମୋ ଜୀବନର ସବୁ ଯନ୍ତ୍ରଣା ଭୁଲି ଯାଇଛି । ମୁଁ ଖାଲି ତମକୁ ଚାହେଁ ନିଶି ··ଚାଲ···

ନିଶି—କୁଆଡ଼େ . ?

ଶ୍ରୀରାମ—ଅନେକ ଦୂରକୁ·· ଯୋଉଠି ହସୁଥିବ ଏ ରକ୍ତଜବାର ରାତି । ଯୋଉଠି ଦେଖିବା ଆମେ ନିଶିପଦ୍ମର ସ୍ୱପ୍ନ । ଶୁଣିବା ଭଲପାଇବାର ମେଘ-ମହ୍ଲାର···

ନିଶି—ଆଉ ଏ ସମାଜ··· ?

ଶ୍ରୀରାମ—(ହସି) ଏ ସମାଜକୁ ତୁମେ ଭୟ କରୁଚ ? ଲକ୍ଷପତି ଶ୍ରୀରାମ ଦାସ ଇଚ୍ଛାକଲେ ଏ ସମାଜଟାକୁ କେଇଟା ମୁହୂର୍ତ୍ତିରେ ଓଲଟପାଲଟ କରିଦେଇ ପାରିବ । ମୁଁ ତୁମକୁ ବିବାହ କରିବ ନିଶି । ମୋର ଅନେକ ଦିନର ସ୍ୱପ୍ନକୁ କଣ ତୁମେ ସାର୍ଥକ ହବାକୁ ଦବନି ····· ?

ନିଶି—ଆଉ ତୁମର ସ୍ତ୍ରୀ · ତୁମର ସଂସାର ··

ଶ୍ରୀରାମ—ତୁମପାଇଁ ମୁଁ ସବୁ ତ୍ୟାଗ ସ୍ୱୀକାର କରିବାର ନିଷ୍ପତ୍ତି ନେଇଛି ନିଶି...

ନିଶି—ତଥାପି ଏ ସମାଜ କଣ ମତେ ଗୋଟାଏ କୁଳବଧୂର ସମ୍ମାନ ଦେବ ? ମତେ ପାଇ ତୁମେ କଣ ଶାନ୍ତିରେ ରହିପାରିବ ··

ଶ୍ରୀରାମ—(ହସି) ସେ ଆତ୍ମବିଶ୍ୱାସ ମୋର ଅଛି ନିଶି । ତା ହୋଇ ନଥିଲେ ମୋ ଭଲପାଇବାର ସେ ଅମ୍ଳାନ ପୁଷ୍ପାଞ୍ଜଳିକୁ ମୁଁ କଣ ଏମିତି ତମ ପାଦତଳେ ଅଜାଡ଼ି ଦେଇଥାନ୍ତି । ମୁଁ ତୁମକୁ ଭଲପାଏ ନିଶି । ମତେ ବିଶ୍ୱାସ କର

ନନ୍ଦି—ଏତେ ବଡ଼ ସୌଭାଗ୍ୟ କଣ ମୋର ହବ ? ଆମର ଏ ସୁଖ-ସ୍ୱପ୍ନ ତ ଭାଙ୍ଗି ଯିବନି ?

ଶ୍ରୀରାମ—ନା ନନ୍ଦି....ଏ ସ୍ୱପ୍ନ କେବେ ଭାଙ୍ଗିଯିବନି କି ଆମର ପ୍ରେମ କେବେ ତୁଟି ଯିବନି....ଆମେ ଖାଲି ଆଜିର ନୁହେଁ, ଜନ୍ମଜନ୍ମାନ୍ତରର ସାଥି··ନିଅ···

[ କହି ନନ୍ଦି ବେକରେ ଗୋଟିଏ ମୂଲ୍ୟବାନ୍ ନେକ୍‌ଲେସ୍ ପିନ୍ଧାଇ ଦେଲେ ଏବଂ ଭାଡ଼ାଏ ନୋଟ୍ ତା ହାତରେ ଧରାଇଦେଲେ । ତା ପରେ ନନ୍ଦିଗନ୍ଧା'କୁ କୋଳକୁ ଟାଣିନେଲେ । ନନ୍ଦିଗନ୍ଧା ହସି ହସି ନିଜକୁ ମୁକ୍ତକର ପାନ-ପାତ୍ରରେ କିଛି ବିଦେଶୀ ପାନୀୟ ଢାଳି ଶ୍ରୀରାମକୁ ପିଆଇଦେଲେ - ଶ୍ରୀରାମ ପିଇ ଚାଲିଲେ ଏହି ସମୟରେ ଅନ୍ୟ ମଞ୍ଚରେ ହସି ଉଠିଚ ମହାକାଳ]

ମହାକାଳ—ଜଳିଯିବ ·· ସବୁ ଜଳିଯିବ । ଠିକ୍ ଦିନେ ଯେମିତି ଜଳିଯାଇଥିଲା ସ୍ୱର୍ଣ୍ଣମୟୀ ଲଙ୍କା, ସତୀ ଜାନକୀଙ୍କର ରୂପର ନିଆଁରେ । ଜଳିଯାଇଥିଲା ବିଭବଶାଳୀ ହସ୍ତିନା ନଗରୀ, ମହାସତୀ ଦ୍ରୌପଦୀଙ୍କର ଅଖିର ଲୁହରେ । ମାନୀ ଦୁର୍ଯ୍ୟୋଧନ···ତୋର ଗର୍ବ, ଦମ୍ଭ, ଅହଂକାର ସବୁ କୁଆଡ଼େ ଗଲା । (ହସିଚ) ସବୁ ଜଳିଗଲା, ମହାକାଳର ସେଇ ଅନନ୍ତ ଗର୍ଭରେ ସବୁ ନଶ୍ଚିହ୍ନ ହୋଇଗଲା । ଖାଲି ରହିଗଲା ସ୍ମୃତିର ମୁଠାଏ ଅଲେଡ଼ା ଅଙ୍ଗାର ।

[ଠିକ୍ ଏହି ସମୟରେ ଶ୍ରୀରାମ ନନ୍ଦିଗନ୍ଧା'ଠାରୁ ବିଦାୟ ନେଇ ଚଳିଚଳି ରାସ୍ତା ଉପରକୁ ଆସିଲେ ମହାକାଳ ନିକଟରେ ପହଞ୍ଚିଲା ସଙ୍ଗେ ସଙ୍ଗେ ମହାକାଳ ତାଙ୍କ ନିକଟରେ ହାତପତାଇ କିଛି ମାଗିଛି । ନନ୍ଦିଗନ୍ଧା ଚାହିଁ ରହିଥିଲା ରାମ ଦାସଙ୍କ ଯିବାବାଟକୁ ମହାକାଳକୁ ଦେଖି ଶ୍ରୀରାମ – ମଦ ନିଶାରେ ]

ଶ୍ରୀରାମ—ହଟ୍ ଯାଓ ପାଗଲ୍ କାହେଁକା···

(କହି ମହାକାଳକୁ ଟପି ଚାଲିଗଲେ ଅନ୍ୟ ମଞ୍ଚରୁ ୧ମ ଗଳିରାସ୍ତା ଦେଇ )

ମହାକାଳ—(ଓଠରେ ଫୁଟି ଉଠିଛି ହସ)

ପାଗଳ (ବିଦ୍ରୂପରେ) ଏ ଦୁନିଆଟା ତ ଗୋଟାଏ ମସ୍ତବଡ଼ ପାଗଳ ଗାରଦ। All of you have gone mad. ସୁରା ଆଉ ସାକୀ, କାମିନୀ ଆଉ କାଞ୍ଚନ। Dead poison. ଉତ୍କଟ ହଳାହଳ । ଆଉ ସେଇ ବିଷାକ୍ତ ଗରଳ ପିଇ ପିଇ ତମେ ସମସ୍ତେ ପାଗଳ ହୋଇ ଯାଇଛ। Am I correct? (ହସିଚ) ଟିକିଏ ହସ– ଟିକିଏ ନାଚ –କେଇପଦ ସଂଗୀତର ବେସୁରା ମୂର୍ଚ୍ଛନା···ବାସ୍···ବଡ଼ା ବଡ଼ା ନୋଟ୍ ଫିଙ୍ଗିଦେଲେ। ଅଥଚ ମୁଁ ଏତେ ଧର୍ମତତ୍ତ୍ୱ ଶୁଣାଇଲି, ଗୋଟାଏ ପଇସା ବି ଦେଲନି। କିଛି ରହିବନି। ସବୁ ଜଳିଯିବ। ସେଇ ରୂପର ସର୍ବଗ୍ରାସୀ ଅନଳ ଗ୍ରାସରେ ସବୁ ଜଳିଯିବ। Helen of Troy. ଜଳିଯିବ···ଜଳିଯିବ···

[ତା ପରେ ରାମତାଳି ବଜାଇ ବଜାଇ ମହାକାଳ ଧୀରେ ଧୀରେ ମସ୍ତ ଗଳିରାସ୍ତା ଦେଇ ବାହାରକୁ ଯାଇଛି। ଜଗିଁଙ୍କା, ରାମ ଦାସଙ୍କ ଯିବା ବାଟକୁ ଚାହିଁ ରହିଥିଲା। ମହାକାଳ ଯିବା ପରେ ଫେରି ଚାହିଁଲାବେଳକୁ ଲଚ୍ଛୁ ସିଂ ତାକୁ ବଡ଼ ବଡ଼ ଆଖିରେ ଚାହିଁଛି]

ଜଗି· (ଲଚ୍ଛୁର ଉଗ୍ର ଚାହାଁଣୀ ଦେଖି ଭୟରେ) ଆରେ ଲଚ୍ଛୁଭାଇ

ଲଚ୍ଛୁ—ଜଗି, ମୋର ମନେହୁଏ ଲକ୍ଷପତି ଶ୍ରୀରାମ ଦାସର ପ୍ରେମଜାଲରେ ତୁ ଧୀରେ ଧୀରେ ଛନ୍ଦି ହୋଇ ଯାଉଛୁ।

ଜଗି—(ହସିବାର ଚେଷ୍ଟାକରି) ଏଠି କେହି କେବେ ମନର ସଉଦା କରେନି ଲଚ୍ଛୁଭାଇ। ଏଠି ଖାଲି ହୁଏ ଦେହର ସଉଦା। ତୁ ଭୟ କରୁଛୁ କାହିଁକି? ଲକ୍ଷପତି ଶ୍ରୀରାମ ଦାସ ଏଠିକି ଆସେ କେଇଟା ଘଣ୍ଟାର ଅତିଥି ହୋଇ। ତାର ସେ ଅଶାନ୍ତ ମନର, ଅନେକ ବୋଝ ହାଲ୍‌କା କରି, ସେ ପୁଣି ଫେରିଯାଏ ମାତାଲ ହେଇ।

ଲଚ୍ଛୁ—ମୋର କିନ୍ତୁ ଗୋଟାଏ କଥା ମନେ ରଖିବୁ ଜଗି। ତୁ ଯାହା ହେଲେ ବି ଗୋଟାଏ ନାଚବାଲି। ଏ ସମାଜ କେବେହେଲେ ତତେ କୁଳବଧୂର ସମ୍ମାନ ଦବନି। ଘର ସଂସାର ଗଢ଼ିବାର ସ୍ୱପ୍ନ ତୋର ସବୁଦିନ ପାଇଁ ସ୍ୱପ୍ନରେ ରହିଯିବ।

ଜଗି—(ମନର ଭାବ ଗୋପନ ରଖି) ସେ ସ୍ୱପ୍ନ ମୁଁ କେବେ ଦେଖିନି ଲଚ୍ଛୁଭାଇ। କିନ୍ତୁ ଧରାଦେବାର ଛଳନା ନ କଲେ ବଡ଼ଲୋକମାନଙ୍କର ତ୍ରେଜେରି

ଖାଲି କରିବାକୁ ଅନେକ ଡେରି ଲାଗିବ । ଆଉ ସେଇଥିପାଇଁ ତ ମୁଁ ରୋଜ ରୋଜ ଅଭିନୟ କରେ ।

ଲଚ୍ଛୁ—କିନ୍ତୁ ଅନେକଦିନ ଧରି ମୁଁ ଲକ୍ଷ୍ୟ କରୁଛି ଶ୍ରୀରାମ ଦାସ ସହିତ ତୋର ଆନ୍ତରିକତା । ତୁ ହୁଏତ ତା ପ୍ରତି ଆକୃଷ୍ଟ ହୋଇ ପଡ଼ିଛୁ । ତୋର ଅଜାଣତରେ ତୁ ହୁଏତ ତାକୁ ଭଲ ପାଇ ବସିଛୁ । ଘରସଂସାର କରିବାର ସ୍ୱପ୍ନ ଦେଖିଛୁ ··

ନଗି—( ସତେ ଯେପରି ଧରା ପଡ଼ିଯାଇଛି ) ଲଚ୍ଛୁଭାଇ ···

ଲଚ୍ଛୁ—ମୋ ସହିତ ବିଶ୍ୱାସଘାତକତା କଲେ ପରିଣାମ ବିଷମୟ ହୋଇ ଉଠିବ ନଗି । ଯୋଉ ନର୍ଦ୍ଦମା କଡ଼ରୁ ତତେ ଟୋକିଆଣି ମୁଁ ମଣିଷ କରିଛି ସେଇ ନର୍ଦ୍ଦମା କଡ଼ରେ ଫିଙ୍ଗି ଦେବାକୁ ମତେ ବେଶୀ ଡେରି ଲାଗିବନି । ଏକଥା ଯେପରି ତୋର ମନେ ରହେ ।

ନଗି—ଲଚ୍ଛୁଭାଇ···ତୋର ବି ମନେ ରଖିବା ଉଚିତ୍ ଯେ ମୁଁ ଜଣେ ନାରୀ, ଯୁବତୀ । ମୋର ମନ ଅଛି । ମୋର ଆତ୍ମା ଅଛି । ଆଉ ମୋ ମନର ସେ ସବୁଜ ମଣିଷଟା ବି ବେଳେ ବେଳେ ଭଲପାଇବାର ମଧୁଚନ୍ଦ୍ରିକା ଉପଭୋଗ କରିବାକୁ ବ୍ୟାକୁଳ ହୋଇ ଉଠିଛି ।

ଲଚ୍ଛୁ—ନଗି ! ଏଠି କେବଳ ଦେହର ସଉଦା ହୁଏ ମନର ନୁହେଁ । ତତେ ମୋର ନିର୍ଦ୍ଦେଶ ମାନିବାକୁ ପଡ଼ିବ ।

ନଗି—ନା ।

ଲଚ୍ଛୁ—ନଗି !

ନଗି—ନା, ନା, ନା । ମୁଁ ତୋର କୌଣସି ନିର୍ଦ୍ଦେଶମାନି ପାରିବନି । (କହି ଦୌଡ଼ି ଚାଲି ଯାଇଛି, ଲଚ୍ଛୁ ସିଂର ଆଖି ଦିଇଟା ଜଳି ଉଠିଛି)

[ଠିକ୍ ଏଇ ସମୟରେ ୧ମ ମଞ୍ଚରେ ଶୁଣାଯାଇଛି ଧରଣୀଙ୍କ କଣ୍ଠରେ ଏକ ଅର୍ତ୍ତ ଚିତ୍କାର—ଶ୍ରୀରାମ ଦାସଙ୍କ ଅତୀତ ଜୀବନର ଏକ କରୁଣ ଅଧ୍ୟାୟ ]

ଧରଣୀ—ନା, ନା, ମୁଁ ତୁମକୁ କେବେହେଲେ ଚନ୍ଦ୍ରକେଶ୍ୱର ଯିବା ଦେଇ ପାରିବନି ।

ଶ୍ରୀରାମ—(ମଦ ନିଶାରେ) ତୁମକୁ ଦବାକୁ ପଡ଼ିବ, ଧରଣୀ···ତା ନ ହେଲେ···

ଧରଣୀ—କିନ୍ତୁ କାହିଁକି ?

ଶ୍ରୀରାମ—ମୋର ଟଙ୍କା ଦରକାର ।

ଧରଣୀ—(ମଦର ବାସ୍ନା ବାରିପାରି) ତମେ ପୁଣି ମଦ ପିଇଲ ? ତମକୁ ଏତେ କରି କହିଥିଲି । ପ୍ରଣ, ନିୟମ ସବୁ ଭୁଲିଗଲ ।

ଶ୍ରୀରାମ—ପ୍ରଣ···ନିୟମ···ଏସବୁ କୁସଂସ୍କାରକୁ ମୁଁ ବିଶ୍ୱାସ କରେନା···ଧରଣୀ··· ମୋର ଟଙ୍କା ଦରକାର । ଯିଏ ମଦ ପିଇଛି ସେଇ କେବଳ ପିଇବାର ମଜା ଜାଣିଛି । ଦିଅ—ସ୍ତ୍ରୀ ଦିଅ ଧରଣୀ···

ଧରଣୀ—(ଦୃଢ଼ଗଳାରେ) ନା, ମୁଁ ଦେବିନି···

ଶ୍ରୀରାମ—ଦବନି !

ଧରଣୀ—ନା !

ଶ୍ରୀରାମ—ଧରଣୀ···(ଚଢ଼ା ଗଳାରେ)

ଧରଣୀ—ତମେ କଣ ଚାହଁ ଏ ଘରର ଇଜ୍ଜତଟା ମାଟିରେ ମିଶିଯାଉ ? ସମ୍ମାନ ଧୂଳିସାତ୍ ହୋଇଯାଉ ? ମୁଁ ବଞ୍ଚି ଥାଉ ଥାଉ ତା କେବେହେଲେ ହବାକୁ ଦେବିନି । ମୁଁ କଣ ତୁମର କେହି ନୁହେଁ ? ମଧୁ କଣ ତମର କେହି ନୁହେଁ ? ଗୋଟାଏ ସାମାନ୍ୟ ବାରବଧୂ ପାଇଁ···

ଶ୍ରୀରାମ—ଧରଣୀ ! ନିଶିଗନ୍ଧା ତମ ଆଖିରେ ଗୋଟାଏ ସାମାନ୍ୟ ବାରବଧୂ ! ସେ ଯାହା ହେଲେ ବି ସେ ଆଣିଦେଇଛି ମୋ ଜୀବନରେ ପୁଷ୍ପିତ ବସନ୍ତର ପ୍ରଥମ ସ୍ପର୍ଶ । ଆଣି ଦେଇଛି ମୋ ଜୀବନ-ଯମୁନାରେ ଅନେକ ଢେଉର ମର୍ମରିତ ମୂର୍ଚ୍ଛନା । ମୁଁ ତାକୁ ବିବାହ କରିବି ଧରଣୀ ··

ଧରଣୀ—ତମେ—ତମେ ଏକଥା ଚିନ୍ତା କରିପାରିଲ ? ମୁଁ ତମ ଗୋଡ଼ ଧରୁଛି ତୁମକୁ ମୋ ରାଣ, ତୁମକୁ ମଧୁ ରାଣ, ତୁମେ ସେ ନର୍କରୁ ଫେରି ଆସ । ଆମର ସୁନାର ସଂସାର ସବୁଦିନେ ଏମିତି ହସୁଥାଉ ।

ଶ୍ରୀରାମ—ଧରଣୀ । Don't talk nonsense । ମୁଁ ତୁମକୁ ଛାଡ଼ପତ୍ର ଦବାର ନିଷ୍ପତ୍ତି ନେଇଛି । ଦିଅ—ମୋର ସମୟ ଖୁବ୍ କମ୍ ··

ଧରଣୀ—ଆଉ ମଧୁ···

ଶ୍ରୀରାମ—ତା କଥା ମୁଁ ଚିନ୍ତା କରିବି ଧରଣୀ । ସେ ମୋର ଝିଅ ।

ଧରଣୀ—ଆଉ ମୁଁ କଣ ତାର କେହି ନୁହେଁ ? ଏଇ ଗ୍ରୁଡରୁ କ୍ଷୀର ଦେଇ ମୁଁ ତାକୁ ମଣିଷ କରିଛି । ତାକୁ ଛାଡ଼ି ମୁଁ କୁଆଡ଼େ ଯିବି ? ତମେ—ତମେ ମୋର ଗୋଟିଏ ଅନୁରୋଧ ରଖିବ ? ତମ ପାପର ଲେଲିହାନ ଅଗ୍ନିଶିଖାରେ ଏ ଘରଟା ପୋଡ଼ି ପାଉଁଶ ହୋଇଯିବା ଆଗରୁ ଆମ ମା ଝିଅ ଦୁହିଁଙ୍କୁ ଗୁଳିକରି ନିଜ ହାତରେ ମାରିଦେଇ ପାରିବ ?

ଶ୍ରୀରାମ—ଧରଣୀ ! (ଜୋର୍‌ରେ ଆପଡ଼ ମାରିଛନ୍ତି) ଯଦି ଦରକାର ପଡ଼େ ତେବେ ଠିକ୍ ସମୟରେ ମୁଁ ତୁମର ଅନୁରୋଧ ରକ୍ଷା କରିବି । (କହି ଧରଣୀଙ୍କ ଠାରୁ ଚାବି ନେଇ ଷ୍ଟ୍ରେକେସ ଖୋଲି କେଇବଣ୍ଡା ନୋଟ୍ ନେଇ ପକେଟ୍‌ରେ ରଖିଲେ)

ଧରଣୀ—ତମେ ମତେ ଆଜି ହାତ ଉଠାଇ ମାରି ପାରିଲ ? (କାନ୍ଦି ଉଠିଲେ) [ଏହି ସମୟରେ ଶ୍ରୀରାମ ଟଙ୍କାନେଇ ଚାଲିଗଲା ବେଳେ ଧରଣୀ ତାଙ୍କ ଗୋଡ଼ ଧରି କାନ୍ଦି କାନ୍ଦି]
ନା, ମୁଁ ତୁମକୁ କେବେହେଲେ ଯିବାକୁ ଦେବିନି । ଅରେ ମୋ ମୁନ୍ନିକୁ ଚାହିଁ । ଅରେ ମୋ ମଧୁ ମୁନ୍ନିକୁ ଚାହିଁ...

ଶ୍ରୀରାମ—ଧରଣୀ (ଯିବାକୁ ଚେଷ୍ଟା କରୁଥିଲେ)

ଧରଣୀ—ନା ନା, ମୁଁ ତୁମକୁ କେବେହେଲେ ଛାଡ଼ି ଦେବିନି ।

ଶ୍ରୀରାମ—Nonsense—(ବୋଲି ଚିତ୍କାର କରି ନିଜ ଗୋଡ଼କୁ ଜୋର୍‌ରେ ଛାଟି ଦେଲେ । ଧରଣୀ ଛିଟିକି ପଡ଼ିଲେ କିଛି ଦୂରରେ । ମୁଣ୍ଡ ତାଙ୍କର ତଳେ ମାଡ଼ ହୋଇ ଫାଟିଯାଇଚି । ଝରି ପଡ଼ୁଛି କେଇବୁନ୍ଦା ରକ୍ତ । ଆଖିରେ ଶ୍ରାବଣର ବନ୍ୟା । କିନ୍ତୁ ଅପେକ୍ଷା ନ କରି ଚାଲିଗଲେ ଶ୍ରୀରାମ । ନିଜ ମୁଣ୍ଡରେ ହାତ ବୁଲାଇ ଆଣିଲେ ଧରଣୀ । ରକ୍ତ—ସେଇ ରକ୍ତକୁ ଦେଖି ଅତି ଅସହାୟ ଭାବରେ କାନ୍ଦି ଉଠିଲେ ଧରଣୀ)

[ଆଉ ଠିକ୍ ସେହି ସମୟରେ ୨ୟ ମଞ୍ଚରେ ହସି ଉଠିଲେ ଅନାମ ରାଉତ ଗୋଟାଏ ମନଖୋଲା ହସ । ଦର୍ଶକମାନଙ୍କର ଦୃଷ୍ଟି ସେ ଆଡ଼କୁ ଆକୃଷ୍ଟ ହେଲା ଏବଂ ସଙ୍ଗେ ସଙ୍ଗେ ୧ମ ମଞ୍ଚର ଆଲୋକ

ଲଭିଗଲା । ଦେଖାଗଲା ଅନାମ ରାଉତଙ୍କ ନିକଟରେ ଠିଆ ହୋଇଥିଲେ ଅମରେଶ । ]

ଅନାମ—Very good—ସାବାସ୍ ଅମରେଶ । ତୁମର ବୁଦ୍ଧି ଆଉ ସାହସକୁ ତାରିଫ୍ ନ କରି ରହିପାରୁନି । You are really wonderful. ବାଟରେ କିଛି ଅସୁବିଧା ହୋଇନି ତ ?

[କିଛି କଳା ଆଟାଚିଟା ଖୋଲିଲେ । ସେଥିରେ ଭରି ରହିଥିଲା Gold Biscuits)

ଅମରେଶ—ନା, Boss, ଆପଣଙ୍କର ଆଶୀର୍ବାଦରୁ ମୁଁ ନିରାପଦରେ ଫେରି ଆସିଛି; କିନ୍ତୁ Sir ମୋର ସେମିତି ମନେହେଲା···

ଅନାମ—(ଗମ୍ଭୀର) କେହି ଜଣେ ତୁମକୁ follow କରୁଥିଲା, ନା ?

ଅମରେଶ—Exactly Boss, ସାନ୍ତାକ୍ରୁଜ୍‌ରେ ମୁଁ Planeରୁ ଓହ୍ଲାଇବା ସଙ୍ଗେ ସଙ୍ଗେ ଗୋଟାଏ ଲୋକର ସତର୍କ ଆଖି ଦୁଇଟା ମତେ ନିଃଶବ୍ଦରେ follow କରିବାକୁ ଲାଗିଲା···ତାର ସେ ସନ୍ଧାନୀ ଅଖି ଦୁଇଟାରେ ଭରି ରହିଥିଲା ସନ୍ଦେହର ଅଜସ୍ର କୁହେଳୀ । ଗୋଟାଏ ଆହତ ଆଉ ହିଂସ୍ର ଜାଗୁଆର (Jaguar)ର ଅଖିଭଳି ତାର ସେ ଆଖି ଦୁଇଟା ଜଳୁଥିଲା···

ଅନାମ—ତା ପରେ··· ?

ଅମରେଶ—ତାର ସେ ସତର୍କ ଆଖି ଦୁଇଟାକୁ ଅନାୟାସରେ ଫାଙ୍କି ଦେଇ Hotel Internationalର Back door ବାଟେ ମୁଁ ନିରାପଦରେ ଖସି ଚାଲି ଆସିଲି ।

ଅନାମ—You are lucky ଅମରେଶ···ଆଚ୍ଛା ସେ ଲୋକଟାର ପରିଚୟ ଜାଣିଛ ?

ଅମରେଶ - ନା Boss ।

ଅନାମ—ତାର ପରିଚୟ ଖୋଜି ବାହାର କରିବାକୁ ହେବ ।

ଅମରେଶ—କିନ୍ତୁ କାହିଁକି Boss, ମୁଁ ଏବଂ ଆପଣଙ୍କ ମାଲ ତ ସବୁ ନିରାପଦରେ ଆସିଯାଇଛି

ଅନାମ—ତଥାପି ଅନାମ ଗୁପ୍ତ ତା ଚଲାପଥରେ ଗୋଟାଏ ହେଲେ ବି କଣ୍ଟା ରଖିବାକୁ ଚାହେଁନା…ମୋର କଣ ମନେହୁଏ ଜାଣିଛ ଅମରେଶ—ସେ ଲୋକଟା ହୁଏତ ଗୋଟାଏ police କିମ୍ବା custom officer କିମ୍ବା ଭାରତର ଅନ୍ୟତମ ବିଖ୍ୟାତ Smuggler ଆଉ ମୋର ଏକମାତ୍ର ପ୍ରତିଦ୍ୱନ୍ଦୀ ଟୀକାଲାଲର ସହକର୍ମୀ…

(କହି sofaରେ fit ହୋଇଥିବା calling bell ବଜାଇଲେ। ଆସିଛି ଗୁକର ଭୋଲା—) ଆଲବମ୍ · (ନିର୍ଦ୍ଦେଶ ପାଇ ଭୋଲା ଚୁଲିଗଲା), ଅମରେଶ ଅଜ ଘ୍ରଣ୍ଟା ଭିତରେ ଏ ମାଲ ସବୁ (କଳା ଆଟାଚିକୁ ଦେଖାଇ) ବଜାରକୁ ଚୁଲିଯିବା ଦରକାର। ତା ନ ହେଲେ…ହଁ ଆଜି Marketରେ Gold rate କେତେ ଅଛି କହିପାରିବ ··

ଅମରେଶ—Sixteen two zero (1620)

ଅନାମ—That's right 1400 ଟଙ୍କାରେ ମାଲ ସବୁ ବଜାରକୁ ଛାଡ଼ିଦିଅ···

ଅମରେଶ—କିନ୍ତୁ Boss ଏତେ କମ୍ Rateରେ ··

ଅନାମ—Yes ଅମରେଶ···ମୋର ଯେମିତି ମନେହୁଏ ଅଦୂର ଭବିଷ୍ୟତରେ ବିପଦ ଘନେଇ ଆସୁଛି···ଅଉ ମୋର ଅନୁମାନ ଯଦି ସତ୍ୟ ହୁଏ··· (Telephone ଉଠାଇଲା···ଡାଏଲ୍ କଲେ) Yes—ଅନାମ ଗୁପ୍ତ speaking···yes···yes···order···Ready···sharp at 2. A. M. to night···Just near the 3rd light post···ok···ok···

[ଭୋଲା ଆଲ୍‌ବମ୍ ଆଣି ଦେଇଛି—ତା ହାତରୁ ଆଲ୍‌ବମ୍ ନେଇ ଭୋଲାକୁ ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଲେ···ତା ପରେ ଅମରେଶକୁ ଆଲ୍‌ବମ୍ ଦେଇ.]

ଅନାମ– ଯୋଉଲୋକଟା ତୁମକୁ follow କରୁଥିଲା ତାକୁ ଦେଖିଲେ ଚିହ୍ନି-ପାରିବ···

ଅମରେଶ—Yes Sir···

ଅନାମ—Then find out if the photograph of that man is there in the Album.

ଅମରେଶ—Boss…ଏଇ ଲୋକଟା Boss…ଏଇ ଲୋକଟା ମତେ follow କରୁଥିଲା ।

ଅନାମ—(ଗମ୍ଭୀର ସ୍ୱରରେ) ତମେ ଠିକ୍ ଚହ୍ନିଛ ଅମରେଶ ?

ଅମରେଶ—ଲୋକ ଚହ୍ନିବାରେ ମୋର କେବେ ଭୁଲ୍ ହୁଏନା Sir.

ଅନାମ—ଏ ଲୋକଟା କିଏ ଜାଣିଛ ଅମରେଶ ? ଏ ଲୋକଟା ହେଉଛି ଟିକାଲାଲର Right hand—Sekh Roffick…Bombayର ମସହୁର ଗୁଣ୍ଡା ସର୍ଦ୍ଦାର…you are lucky ଅମରେଶ – ତମେ ଜୀବନ ନେଇ ଫେରି ଆସିଛ…କିନ୍ତୁ…ମୁଁ ଗୋଟାଏ କଥା ବୁଝିପାରୁନି ଅମରେଶ…ତମେ ଯେ ଆରବ ଯାଇଥିଲ ଏକଥା ଟୀକାଲାଲ ଜାଣିଲା କେମିତି ? ତା ଛଡ଼ା ତମେ ତ ଏ lineରେ ସମ୍ପୂର୍ଣ୍ଣ ନୂଆ…

ଅମରେଶ—ମୁଁ ବି କମ୍ ଆଶ୍ଚର୍ଯ୍ୟ ହେଉନି Boss, ମୋର ଯାହା ମନେହୁଏ…

ଅନାମ—କେହି ଜଣେ ମୋ ସହିତ ବିଶ୍ୱାସଘାତକତା କରିବା ଆରମ୍ଭ କରିଦେଇଛି …ଅଉ ତାକୁ ମତେ ଖୋଜି ବାହାର କରିବାକୁ ପଡ଼ିବ…ତମେ ଆସ ଅମରେଶ—ମାଲ ସବୁ ଆଜି ଯେମିତି ରାତି ୧୨ଟା ସୁଦ୍ଧା Marketକୁ ଚାଲିଯାଏ—Take it (କଳା ଆଟାଚିଟା ବଢ଼ାଇ ଦେଲେ) ମୁଁ ସବୁ ବନ୍ଦୋବସ୍ତ କରିଦେଇଛି—ଶୁଣ (ଅମରେଶଙ୍କ କାନରେ କିଛି କହିଲେ…)

ଅମରେଶ—Yes Boss…ସେ ଦାୟିତ୍ୱ ମୋର…ଆପଣ ନିଶ୍ଚିନ୍ତ ରହିପାରନ୍ତି… (କହି ଯାଇଛନ୍ତି)

ଅନାମ—Wish you best of luck—

[ଅମରେଶ କଳା ଆଟଚି ନେଇ ଠିକ୍ ଯିବାବେଳକୁ ପଶି ଆସିଲେ ସୂର୍ଯ୍ୟକାନ୍ତ—ଅନାମ ରାଉତଙ୍କ ପୁଅ—ଅମରେଶକୁ କେଇଟା ମୁହୂର୍ତ୍ତ ଚାହିଁଲେ…ଅମରେଶ ଚାଲିଗଲେ…]

ଅନାମ—ତୋର resignation accept ହୋଇଗଲା ତ ?

ସୂର୍ଯ୍ୟ—ମୁଁ ଚାକିରି କରିବାର ନିଷ୍ପତ୍ତି ନେଇଛି ବାପା, ତା ଛଡ଼ା ଏତେ ପାଠ ପଢ଼ିଥିଲି କ'ଣ Business କରିବାକୁ… ? ମୁଁ ଜଣେ ବିଦେଶ ଫେରନ୍ତା ଇଞ୍ଜିନିୟର୍…ଏ ବିଜନେସ୍ ମୋ ହାତରେ ହବନି…ମତେ କ୍ଷମା କରିବେ, ଆଜି ପ୍ରଥମ ଥର ପାଇଁ ମୁଁ ଆପଣଙ୍କ କଥାରେ ଅବାଧ୍ୟ ହେଉଛି…

ଅନାମ—Impossible is a word which is found in fools' dictionary my boy. ଏ ଦୁନିଆଁରେ ନ ହେଲା ଭଳି କୌଣସି କାମ ନାହିଁ ସୂର୍ଯ୍ୟକାନ୍ତ…ଜଣେ ବିଦେଶ ଫେରନ୍ତା ଇଞ୍ଜିନିୟର୍ ଯେ ଜଣେ ଭଲ Business man ନ ହେବ…ଏଭଳି ଧାରଣା କରିବା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ…you are bound to resign…

ସୂର୍ଯ୍ୟ—ଏଇ Black businessର ଗୁରୁଦାୟିତ୍ୱ ମୁଁ ବହନ କରିପାରିବିନି ବାପା ।

ଅନାମ—ସୂର୍ଯ୍ୟକାନ୍ତ…(ଚିତ୍କାର କରି ଉଠିଲେ)

ସୂର୍ଯ୍ୟ—ହଁ ବାପା, ଏ Smuggling—ଏ Black business ଆପଣଙ୍କୁ ହୁଏତ ଅନେକ ଟଙ୍କା ଆଣି ଦେଇଛି । ଜଣେ କୋଟିପତିର ସମ୍ମାନ ଦେଇଛି ଆଉ ସେଇ କଳା ଟଙ୍କାର ଚାକଚକ୍ୟରେ ସମାଜରେ ଆପଣଙ୍କର ପ୍ରତିଷ୍ଠା ଆଉ ଇଜ୍ଜତ୍ ହୁଏତ ଅନେକ ଉପରକୁ ଉଠିଯାଇଛି କିନ୍ତୁ

ଅନାମ—(ରାଗରେ) ସୂର୍ଯ୍ୟକାନ୍ତ….ମୋର ପୁଅ ହୋଇ ତୁ ମତେ Smuggler କହିପାରୁଛୁ ? ମୁଁ କିନ୍ତୁ ଯାହା କରିଛି ତୋର ଭବିଷ୍ୟତ ପାଇଁ…ତୋର ମଙ୍ଗଳ ପାଇଁ ।

ସୂର୍ଯ୍ୟ—ମୋର ସେ ତମସାସିକ୍ତ ଭବିଷ୍ୟତ ଦରକାର ନାହିଁ ବାପା—ମୁଁ ଟିକିଏ ଶାନ୍ତି ଚାହେଁ ।

ଅନାମ—ସୂର୍ଯ୍ୟକାନ୍ତ—

ସୂର୍ଯ୍ୟ—ହଁ ବାପା, ଯୋଉଦିନ ସମାଜ ଆଖିରେ ଆପଣଙ୍କ ଏଇ ପ୍ରତିଷ୍ଠା ଆଉ ମିଥ୍ୟା ସମ୍ମାନର ଅସଲ ରୂପ ଧରା ପଡ଼ିଯିବ, ସେ ଦିନ—ସେ ଦିନ ଏ କଳାଟଙ୍କା ଆପଣଙ୍କୁ ରକ୍ଷା କରି ପାରିବନି କି ଏ ସମାଜର କୌଣସି ବଡ଼ପଣ୍ଡା ଆପଣଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବେନି । ଯେଉଁମାନେ ଦିନେ ହାତ ପତାଇ ଆପଣଙ୍କ ଠାରୁ ଦାନ ଗ୍ରହଣ କରିଥିଲେ ସେଇମାନେ ଆପଣଙ୍କୁ ଦୁର୍ନୀତିଗ୍ରସ୍ତ, କଳାବଜାରୀ ବୋଲି କହି ଟାହି କରିବେ ।

ଅନାମ—ସେ ଦୁର୍ଦ୍ଦିନକୁ ମୁଁ ଅପେକ୍ଷା କରିବି ସୂର୍ଯ୍ୟକାନ୍ତ । କିନ୍ତୁ ଯୋଉ କଳା-ଟଙ୍କାକୁ ତୁ ଆଜି ଘୃଣା କରୁଛୁ ସେଇ କଳାଟଙ୍କାର ରଙ୍ଗୀନ ପ୍ୟାକେଟ୍ ସବୁ

ତଟେ ଆଜି ଜଣେ ବିଦେଶ ଫେରନ୍ତା ଇଞ୍ଜିନିୟର୍ କରିପାରିଛି—ତା
ହୋଇ ନ ଥିଲେ ତୁ ହୁଏତ କୋଉ ଗୋଟାଏ ଗୋଲେଇ ଛକରେ ବସି
ପାନ ଦୋକାନ କରିଥାନ୍ତୁ କିମ୍ବା ଗୋଟିଏ ଇତର ଦରିଦ୍ର ଭଳି ଜୀବନ-
ଯାପନ କରୁଥାନ୍ତୁ ।

ସୂର୍ଯ୍ୟ—ମଣିଷ ହେବା ଆଗରୁ ମୁଁ ଯଦି ଆପଣଙ୍କର ଏଇ ଘୃଣ୍ୟ ବ୍ୟବସାୟ ବିଷୟରେ
ସାମାନ୍ୟତମ ସଚନା ପାଇଥାନ୍ତି ତାହାହେଲେ ମୁଁ ବରଂ ରାସ୍ତାରେ ଭିକାରି
ହୋଇ ପେଟ ପୋଷିବାକୁ ଚାଲେ ହେଲେ ଦ୍ୱିଧାବୋଧ କରି ନ ଥାନ୍ତି;
କିନ୍ତୁ ଆମେରିକା ଫେରନ୍ତା ଗୋଟିଏ ଇଞ୍ଜିନିୟର୍ ହେବାର ନିର୍ଲଜ୍ଜ
ଗୌରବକୁ ମୁଁ କେବେହେଲେ ସ୍ୱାଗତ କରି ନ ଥାନ୍ତି ।

ଅନାମ—ସୂର୍ଯ୍ୟକାନ୍ତ ! ପାଇଲା ଧନକୁ ଯେ ଗୋଡ଼ରେ ଆଡ଼େଇ ଦିଏ ସେ ହତଭାଗା
ଛଡ଼ା ଆଉ କଣ ହୋଇପାରେ ?

ସୂର୍ଯ୍ୟ—ସେ ଧନ ମୋର ଦରକାର ନାହିଁ ବାପା, ଧନର ପ୍ରାଚୁର୍ଯ୍ୟ ଭିତରେ ମୁଁ
ମୋର ମାନବିକତାକୁ ହତ୍ୟା କରିପାରେନା । ମୋର ମଣିଷପଣିଆକୁ
ବଳିଦେଇ ପାରେନା । ବାପା, ମୋର ଗୋଟିଏ ଅନୁରୋଧ ରଖିବେ । ଏ
ବ୍ୟବସାୟ ଆପଣ ଛାଡ଼ି ଦିଅନ୍ତୁ ବାପା—ଆଉ—

ଅନାମ—ଆଉ ଏ building, ଏ bank balance, ଏ business, ଏ
ସବୁକୁ କୋଉ ଅନାଥ ଆଶ୍ରମ କିମ୍ବା ଧର୍ମାନୁଷ୍ଠାନକୁ ଦାନ କରିଦିଅନ୍ତୁ ।
ନା—?

ସୂର୍ଯ୍ୟ—ତାହାହେଲେ···ତାହାହେଲେ ସବୁଠାରୁ ବେଶୀ ଖୁସି ହୁଅନ୍ତି ମୁଁ ।

ଅନାମ—କାରଣ ଧନଟା ତୁ ରୋଜଗାର କରିନୁ···ରୋଜଗାର କରିଛି ମୁଁ···
ତୋର ଏ ପ୍ରଳାପ ଶୁଣିବାକୁ ମୋର ସମୟ ନାହିଁ ସୂର୍ଯ୍ୟକାନ୍ତ—ମୋର
ନିର୍ଦ୍ଦେଶ ତତେ ମାନିବାକୁ ପଡ଼ିବ ।

ସୂର୍ଯ୍ୟ—ବାପା···

ଅନାମ—ମୁଁ ତୋର ବାହାଘର ଠିକ୍ କରିସାରିଛି । ମୋର ବିଶିଷ୍ଟ ବନ୍ଧୁ କୋଟିପତି
ଶଙ୍କର ପ୍ରସାଦ ପରିଜାଙ୍କ ଏକ ମାତ୍ର ଝିଅ ଚନ୍ଦ୍ରିକା ସହିତ···

ସୂର୍ଯ୍ୟ—ମୋ ଜୀବନର ସାଥୀ ମୁଁ ବାଛିନେବ ବାପା···ମନର ସଉଦା ଟଙ୍କାର ନିକତିରେ ହୋଇ ପାରେନା । ଆପଣଙ୍କ ଭଳି ଆପଣଙ୍କର ବନ୍ଧୁ ଶଙ୍କର ପରିଜା ମଧ୍ୟ କଳାଟଙ୍କାର ମୂଳଦୁଆ ଉପରେ ବଡ଼ଲୋକ ହୋଇଛି । ଆଉ ମୁଁ ତାକୁ ଘୃଣା କରେ···

ଅନାମ—ସୂର୍ଯ୍ୟକାନ୍ତ ! ତୁ ଯେ ମୋର ଏତେଦୂର ଅବାଧ୍ୟ ହେବୁ ଏ ଧାରଣା ମୋର ନ ଥିଲା····

ସୂର୍ଯ୍ୟ—ଜୋର କରି ଶାସନ କରି ହୁଏନା କି ମନ କିଣି ହୁଏନା ବାପା । ମତେ ଆପଣ ବଞ୍ଚିବାକୁ ଦିଅନ୍ତୁ—ମୁଁ ବଞ୍ଚିବାକୁ ଚାହେଁ ବାପା···I want to live···just like a man···

[କହି ଦ୍ରୁତ ଗତିରେ ଭିତରକୁ ଚାଲିଗଲା ଏବଂ ଠିକ୍ ସେଇ ସମୟରେ ୧ମ ଗଳି ରାସ୍ତାରେ light post ତଳେ ଠୋ ଠୋ ହୋଇ ହସି ଉଠିଲା ମହାକାଳ···]

୨ୟ ମଞ୍ଚରେ ଆଲୋକ ଲିଭିଯାଇଚି···

ମହାକାଳ—(୩ୟ ମଞ୍ଚରେ) "ମୁଝେଁଇ ଲାଖ ବୁରା ଚାହେ ତୋ କ୍ୟା ହୋତା ହେ ···ଓହି ହୋତା ହେ ଯୋ ମଞ୍ଜୁରେ ଖୋଦା ହୋତା ହେ"···(ହସିଚି) ସବୁ ଚାଲିଯିବ କିଛି ରହିବନି···ଅନ୍ୟାୟ, ଅଧର୍ମ, ଅନାଚାର···· ମହାକାଳର ସେଇ ସର୍ବଗ୍ରାସୀ କ୍ଷୁଧାନଳରେ ସବୁ ଧକ୍ ଧକ୍ ହୋଇ ଜଳିଯିବ···(ହସିଚି)

"ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

[ରାତି ବଢ଼ି ଚାଲିଚି ଧୀରେ ଧୀରେ······୨ୟ ଗଳି ରାସ୍ତାରେ ଅତି ସତର୍କତାର ସହିତ ଆସିଛନ୍ତି ଅମରେଶ···ରାସ୍ତା ନିର୍ଜନ···ଦୂର ଘଣ୍ଟାରେ ରାତି ୧୨ଟା ବାଜିବାର ଶବ୍ଦ ନିସ୍ତବ୍ଧ ରାତି···

ଅମରେଶଙ୍କ ହାତରେ ସେଇ କଳା ଆଟାଚି···ସେ ଧୀରେ ଧୀରେ ଶୂନ୍ୟ ମଞ୍ଚ ଉପରକୁ ଆସି ଆଗେଇବାକୁ ଲାଗିଲେ···ଏବଂ ମହାକାଳକୁ ଅତିକ୍ରମ କରି ଚାଲିଗଲା ବେଳେ ··ହଠାତ୍]

ମହାକାଳ—Hands up···you ନିଶାଚର ।

[ଅମରେଶ ଏ ପ୍ରକାର ପରିସ୍ଥିତି ଆଶା କରୁ ନ ଥିଲେ । କିଂକର୍ତ୍ତବ୍ୟବିମୂଢ଼ ହୋଇ ହାତ ଉପରକୁ ଉଠାଇଲେ···ହସି ଉଠିଲା ମହାକାଳ···]

ଡରିଗଲ young man.... । ପାପର ପଥ ଖୁବ୍ ଖସଡ଼ା— ଯେତେ ଚାଲିଲାବାଲା ହେଲେ ବି ଗୋଡ଼ ନିଶ୍ଚୟ ଖସିଯିବ । ଆଉ ତମେ ପଡ଼ିଯିବ ନିର୍ଘାତ କଚଡ଼ା····ହାଡ଼ଗୋଡ଼ ଭାଙ୍ଗି ଚୂନା ହୋଇଯିବ ।

[ଅମରେଶ ହଠାତ୍ ନିଜର ଭୁଲ୍ ବୁଝି ପାରିଛନ୍ତି । ଗୋଟାଏ ପାଗଳ ଯେ ତାଙ୍କ ପଥ ଅବରୋଧ କରିଛି ଏ କଥା ଜାଣି···]

ଅମରେଶ—You bloody mad fellow get out····ପାଗଳ କାହିଁକା···

ମହାକାଳ—(ହସୁଚି)···ପାଗଳ···ଏ ସାରା ଦୁନିଆଁଟା ଆଜି ପାଗଳ ହୋଇ ଯାଇଚି Young man···ଖାଲି ମତେ ଛାଡ଼ି···ଯାଅ Young man, ଏ ଦୁନିଆଟା ଯେତେବେଳେ ଗୋଲ···ସେତେବେଳେ ନିଶ୍ଚୟ ଆମର ଦେଖାହେବ···ଟା···ଟା···

[କିନ୍ତୁ ପାଗଳଟା ଧୀରେ ଧୀରେ ରାଜପଥରେ ଯାଇ ୨ୟ ରାସ୍ତାବାଟେ ବାହାରକୁ ଚାଲି ଯାଇଚି····ତା ପରେ ଅମରେଶ ୨ୟ ଗଳି ରାସ୍ତାର light post ନିକଟରେ ଠିଆହୋଇ ଚାରିପଟକୁ ସତର୍କ ଦୃଷ୍ଟି ବୁଲାଇ ଗୋଟିଏ ନିର୍ଦ୍ଦିଷ୍ଟ Signal (ଶବ୍ଦରେ) ଦେଇଛି ଏବଂ ସେହି

ସମୟରେ ୧ମ ଗଳି ରାସ୍ତାରେ ଦେଖା ଦେଉଛି ଜଣେ over coat ପିନ୍ଧା ଲୋକ…ଚାଲି ହେଉଛି…]

ଅମରେଶ—(code wordରେ କହୁଛି) ମେଶଲିନ୍…

ଆଗନ୍ତୁକ—ମେଶଲିନ୍ (Code wordରେ reply ଦେଉଛି)

[ଅମରେଶ କଳା ଆଟାଚିକୁ ତା ହାତକୁ ବଢ଼ାଇ ଦେଉଛି]

ଆଗନ୍ତୁକ—How much ?

ଅମରେଶ—Fifty lakhs in cash.

[ଆଗନ୍ତୁକ ଅନ୍ୟ ଏକ କଳା ଆଟାଚି ବଢ଼ାଇ ଦେଉଛି]

ଆଗନ୍ତୁକ—Night—(ଚାଲିଯାଉଛି)

ଅମରେଶ—Night—(ଟଙ୍କା ଧରି ଫେରିଯାଉଛି)

[ସେମାନେ ଚାଲିଗଲା ପରେ ହସିଲା ମହାକାଳ …ଏକ ବିଚିତ୍ର ଭଙ୍ଗୀରେ ସେ ହସ…]

ମହାକାଳ—ମଣିଷ ଯେତେବେଳେ ପାପ କରେ ସେ ଅନ୍ଧାରକୁ ଖୁବ୍ ଭଲପାଏ। ପିଲାଦିନେ କୋଉ ଗୋଟେ ବହିରେ ପଢ଼ିଥିଲି ପାପଟା କୁଆଡ଼େ ଭୟଙ୍କର କଳା—ଠିକ୍ ଅଫିମଭଳି ଅଥଚ ସେ ନିଶାରେ ଧାରି ହେଲେ…ଆଃ…କି ଯେ ମଜ୍ଜା…ଆଉ ସେଥିପାଇଁ ମଣିଷ ବାଛିନିଏ ଏଇ ଅଫିମ କଳା ରାତିକୁ ତାର ପାପର ସାକ୍ଷୀ କରେ…oh my dear dark night…. ଯୁଗ୍ ଯୁଗ୍ ଜିଓ (ହସିଲା) କେଡ଼େ ବୋକା ଏ ମଣିଷ ଗୁଡ଼ାକ…ଏଁ, ଆଉ ମାତ୍ର କେଇଟା ଘଣ୍ଟା ପରେ ଏ ଅନ୍ଧାର ଆଉ ନ ଥିବ…ଅଫିମର ନିଶା ବି ଛୁଟି ଯାଇଥିବ…ଆଲୋକର ଝଡ଼ ଉଠିବ….

(ପୁଣି ହସିଲା)

"ଯବା କୁସୁମ ସଙ୍କାଶଂ କାଶ୍ୟପେୟଂ ମହାଦ୍ୟୁତି
ଧ୍ୱାନ୍ତାରି ସର୍ବ ପାପଘ୍ନଂ ପ୍ରଣତୋସ୍ମି ଦିବାକରଂ।"

[ଏଇ ସମୟରେ ଦୁଇଟି ଗଳି ରାସ୍ତାରେ ୨ଜଣ night patrol କରୁଥିବା Police Constable ଢୁକିଲେ ମାତ୍ର ମାତ୍ର ପ୍ରଧାନ ରାସ୍ତା ଉପରକୁ ଆସିଛନ୍ତି । ସେମାନଙ୍କୁ ଦେଖି Salute ମାରୁଛି ମହାକାଳ…]

ସଲାମ ସାହେବ୍ ।

୧ମ ପୋଲିସ୍—(ମହାକାଳଙ୍କୁ ଗୋଡ଼ରୁ ମୁଣ୍ଡଯାଏ ଦେଖି) ହଇରେ ହେ…ରାତି ଆସି ୨ଟା ବାଜିଲାଣି, ରାସ୍ତାରେ ଗୋଟାଏ ବଲେଇ କୁକୁର ପିଲା ବି ନାହିଁ ··· ତୁ ଏଠି କଣ କରୁଛୁ… ? )

ମହାକାଳ—ସବୁ ଦେଖୁଛୁ…(ହସିଲା) ବୁଝିଲ ସିପେଏ ବାବୁ—ଖାଲି ସ୍ୱେରଗୁଡ଼ାକ ସାଲୁବାଲୁ ହଉଛନ୍ତି ।

୨ୟ ପୋଲିସ୍—ସ୍ୱେର ! ଶୁଣୁଚ ସାର ଭାଇ (୧ମ ପୋଲିସ୍‌କୁ ଲକ୍ଷ୍ୟ କରି) ଏ ଶଳାଟା ଏକଦମ୍ ପାଗଳ ହେଇଯାଇଚି । ହଇରେ, ଏ ରାସ୍ତାଟା ବିଲ୍‌କୁଲ୍ ଶୁନ୍‌ଶାନ୍ । ଆଜି ଭାଗ୍ୟ ଏମିତି ଯେ ଗୋଟାଏ ବି ଟ୍ରକ୍ ଯାଇନି । କହୁଛି କଣ ନା ସ୍ୱେର ସାଲୁବାଲୁ ହଉଚନ୍ତି । ଆମେ ପୁଣି ସାରାରାତି ପେଟ୍ରୋଲ କରୁଚୁ…

ମହାକାଳ—ଅନ୍ଧ—ତମେ ସବୁ ଅନ୍ଧ । ତମ ଆଖିରେ ଟ୍ରକ୍ ପଡ଼ିବ । ବସ୍ ପଡ଼ିବ । ହେଲେ ସ୍ୱେର · ସେ ଖସି ବୁଲିଗଲାଣି । ମୁଁ ଦେଖିଛି—ଏଇ ଆଖିରେ ନିଜେ ଦେଖିଛି ··

୧ମ—ଚୁପ୍‌ବେ ଶଳା, କହୁଛି କ'ଣ ନା ନିଜେ ଦେଖିଚି…କଣ ଦେଖିଚୁ… ?

ମହାକାଳ—ପାନପଥ ଯୁଦ୍ଧର ବିଭୀଷିକା…ସିପାହୀ ବିଦ୍ରୋହ…ନାଜି ବାହିନୀର ନଗ୍ନ ଅତ୍ୟାଚାର…ଜାଲିଆଁନା ବାଗର ନିର୍ମମ ହତ୍ୟାକାଣ୍ଡ ଆଉ ଦେବ-ଲୋକର କମନୀୟ ସଭ୍ୟତା… ହସିଚି)

୨ୟ ପୋଲିସ୍—ବୁଝିଲ ସାରଭାଇ ! ଶଳାର ସବୁ ସ୍କ୍ରୁ ଢିଲା ହୋଇ ଯାଇଚି । ଆଚ୍ଛା ବାବୁ ମସ୍ତରାମ—ତମ ପାଖରେ ବଢ଼ି ଅଛି ।

ମହାକାଳ—ବଢ଼ି (ହସିଲା) ବୁଝିଲ କନେଷ୍ଟବଲ୍ ସାହେବ, ମୋ ପାଖରେ ଢିଆସିଲି ଅଛି । ନିଆଁ ଅଗ୍ନି Fire…ଆଗ୍…ଆଗୁନ…ସବୁ ଜାଳିଦେବ ।

ପାପର ସେ ନନ୍ଦଘୋଷଟା ଜଳିପୋଡ଼ି ଅଙ୍ଗାର ହୋଇଯିବ । ମୁଁ ହେଉଚ୍ଛି ଧ୍ୱଂସର ପ୍ରତୀକ । ସୃଷ୍ଟିର ଜନକ । ମହାକାଳ ରୁଦ୍ର ଦିଗମ୍ବର । Good Night Police ସାହେବ । ଖୁଦା ହାଫିଜ୍, ଆଗେଇଯାଅ, ହୁଏତ ଗୋଟାଏ ଟ୍ରକ୍ କମ୍ବା ଗଡ୍ଡେଇଭଉ ଆମ୍ଭାସାହୁର Car ଭମ ଭାଗ୍ୟକୁ କୁଟିଯାଇପାରେ । ଏ ରାତିଟା ଭାରି ଅନ୍ଧାର ହୋଇଚ…(ହସିଲା)

୨ୟ ପୋଲିସ୍—ଚାଲ ଯାଉଭାଇ…ଏ ଶଳା ସଙ୍ଗେ ବକ୍ ବକ୍ କରି କିଛି ଲାଭନାହିଁ । ବଡ଼ବାବୁ ହୁଏତ Round Dutyରେ ଆସୁଥିବେ ।

୧ମ—ଚାଲ, ଚାଲ…ଘରୁ ଅନୁକୂଳରେ କାହା ମୁହଁ ମଣିଷ ଚାହିଁଥିଲି ଯେ…
(ଦୁହେଁ ଦୁଇପଟେ ଚାଲିଗଲେ)

ମହାକାଳ—Fools…ନିର୍ବୋଧ…କର୍ତ୍ତବ୍ୟ ନାଁରେ ହରିଲୁଟ୍ ଚାଲିଚ ସମସ୍ତେ ତ ଚୋର—ଧରିବ କିଏ କାହାକୁ …ଏଁ

[ହସିଚ ଏବଂ ମଞ୍ଚର ଓ ପ୍ରେକ୍ଷାଳୟର ଆଲୋକ ଲିଭି ଯାଇଚ୍ଛି । ସେଇ ଅନ୍ଧାର ମଧ୍ୟରେ ୧ମ ମଞ୍ଚରୁ ଭାସି ଆସିଚ୍ଛି ଏକ କରୁଣ ସଙ୍ଗୀତର ମୂର୍ଚ୍ଛନା…(ମଧୁମତୀ କଣ୍ଠରେ) ସମୟ ଅପରାହ୍ଣ]

ମଧୁ—(ଗୀତ) ଝରା ଶେଫାଳୀ ମୁଁ ମରୁ ମରୁଭୂମୀ
କଣ୍ଠେ ବେଦନା ଗୀତ
ସୀମାହୀନ ନୀଳ ସାଗର ବେଳାର
ମୁଁ ଏକ ଅଲୋଡ଼ା ମୋତି ।
ମୋ ଲାଗି ଝରନ୍ତ ସମ ବେଦନାର ଲୁହ
ମୋ ମନ ବୀଣାରେ ଚୈତ୍ର ଚଇତାଳି
କେତେ ଯେ ବେସୁରା କୋହ
.. ମୁଁ ଜଳିଚ୍ଛି ଖାଲି ମୋ ମନ ଦେଉଳେ
ଲୁହରେ ଭିଜାଇ ସ୍ମୃତି
ଝରା ଶେଫାଳୀ ମୁଁ… (୧)
ତୁମ ଲାଗି ପ୍ରିୟ ପ୍ରୀତିର ପ୍ରଦୀପ ଜାଳି
ଜୀବନ ସାହାରା ତତଲା ବାଲିରେ ସ୍ମୃତିର ସମାଧି ତୋ'ଳି

ଝୁରୁରେ ବିରହିଣୀ ମୁଁ ଯେ ଏକାକିନୀ
ତାରାଫୁଲ ଭରା ରାତି
ଝରା ଶେଫାଳୀ ମୁଁ..... (୨)

[ଗୀତ ପ୍ରାୟ ସରି ଆସିଛି, ମଧୁମନ୍ତାଙ୍କ କଣ୍ଠରେ ବେଦନାର ଅଜସ୍ର କୋହ ·· ଆଖିରୁ ବହି ଯାଇଛି ଲୁହଧାର । ଅନେକ ବେଳୁ ୨ୟ ଗଳି ବାଟେ ୩ୟ ମଞ୍ଚ ଉପର ଦେଇ ଅସି ଗୀତ ଶୁଣୁଥିଲେ ସୂର୍ଯ୍ୟକାନ୍ତ—ଗୀତ ସରିଲା ବେଳକୁ ମଧୁମନ୍ତାର ·ଆଖି ପଛପଟୁ ଚାପି ଧରିଲେ । ମଧୁମନ୍ତା ଜାଣିପାରି ଧୀରେ ଧୀରେ ସୂର୍ଯ୍ୟକାନ୍ତଙ୍କ ହାତକୁ ଖସାଇ ଦେଲେ—ସୂର୍ଯ୍ୟକାନ୍ତ ମଧୁମନ୍ତାଙ୍କୁ ନିଜ ଆଡ଼କୁ ବୁଲାଇ ଦେଲାବେଳେ ]

ସୂର୍ଯ୍ୟ—ମଧୁ ! ତମେ କାନ୍ଦୁଛ ?

ମଧୁ—ନା ତ (ଲୁହ ପୋଛି ହସିବାକୁ ଚେଷ୍ଟାକରି)

ସୂର୍ଯ୍ୟ—ମତେ ଲୁଚାଉଚ ।

ମଧୁ—ନା ସୂର୍ଯ୍ୟ—ହଜିଲା ଅତୀତର ଅନେକ ସ୍ମୃତି ଆଜି ମୋ ଆଖିରେ ଭରିଦେଇଛି କେଇଟୋପା ଲୁହର ଝରଣା । ମୁଁ ଆଉ ପାରୁନି ସୂର୍ଯ୍ୟ । କାନ୍ଦିବା ପାଇଁ ଯାର ଜନ୍ମ ସେ କଣ କେବେ ହସି ପାରିବ ?

ସୂର୍ଯ୍ୟ—ଭାଙ୍ଗି ପଡ଼ନି ମଧୁ···ଏଇ ତ ଜୀବନର ଆରମ୍ଭ ମାତ୍ର । ରାସ୍ତା ଯେ ଅନେକ ଲମ୍ବା, ଅନେକ ଉଠାଣି, ଅନେକ ଗଡ଼ାଣି; ତଥାପି ତୁମକୁ ଚାଲିବାକୁ ପଡ଼ିବ ।

ମଧୁ—ଗୋଟାଏ ସାହାରା ହୀନ ଜୀବନରେ ଆଗେଇବାର ସାହସ ମୁଁ ଆଜି ହରେଇ ବସିଛି—ବାପାଙ୍କର ସେ ମିଥ୍ୟା ଆଭିଜାତ୍ୟର ନିର୍ମମ ବେଦୀରେ ମତେ ହୁଏତ ଆତ୍ମବଳୀ ଦେବାକୁ ପଡ଼ିବ । ମତେ ଭୁଲିଯିବ ସୂର୍ଯ୍ୟ—ତମ ଆଦରର ମଧୁ ମରିଯାଇଛି ।

ସୂର୍ଯ୍ୟ—ଛି, ଆଜି ତମର କଣ ହେଇଚି···ମନେ ହେଉଛି ଅନେକ ଦିନ ଧରି ଅବରୁଦ୍ଧ ହୋଇ ରହିଥିବା ଗୋଟାଏ ପ୍ରଚଣ୍ଡ ଝଡ଼ ଆଜି ତମ ଭିତରେ ଆତ୍ମପ୍ରକାଶ କରୁଛି । କ'ଣ ହେଇଚି ମତେ କହିବନି··· ?

ମଧୁ—ତମେ ଚାଲିଯାଅ ସୂର୍ଯ୍ୟ ବାପା ଯଦି ଜାଣିବେ ଯେ ତମେ ଏଠାକୁ ଆସିଚ ବୋଲି ··

ସୂର୍ଯ୍ୟ—(ଅଳ୍ପ ହସି) ହୁଏତ ତାଙ୍କର ସେ ପୁରୁଣା ବନ୍ଧୁକଟା ପୁଣି ଥରେ ସକ୍ରିୟ ହୋଇ ଉଠିବ । ଦାସ ବଂଶର ଇଚ୍ଛାମାନ୍ତି ମୋ ରକ୍ତରେ ଭିଜି କଚ୍ଛଟା ଉର୍ବର ହୋଇଯିବ । ଏଇଆ ନା ·· ?

ମଧୁ—ତମେ ବାପାଙ୍କୁ ଜାଣିନ ସୂର୍ଯ୍ୟ···

ସୂର୍ଯ୍ୟ—(ହସି) ମଧୁ ! ବାପର ମମତା ଜଙ୍ଗଲରେ ଅନ୍ତରର ସେ କଲଙ୍କିଲଗା ଆଭିଜାତ୍ୟ ଆପେ ଆପେ ହାର ମାନିଯିବ । ଆଉ ମୋର ବିଶ୍ୱାସ ମଉସା କେବେ ହେଲେ ଆମ ଚଲାପଥରେ ପ୍ରତିବନ୍ଧକ ହେବେନି ।

ମଧୁ—(ଦୁଃଖରେ ହସି) ମୋ ଠାରୁ ମୋ ବାପାଙ୍କୁ କଣ ତମେ ବେଶୀ ଜାଣିଛ ସୂର୍ଯ୍ୟ । ତମେ ଫେରିଯାଅ ସୂର୍ଯ୍ୟ, ତମର ମଧୁକୁ ତୁମେ କ୍ଷମା କରିବ, କାରଣ ଆଜି ମୁଁ ତୁମକୁ ଖାଲି ହାତରେ ଫେରାଇ ଦେଉଛି ।

ସୂର୍ଯ୍ୟ—ମଧୁ ·· !

ମଧୁ—ହଁ ସୂର୍ଯ୍ୟ । ବାପାଙ୍କ ମନରେ ଆଘାତ ଦବାକୁ ମୁଁ ଚାହେଁନି—ମୁଁ କେବେ ତାଙ୍କର ଅବାଧ୍ୟ ହୋଇନି କି ଆଜି ବି ହୋଇ ପାରିବି ନି । ମତେ ଭୁଲି ଯିବ ସୂର୍ଯ୍ୟ । ଆଉ ହୁଏତ ଆମର ଦେଖା ହବନି · ଏଇ ଆମର ଶେଷ ମିଳନ ଆଉ ଶେଷ ବିଦାୟ···

ସୂର୍ଯ୍ୟ—ମୁଁ ବଞ୍ଚି ଥାଉ ଥାଉ ଏ ବିଭାଘର ହୋଇ ପାରେନା ।

ମଧୁ—ସୂର୍ଯ୍ୟ— !

ସୂର୍ଯ୍ୟ—ହଁ ମଧୁ ! ମୁଁ ଆଜି ବି ଆମର ସେ . ପିଲାଦିନର ଧୂଳିଘର ଭୁଲିପାରିନି— ତମର ମନେ ଅଛି ମଧୁ ଆମେ କେମିତି କଣ୍ଢେଇ ବାହାଘର କରୁଥିଲେ ?

ମଧୁ—ସୂର୍ଯ୍ୟ !

ସୂର୍ଯ୍ୟ—ମନେଅଛି ମଧୁ, ସେଇ କଣ୍ଢେଇ ବାହାଘର ଦିନ ଆମର କି ମିଛିମିଛିକା ବାହାଘର ହୋଇଥିଲା । ତମେ ମୋ ବେକରେ ପକେଇ ଦେଇଥିଲ ଗୋଟାଏ ବଉଳ ଫୁଲର ମାଳ, ଆଉ ମୁଁ···

ମଧୁ—ଆଉ ସୂର୍ଯ୍ୟ—ଅତୀତକୁ ଭୁଲିଯିବ । ତା ହୁଏତ ଆମ ଜୀବନର ଥିଲା ଗୋଟାଏ ଦୁଃସ୍ୱପ୍ନ ।

ସୂର୍ଯ୍ୟ—ଅତୀତ ଭୁଲିହୁଏନା ମଧୁ । ତମେ କଣ ସତରେ ତାକୁ ଭୁଲିପାରିବ ? ନା ମଧୁ, ତୁମକୁ ଛାଡ଼ି ମୁଁ ଯେ ବଞ୍ଚିପାରିବନି

[ ଏହି ସମୟରେ ପଶି ଆସିଛନ୍ତି ଧରଣୀ । ହଠାତ୍ ସୂର୍ଯ୍ୟକୁ ଦେଖି ସେ ହୁଏତ ସୂର୍ଯ୍ୟକୁ ଆଶା କରୁ ନ ଥିଲେ । ସୂର୍ଯ୍ୟ ଧରଣୀଙ୍କୁ ପ୍ରଣାମ କରି ପାଦଧୂଳି ନେଇଛି । ମଧୁ କିନ୍ତୁ ଭିତରକୁ ଚାଲିଯାଇଛି । କେଇଟା ମୁହୂର୍ତ୍ତ ପାଇଁ ଦୁହେଁ ନୀରବ ନିର୍ବାକ୍ ]

ତା ପରେ ··

ସୂର୍ଯ୍ୟ—ସବୁ ଜାଣିଶୁଣି ତମେ ବି ମାଉସୀ ଏଇଆ କଲ ?

ଧରଣୀ—କଣ ବା ଆଉ କରିଥାନ୍ତି ? ତୁଣ୍ଡ ଖୋଲି ପଦେ କହି ପାରିବନି କି ମନଇଚ୍ଛା କିଛି କରି ବି ପାରିବନି । ସାରା ଜୀବନ ଧରି ମୁଁ ଖାଲି କାନ୍ଦୁଛି, ସୂର୍ଯ୍ୟ···ରକ୍ତ ଢାଳିଛି । ସବୁ ମୋର ଭାଗ୍ୟରେ ବାପା···

ସୂର୍ଯ୍ୟ—ମୁଁ ଜାଣେ ମାଉସୀ, ତମେ ଏଇଆ କହିବ—କାରଣ ଅନେକ ସମୟରେ ମଣିଷ ଜାଣି ଜାଣି ଗୁଡ଼ାଏ ଭୁଲ୍ କରି ପକାଏ ଆଉ ତାକୁ ଭାଗ୍ୟର ନିର୍ମମ ପରିହାସ ବୋଲି କହି ନିଜକୁ ସାନ୍ତ୍ୱନା ଦିଏ । କିନ୍ତୁ ମନେରଖ ମାଉସୀ, ଏ ବିଭାଘର ହୋଇ ପାରେନା ।

ଧରଣୀ—ସୂର୍ଯ୍ୟ ! କିନ୍ତୁ ତୋର ମଉସା ଯେ ତାର ବିଭାଘର ସ୍ଥିର କରି ସାରିଛନ୍ତି ।

ସୂର୍ଯ୍ୟ—ଜାଣେ ମାଉସୀ । ମଉସାଙ୍କର ସେ ନିଷ୍ଠୁର ନିଷ୍ପତ୍ତିରେ ମଧୁ ହୁଏତ ପ୍ରତିବାଦ କରିନି । ପ୍ରତିବାଦ କରିବାର ସତ୍ସାହସକୁ ଆଭିଜାତ୍ୟର ଚାବୁକ ଖାଇ ଖାଇ ସେ ହୁଏତ ଅନେକ ଦିନ ହେବ ହରେଇ ବସିଛି – କିନ୍ତୁ ଗୋଟାଏ ଭଙ୍ଗାମନ ନେଇ ସେ ଯଦି ଆତ୍ମହତ୍ୟା କରେ

ଧରଣୀ—ସୂର୍ଯ୍ୟ ·· !

ସୂର୍ଯ୍ୟ—ତୁଣ୍ଡ ଖୋଲି ମଧୁ ସିନା କିଛି କହିପାରିଲାନି ହେଲେ ତାର ସେ ଆଖିର ଭାଷା ମୁଁ ବେଶ୍ ବୁଝିପାରୁଛି ମାଉସୀ—କେବଳ ତମେ ଚାହିଁଲେ

ଧରଣୀ—(ଦୁଃଖରେ ହସି) ମୁଁ…କୋଉ ମା କ'ଣ ଚାହେଁ ତା ଝିଅ ସାରା ଜୀବନ ଧରି ଆଖିରୁ ଲୁହ ଢାଳିବ ? କୋଉ ମା କଣ କେବେ ତାର ସନ୍ତାନର ଅମଙ୍ଗଳ କାମନା କରିପାରେ ? କିନ୍ତୁ ମୁଁ ବା କରିବି କଣ ? ମୁଁ ଯେ ଗୋଟାଏ ବନ୍ଦିନୀ—ସ୍ୱାଧୀନତା ହରାଇଥିବା ଗୋଟାଏ ପିଞ୍ଜରାବଦ୍ଧ ଅବଳା…

ସୂର୍ଯ୍ୟ—ସେ ନିର୍ମମ ବନ୍ଧନର ଶକ୍ତ ଜଞ୍ଜିରକୁ ଟିକ୍ ଟିକ୍ କରି ଛିଣ୍ଡେଇ ଦେବ'କୁ ପଡ଼ିବ । ଯଦି ଦରକାର ପଡ଼େ ଏ ଘରେ ବିଦ୍ରୋହର ନିଆଁ ଜଳିବ—ତମେ ଚାହିଁଲେ ଏ ଘରେ ଝଡ଼ ଉଠିବ ମାଉସୀ…ମଧୁ ପାଇଁ ଯଦି ଦରକାର ପଡ଼େ ତମେ କଣ ତମର ଶେଷ ରକ୍ତବିନ୍ଦୁ ଢାଳି ଦବନି ?

ଧରଣୀ—ସୂର୍ଯ୍ୟ !

ସୂର୍ଯ୍ୟ—ହଁ ମାଉସୀ ! ମଧୁ ପାଇଁ ଖାଲି ଏଠି ନୁହେଁ ଆମ ଘରେ ବି ଗୋଟାଏ ଝଡ଼ ଉଠିବ । ଆଜି ସେ ଝଡ଼ର ପଦଧ୍ୱନି ମୁଁ ଅନେକ ଆଗରୁ ଶୁଣି ସାରିଛି ।

[ ଏହି ସମୟରେ ରାସ୍ତା ଉପରୁ ରାମଦାସଙ୍କୁ ଆସୁଥିବାର ଦେଖିପାରି]

ଧରଣୀ—ସୂର୍ଯ୍ୟ ! ତୁ ଚାଲିଯା ବାପା, ତୋର ମଉସା ଆସୁଛନ୍ତି । ଆଉ ତୁ ଏଠାକୁ ଆସିଚୁ ଏ କଥା ଜାଣିଲେ ସେ ହୁଏତ

ସୂର୍ଯ୍ୟ—ଭୟ ନାହିଁ ମାଉସୀ · ଆପଣଙ୍କର ସେ ଜରାଜୀର୍ଣ୍ଣ ଖାନ୍‌ଦାନୀର ମୁଖଶାଳାରୁ ପଥର ଖସିବା ଆରମ୍ଭ କରିଛି, ଆଉ କେଇଟା ଦିନ ପରେ ସେ ମୁଖଶାଳାଟା ଭାଙ୍ଗି ରୁଜି ଚୂରମାର ହୋଇଯିବ । ମୁଁ ଆସୁଛି ମାଉସୀ, ତମେ ମତେ ସାହାଯ୍ୟ ନ କଲେ ବି ମଧୁ ପାଇଁ ମୁଁ ମୋର କର୍ତ୍ତବ୍ୟ ନିଶ୍ଚୟ କରିବି ··

[ କହି ଚାଲିଯାଇଛି ସୂର୍ଯ୍ୟ । ତା ଯିବା ବାଟକୁ ଚାହିଁଥିଲେ ଧରଣୀ । ଘର ଭିତରକୁ ପଶି ଆସିଲେ ଶ୍ରୀରାମ ]

(ସୂର୍ଯ୍ୟକାନ୍ତର ଫେରିଯିବା ଦେଖିଛନ୍ତି ଶ୍ରୀରାମ)

ଶ୍ରୀରାମ—କିଏ ଆସିଥିଲା ଧରଣୀ ? (ଉତ୍ତେଜିତ ଅବସ୍ଥାରେ)

ଧରଣୀ—(ଭୟରେ) ସୂର୍ଯ୍ୟକାନ୍ତ ।

ଶ୍ରୀରାମ—ସେ କାହିଁକି ଆସିଥିଲା ?

ଧରଣୀ—ଜାଣେନା ।

ଶ୍ରୀରାମ—ଧରଣୀ (ଚଢ଼ା ଗଳାରେ)

ଧରଣୀ—ସୂର୍ଯ୍ୟ ପାଇଁ ତ ଏ ଘରର ଦରଜା ମୁଁ ସବୁଦିନ ଲାଗି ବନ୍ଦ କରିଦେଇଛି ।

ଶ୍ରୀରାମ—ତୁମର ସାହସ ପାଇ ନ ଥିଲେ ସୂର୍ଯ୍ୟ ଏଠାକୁ ଆସିବାର ଦୁଃସାହସ କେବେ ହେଲେ କରି ନ ଥାନ୍ତା । ଆଉ ତୁମେ ଯଦି ତାକୁ ଜ୍ୱାଇଁ କରିବାର ସ୍ୱପ୍ନ ଏବେ ବି ଦେଖୁଥାଅ ତେବେ ମନେରଖ ଧରଣୀ ମୁଁ ବଞ୍ଚି ଥାଉ ଥାଉ ତା' କେବେହେଲେ ସମ୍ଭବ ହେବନି ।

ଧରଣୀ—ମତେ ବିଶ୍ୱାସ କର ମୁଁ ତାକୁ ଅପମାନ ଦେଇ ଏ ଘରୁ ବାହାର କରିଦେଇଛି ।

ଶ୍ରୀରାମ—ଠିକ୍ କରିଛ ଧରଣୀ, ଆଉ ଥରେ ଯଦି ଭୁଲରେ ସେ ଏ ଘରେ ପାଦ ଦିଏ ତେବେ ସେ ଆଉ ଜୀବନ ନେଇ ଫେରିପିବନି ।

[ଦୂରୁ ଗଳାରାସ୍ତାରେ ଉଚ୍ଚ କଣ୍ଠରେ ହସି ଉଠିଛି ମହାକାଳ । ଧୀରେ ଧୀରେ ରାମତାଳି ବଜାଇ ଗାଇ ଗାଇ ଆସିଛି ଶ୍ରୀରାମଙ୍କ ଦୁଆରକୁ]

ମହାକାଳ—ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ବାବୁ, ଅନେକ ଦିନ ହେଲା କିଛି ଖାଇନି, ଭୋକରେ ପେଟ ଜଳି ଯାଉଛି । ଗଣ୍ଡାଏ ଖାଇବାକୁ ଦିଅ ମା । ତମର ପିଲାମାନଙ୍କର ମଙ୍ଗଳ ହେବ ।

(ରାମତାଳି ବଜାଇଲେ)

ଶ୍ରୀରାମ—Horrible । ଏଗୁଡ଼ାକ ମଣିଷକୁ ଟିକିଏ ଶାନ୍ତିରେ ବି ରଖେଇ ଦେବେନି । ଯା ବାହାର ଯା, କିଛି ମିଳିବନି ।

ମହାକାଳ—ଦୟାକର ବାବୁ, ଏ ଅନାଥକୁ ଦୟା କର—ତମର ଧର୍ମ ହବ ।

ଶ୍ରୀରାମ—ଯା କହୁଛି । ବେଶୀ ବକ୍ ବକ୍ କଲେ କୁକୁର ଲଗେଇ ଦେବ ।

ମହାକାଳ—ମଣିଷ କ'ଣ ମଣିଷ ପ୍ରତି ଏମିତି ବ୍ୟବହାର କରେ ? ଏ କଳିଯୁଗରେ ଦୟା, ଧର୍ମ, ସ୍ନେହ, ପ୍ରେମ, ଅତିଥି, ବ୍ରାହ୍ମଣ ସବୁ କଣ କୁଆଡ଼େ ଗ୍ଭଲିଗଲା । ଗୋଟାଏ ଦୀନଦୁଃଖୀକୁ ପେଟ ଭରି ଗଣ୍ଡାଏ ଖାଇବାକୁ ଦେଲେ ତମର ସେ ଅସରନ୍ତି ଭଣ୍ଡାର କଣ ଶେଷ ହୋଇଯିବ ?—ମା···

(ଧରିତ୍ରୀଙ୍କ ଉଦ୍ଦେଶ୍ୟରେ)

ଧରିତ୍ରୀ—ତମେ ଟିକିଏ ଅପେକ୍ଷା କର, ମୁଁ ତୁମପାଇଁ ଖାଇବାକୁ ଆଣୁଛି ।

ଶ୍ରୀରାମ—ନା ଧରିତ୍ରୀ—ଏଗୁଡ଼ାଙ୍କୁ ରାସ୍ତାରେ ବୁଲା କୁକୁର ପରି ମାରିଦେବା ଉଚିତ୍ । ଆମ ଘରଟା ଗୋଟାଏ ଧର୍ମଶାଳା ନୁହେଁ କି ଅନ୍ନଛତ୍ର ନୁହେଁ ··

ମହାକାଳ—(ହସି ଉଠିଲେ) ଆମଘର ! (ହସିଲା)

"କଙ୍କର ଚୁନ୍ ଚୁନ୍ ମହଲ ବନାୟା ଲୋଗ
କହେ ଘର ମେରାରେ
ନା ଘର ମେରା ନା ଘର ତେରା ଚଡ଼ିୟା
ରୟନ ବସେରା ।"
"କିଛି ରହିବନି । ସବୁ ଗ୍ଭଲିଯିବ ।"

[ କହି ରାମତାଳି ବଜାଇ ବଜାଇ ଯେଉଁବାଟେ ଆସିଥିଲେ ସେଇବାଟେ ଗ୍ଭଲିଗଲେ··· ·· ତା ପରେ ]

ଧରିତ୍ରୀ—ଟଙ୍କାର କିଛି ବ୍ୟବସ୍ଥା କଲ ?

ଶ୍ରୀରାମ—(ଦୀର୍ଘଶ୍ୱାସ ଛାଡ଼ି) ନା ଧରିତ୍ରୀ···ଧାର ଦବା ପାଇଁ କେହି ରାଜି ହେଲେନି ଅଉ ଯୋଉ କେତେଜଣ ,ରାଜିହେଲେ ସେମାନେ ସମସ୍ତେ କହିଲେ ଏ ଘରଟାକୁ ଦଖଲ ବନ୍ଧକ ନେବାକୁ···

ଧରିତ୍ରୀ—ଶେଷରେ ତା ହେଲେ ଆମକୁ କଣ ପର ଦୁଆରେ ମୁଣ୍ଡ ଗୁଞ୍ଜିବାକୁ ପଡ଼ିବ ।

ଶ୍ରୀରାମ—ଧରିତ୍ରୀ ! 'ଯାହା ହେଲେ ବି ମଧୁର ବାପଘର ନଷ୍ଟପ୍ରାୟ ହବ । ମୁଁ ଯେତେବେଳେ କଥାଦେଇ ସାରିଛି···

ଧରିତ୍ରୀ—ତାହାହେଲେ କଣ ଏ ଘରକୁ ବନ୍ଧା ଦେଇ ଟଙ୍କା ଆଣିବ ?

ଶ୍ରୀରାମ—ମୁଁ ଆଜ ନିରୁପାୟ ଧରଣୀ । ସାମାନ୍ୟ କେଇଟା ଟଙ୍କା ପାଇଁ ମୁଁ ଆଜ ବାର ଦୁଆରେ ହାତ ପତେଇଛି, କେତେ ଅନୁନୟ ବିନୟ ହୋଇ ନ କହିଲା ଲୋକ ପାଖରେ ଗୋଡ଼ଭାଙ୍ଗି ଠିଆ ହୋଇଚି । ତଥାପି କେହି ମୋ ମୁହଁକୁ ଗୃହିଁଲେନ । କିନ୍ତୁ—କିନ୍ତୁ ଦିନଥିଲା ଯେତେବେଳେ ଏଇ ହାତରେ ମୁଁ ମୁଠା ମୁଠା ଟଙ୍କା ପାଣିପରି ଉଡ଼େଇ ଦେଇଥିଲି···

[ ଠିକ୍ ଏହି ସମୟରେ ନାଚ ଉଠିଲା ଶ୍ରୀରାମଙ୍କ ଜୀବନର କେଇଟା ହଜିଲା ପୃଷ୍ଠା ]

—ଅନ୍ଧାର—

[ ୨ୟ ମଞ୍ଚରେ କେଁଭୋଟି ପୁରୁଷ କଣ୍ଠର ସମ୍ମିଳିତ ବେସୁରା ସଙ୍ଗୀତ ·ଝଙ୍କାର—ଆଉ ଠିକ୍ ସେଇକବେଳେ ୩ୟ ମଞ୍ଚରେ—ବଜ୍ରାଘୁଣ୍ଟ ଉଠେ ମହାକାଳ କଣ୍ଠରେ ]

ମହାକାଳ—ଲକ୍ଷ୍ମୀରା ! ତୁମେ ଆଜ ସାଜିବ ମୋ ପାଇଁ ଆଦ୍ୟ ବସନ୍ତର ପ୍ରଥମ ଅଭିସାରିକା । ତମର ସେ ରକ୍ତଜବା ଚରଣଯୁଗଳରେ ନୂପୁରର ମୃଦୁମନ୍ଦ ଝଙ୍କାର—କଣ୍ଠରେ ତମର ଫୁଟି ଉଠିବ ବାଗେ-ଶ୍ରୀର ମଧୁର ରାଗିଣୀ । ତୁମର ସେ ଚର୍ଚ୍ଚିତ ବିଳାସ କକ୍ଷରେ ମୁଁ ଆଜ ରାତ୍ରି ଯାପନ କରିବି । (ହସି ଉଠିଲେ ଓ ସେଇ ରାସ୍ତାରେ ଶୋଇଗଲେ )

[ ପରେ ପରେ ୨ୟ ମଞ୍ଚର ପରଦା ଖୋଲି ଯାଇଚି । ଲଛ୍ମୁ ସିଂ ଆଖିରେ ସୁରାର ପ୍ରଭାବ । ସେ ଉନ୍ମାଦଙ୍କ ଭଳି ହସୁଥିଲା । ପାଖରେ ଥିଲା ଜଗିଗନ୍ଧା ]

ଜଗି—କଣ ହେଲା ଲଛ୍ମୁ ଭାଇ···ଏମିତି ପାଗଲଙ୍କ ପରି ହସୁଚୁ କାହିଁକି ?

ଲଛ୍ମୁ—ଆରେ ଜଗି, ଏମିତି ଗୋଟାଏ ରାତି ମୋ ଜୀବନରେ ଆଉ କେବେ ଆସିବନି – ତୁ ଆଜ .ନାଚିବୁ ଜଗି—ଅମୃତ ଯୌବନା ଉର୍ବଶୀର ରୂପ ସମ୍ଭାର ନେଇ ତୁ ଆଜ ସୃଷ୍ଟି କରିବୁ ସଙ୍ଗୀତର ଅପୂର୍ବ ମୂର୍ଚ୍ଛନା—ତୁ ଗାଇବୁ ତୋ ଜୀବନର ସର୍ବଶ୍ରେଷ୍ଠ ସଙ୍ଗୀତ ।—ଏ ରାତି ମଧୁମତ୍ତ···

ନର୍ଗୀ—ମୁଁ ପାରିବିନି ଲଚ୍ଛୁ ଭାଇ, ମୁଁ ଆଜି କ୍ଳାନ୍ତ, ମୁଁ ଆଜି ଅବଶ ।

ଲଚ୍ଛୁ—(ହସି ଉଠିଛି) ନର୍ଗୀକନ୍ୟା ନର୍ଗୀଗନ୍ଧା ଆଜି କ୍ଳାନ୍ତ—ଅବଶ—ତତେ ନାଚିବାକୁ ପଡ଼ିବ ନର୍ଗୀ । ଗାଇବାକୁ ପଡ଼ିବ । ଆଜି ବି ତୋର ସେ ରୂପର ଚମ୍ପକଶ୍ରୀ ମଉଳି ଯାଇନି । ତୋର ସେ ଉଦ୍ଧତ ଯୌବନର ଜୁଆରିଆ ବେଳାଭୂମିରେ ଭଙ୍ଗା ପଡ଼ିବାକୁ ଏବେ ବି ଅନେକ ଡେରି ଅଛି ।

ନର୍ଗୀ - ଲଚ୍ଛୁ ଭାଇ, ମତେ ତୁ କ୍ଷମା କରିବୁ ଲଚ୍ଛୁ ଭାଇ। କେତେ ଯେ ସୁନାର ସଂସାର ମୁଁ ଭାଙ୍ଗି ଉଜାଡ଼ି ଦେଇଛି ତାର ହିସାବ ତୁ ହୁଏତ ରଖିନୁ । କେତେ ଯେ ସତୀସାଧ୍ୱୀ ସୀମନ୍ତିନୀ ମୋର ଯୋଗୁ ଆତ୍ମହତ୍ୟା କରିଛନ୍ତି ତା' ତୁ କଳନା ବି କରିପାରିବୁନି । ଅନେକ ହୋଇଚନ୍ତି ଦାଣ୍ଡର ଭିକାରି—ସର୍ବହରା । ପାପର ସେ କାଳପୁରୁଷଟା ମତେ ଚାହିଁ ଯେମିତି ଠୋ ଠୋ ହୋଇ ହସି ଉଠୁଛି ।

ଲଚ୍ଛୁ—(ରାଗିଯାଇଛି) ନର୍ଗୀ ! ସଂସାର ଗଢ଼ିବାର ସ୍ୱପ୍ନ ତତେ ଆଜି ପାଗଳ କରିଛି ନା ? କିନ୍ତୁ ମନେରଖ ନର୍ଗୀ, ଶ୍ରୀରାମ ଦାସଙ୍କୁ ନେଇ ସଂସାର ଗଢ଼ିବାର ସ୍ୱପ୍ନ ତୋର ଗୋଟାଏ ମୁହୂର୍ତ୍ତିରେ ମୁଁ ଧୂଳିରେ ମିଶେଇ ଦେବି । ମୋ ଆଖିରେ ଧୂଳିଗୁଣ୍ଡି ବୁଲିଯିବା ଏତେ ସହଜ ନୁହେଁ ନର୍ଗୀ—ଲଚ୍ଛୁ ସିଂର ପଞ୍ଜୁରୀ ମଧ୍ୟରେ ଯେ ଥରେ ଧରା ଦେଇଛି ସେ ଆଉ କେବେ ମୁକ୍ତିର ସ୍ୱପ୍ନ ଦେଖିନି ।

ନର୍ଗୀ—ଲଚ୍ଛୁ ଭାଇ, ତୁ ଏତେ ନିଷ୍ଠୁର—ଏତେ ନିର୍ମମ—ମୋର ରକ୍ତ ମାଂସକୁ ପଲ ପଲ କରି ବିକ୍ରୀ କରି ମୁଁ ତତେ ଅଜସ୍ର ଟଙ୍କା ଦେଇଛି ।

ଲଚ୍ଛୁ—ମୋର ଆହୁରି ଟଙ୍କା ଦରକାର । ଲକ୍ଷ ଲକ୍ଷ, କୋଟି କୋଟି (ହସି ଉଠିଛି) ତତେ ସାରାଜୀବନ ଧରି ନାଚିବାକୁ ପଡ଼ିବ । ଆଉ ଗାଇବାକୁ ପଡ଼ିବ । ତୁ ଭୁଲି ଯା'ନା ନର୍ଗୀ ତୋର ଜନ୍ମ ଖାଲି ନାଚିବା ପାଇଁ ଆଉ ଗାଇବା ପାଇଁ । ଧନକୁବେର ଶ୍ରୀରାମ ଦାସର ଚେଷ୍ଟ୍ରଜେରୀଟା ଆଜି ଖାଲି ହୋଇ-ଯାଇଛି । ଆଉ ସେଇଥିପାଇଁ ତତେ ନୂତନ ଶୀକାରର ସନ୍ଧାନ କରିବାକୁ ପଡ଼ିବ । ଜାଣିଛୁ ନର୍ଗୀ ? ଆଜି ସନ୍ଧ୍ୟାର ବରେଣ୍ୟ ଅତିଥି ·ହେଉଛନ୍ତି ଲକ୍ଷପତି ଅନାମ ରାଉତ । ଏଭଳି କେଇଟା ଲକ୍ଷପତିଙ୍କୁ ଜାଲରେ ବାନ୍ଧି ପାରିଲେ ସାରା ଜୀବନଟା ତୋର ଭରା ପ୍ରାଚୂର୍ଯ୍ୟ ଭିତରେ କଟିଯିବ ନର୍ଗୀ ।

ଜଗି—ମୋର ସେ ପ୍ରାଚୁର୍ଯ୍ୟ ଦରକାର ନାହିଁ । ମୁଁ ଚାହେଁ ଶାନ୍ତ, ମୁଁ ଚାହେଁ ମୁକ୍ତ ।

(ଲଚ୍ଛୁ ସିଂର ହାତରେ ଛୁରୀଟା ଚକ୍ ଚକ୍ କରି ଉଠିଛି)

ଲଚ୍ଛୁ—ଏ ଛୁରୀଟାକୁ ଦେଖିପାରୁଛୁ ଜଗି ! ମୋର ଅବାଧ ହେଲେ—

ଜଗି—ଲଚ୍ଛୁ ଭାଇ—ତୁ ମତେ···

ଲଚ୍ଛୁ—(ହସି ଉଠିଛି) ତୋର ସେ ମୁଲାୟମ ଗଲାଟାକୁ କାଟି ଫିଙ୍ଗି ଦେବାକୁ କେଇଟା ସେକେଣ୍ଡ ବା ଲାଗିବନି । ସାରା ଜୀବନ ଧରି ତତେ ମୋର ନର୍ଦ୍ଦେଶ ମାନିବାକୁ ପଡ଼ିବ । ତୁ ଭୁଲି ଯା'ନା ଜଗି, ଏଠି ସବୁବେଳେ ଦେହର ସଉଦା ହୁଏ, ମନର ନୁହେଁ । ଆଉ ତୁ ହେଉଛୁ ଗୋଟାଏ ନାଚବାଲି ।

ଜଗି—ଲଚ୍ଛୁ ଭାଇ···

ଲଚ୍ଛୁ—ଯା ଜଗି, ଆଉ ଟିକଏ ପରେ ଅନାମ ରାଉତ ଆସି ପହଞ୍ଚିବେ ଆଉ ତା ପୂର୍ବରୁ ନିଜକୁ ସଜେଇ ନେ ଜଗି । ଠିକ୍ ଚଉଠିରାତିର ଲାଜକୁଳୀ ବଧୂ ଭଳି

[ଏହି ସମୟରେ ଅନ୍ୟ ମଞ୍ଚରେ ହସି ଉଠିଛି ମହାକାଳ ଏବଂ ସେଠାରୁ କହି କହି ଆସିଚ ଜଗିରାଣୀର ଘରକୁ ]

ମହାକାଳ—ଆକାଶରେ ଆଜ ଜ୍ୟୋତ୍ସ୍ନାର ମହୋତ୍ସବ । ରୂପସୀ ଧରଣୀର ତନୁଲତାରେ କାମନାର ଅଜସ୍ର ଜୁଆର । ଆମନ୍ତ୍ରଣର ଶାଣିତ କଟାକ୍ଷ—ଅଙ୍ଗେ ଅଙ୍ଗେ ତାର ପଞ୍ଚପୁଷ୍ପର ଉନ୍ମାଦନା—ଏ ରାତ ଆଜ ଅଭିସାରିକା— (ହସିଚ) ମୁଁ ଆଜ ତୁମର ବିଳାସ କକ୍ଷରେ ରାତି ଯାପନ କରିବ ସୁନ୍ଦରୀ । ଆସ ସୁନ୍ଦରୀ—ଅଭିସାରିକାର ରଙ୍ଗରାଗରେ ନିଜକୁ ସଜେଇ ନିଅ । ଆଜ ରାତି ହେବ ତୁମ ଜୀବନର ସର୍ବଶ୍ରେଷ୍ଠ ଅଭିସାର ।

ଲଚ୍ଛୁ—ବାହାରି ଯା—ବାହାରି ଯା—କହୁଛି ରାତି ଯାପନ କରିବ ।

ମହାକାଳ—କ'ଣ ? ମୋର ଚେହେରାଟା ଦେଖି ଘୃଣା କରୁଚ । ଭାବୁଚ ମୁଁ ଟଙ୍କା ଦେଇ ପାରିବନି ବୋଲି ।

(ହସିଚ)

ନର୍ତ୍ତୀ—ଇସ୍, ଲୋକଟା କି ବିଭତ୍ସ । ତାର ଆଖି ଦୁଇଟାରେ ସତେ ଯେପରି ନିଆଁ ଜଳୁଛି । ମୋର ମନେହୁଏ ଲୋକଟା ହୁଏତ ଗୋଟାଏ ମାରାତ୍ମକ ଡକାଏତ କିମ୍ବା—

ମହାକାଳ—(ହସି) ଗୋଟାଏ ମୁହୂର୍ତ୍ତର ପରିଚୟ ବି ହୋଇନି ଅଥଚ ମତେ ଏତେ ଶୀଘ୍ର ଚହ୍ନିଗଲ ? ଧନ୍ୟ ନାରୀ । ତୁମକୁ ସୃଷ୍ଟି କଲାବେଳେ ବିଧାତା ପୁରୁଷ ହୁଏତ ଭୁଲ୍ କରିଚି ।

ଲଚ୍ଛୁ—ବାହାର ଯା, କହୁଚି—ବେଶୀ ବକ୍ ବକ୍ କଲେ
(ଛୁରୀ ଦେଖାଇ)

ମହାକାଳ—(ଜୋର୍‌ରେ ହସି ଉଠି) କେହି ମତେ ମାରି ପାରିବେନି । ଯୁଗ ଯୁଗ ଧରି ମୁଁ ଏମିତି ଅମର ହୋଇ ରହିଆସିଛି । ହେଲେ ମନେରଖ ସୁନ୍ଦରୀ, ତମେ ଆଜି ମୋର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିଛ । ମୋର ଏ ବିଭତ୍ସ ରୂପ ଦେଖି ତୁମେ ମତେ ଘୃଣା କରିଚ । ମୋ ପାଖରେ ଟଙ୍କା ନାହିଁ ବୋଲି ମତେ ଖାଲି ହାତରେ ଫେରାଇ ଦେଇଛ । ମୋ ମନରେ ସେଥିପାଇଁ ଦୁଃଖ ନାହିଁ । ମୁଁ ଫେରିଯାଉଚି କିନ୍ତୁ ଦିନ ଆସିବ ଯେତେ-ବେଳେ ତୁମର ଏ ଲାବଣ୍ୟ ଝରା ତନୁଶ୍ରୀ ମଳିନ ପଡ଼ିଯିବ । ଯୌବନର ରଙ୍ଗରାଗରେ ବୟସର ପାରିଜାତ ଧୀରେ ଧୀରେ ନିଷ୍ପ୍ରଭ ହୋଇଯିବ । ତୁମେ ହୋଇଯିବ ଜରାଗ୍ରସ୍ତ, ବ୍ୟାଧିଗ୍ରସ୍ତ । ଅସ୍ଥି ଚର୍ମ ସାର ଏକ ବିଭତ୍ସ କଙ୍କାଳ । —ମାଂସ କେଇଖଣ୍ଡ ହାଡ଼ର ସମଷ୍ଟି ।

ନର୍ତ୍ତୀ—(ଭୟରେ) ଲଚ୍ଛୁଭାଇ....(ଲଚ୍ଛୁଭାଇ ଯେମିତି ସମ୍ମୋହିତ ହୋଇ ଯାଇଥିଲା)

ମହାକାଳ—ସେତେବେଳେ କେହି ତୁମ ପାଖକୁ ଅଭିସାର କରିବାକୁ ଆସିବେନି । କେହି ତୁମକୁ ମୁଠା ମୁଠା ଟଙ୍କା ଦେବେନି । ଯେଉଁମାନେ ଦିନେ ତୁମର ରୂପର ନିଆଁରେ ପତଙ୍ଗ ହୋଇ ଝାସ ଦେଇଥିଲେ ସେମାନେ ତମ ଉପରେ ଛେପ ପକେଇବେ, ଘୃଣା କରିବେ କିନ୍ତୁ ମନେରଖ ସୁନ୍ଦରୀ, ଯେତେବେଳେ ସାରା ଦୁନିଆଁ ତୁମକୁ ପ୍ରତ୍ୟାଖ୍ୟାନ କରିବ ସେତେବେଳେ କିନ୍ତୁ ମୁଁ ଆସିବ, ମୁଁ ନିଶ୍ଚୟ ଆସିବ ସୁନ୍ଦରୀ—ମୁଁ କଥା ଦେଉଚି ମୁଁ ସେଦିନ ଆସିବ ତୁମ ସହ ଅଭିସାର କରିବା ପାଇଁ, ଆଉ ସେଇ ରାତି ହବ ତୁମ ଜୀବନର ସର୍ବଶ୍ରେଷ୍ଠ ରାତି । ଆଉ ସେଇ ଅଭିସାର ହେବ ତୁମ ଜୀବନର ସର୍ବଶ୍ରେଷ୍ଠ ଅଭିସାର । ବିଦାୟ—ସୁନ୍ଦରୀ ବିଦାୟ—ମୁଁ ନିଶ୍ଚୟ ତୁମର ପ୍ରତୀକ୍ଷା କରିବ ।

[ କହୁ ଧୀରେ ଧୀରେ light post ପାଖ ଦେଇ ଗଳି ରାସ୍ତାରେ ବାହାରିଗଲେ ]

[ନଶିଗନ୍ଧା ଆଖିରେ ଫୁଟି ଉଠିଥିଲା ଏକ ଆତଙ୍କର ଚିହ୍ନ । ଭବିଷ୍ୟତକୁ କଳ୍ପନା କରି ସେ ଥରିଏତ ଶିହରି ଉଠିଥିଲା । ଲଚ୍ଛୁ ସିଂର ଜଡ଼ତା କଟି ଯାଇଥିଲା—ହଠାତ୍ ବାହାରେ ମଟର ହର୍ଣ୍ଣ ଏବଂ ରହିବାର ଶବ୍ଦ ]

ଲଚ୍ଛୁ—ଯା ନଶି, ଅନାମ ରାଉତ ବୋଧହୁଏ ଆସିଗଲେ । ତାଙ୍କର ଅଭ୍ୟର୍ଥନାରେ ଯେପରି କୌଣସି ତ୍ରୁଟି ନହୁଏ ।

"ଏ ରାତର ପିଆଲାରେ ପ୍ରଣୟର ମଦିରା ଭରି
ଦେବୁ ଚଇତାଳି ଗାଏ ମିଳନର ଆଶାବରୀ ।"

(ହସିଣ)

[ନଶିଗନ୍ଧାର ଅନିଚ୍ଛା ସତ୍ତ୍ୱେ ଭିତରକୁ ଯାଇଛି । ଲଚ୍ଛୁ ଯାଇଛି ଅନାମ ରାଉତଙ୍କୁ ପାଛୋଟି ଆଣିବାକୁ । ମଞ୍ଚ କିଛି ସମୟ ପାଇଁ ଖାଲି ପଡ଼ିଛି । ତା ପରେ ଆସିଛନ୍ତି ଅନାମ ରାଉତ । ଭିତରକୁ ଆସି ବସିଛନ୍ତି । ଏହି ସମୟରେ ଭିତରୁ ଆସିଛି ନଶି । ତାର ରୂପଲାବଣ୍ୟରେ ଏକ ବିଚିତ୍ର ଆକର୍ଷଣ ଥିଲା । ତାକୁ ଏକ ଦୃଷ୍ଟିରେ ଦେଖୁଥିଲେ ଅନାମ ରାଉତ । ସେ ଧୀରେ ଧୀରେ ଟାଣି ହୋଇ ଯାଇଥିଲେ ନଶିଗନ୍ଧାର ଜାଲ ମଧ୍ୟକୁ । ନଶିଗନ୍ଧା ହାତରେ ଗଜରା ଫୁଲର ମାଳ—ଧୀରେ ଧୀରେ ହସି ହସି ଯାଇ ଲମ୍ବେଇ ଦେଇଛି ଗଳାରେ । ତାପରେ ଏଭଳି ଭାବରେ ଗୁହିଁଛି ଯେପରି କି ସେ କେଇଟା ମୁହୂର୍ତ୍ତରେ ଅନାମ ରାଉତଙ୍କୁ ସମ୍ମୋହିତ କରିଦେବ । ତା'ପରେ ଘୁଙ୍ଗୁରର ଧୀର ଅଥଚ ଅସ୍ପଷ୍ଟ ମୂର୍ଚ୍ଛନା । ନୃତ୍ୟ ସଙ୍ଗୀତର ଆସର ଧୀରେ ଧୀରେ ଜମିଯାଇଛି ।

ଗୀତର ଶେଷରେ ନଟୀ ନାଚ ନାଚ ଶୋଇ
ଯାଇଚ ଅନାମ ରାଉତଙ୍କ କୋଳରେ।

—ଗୀତ—

ଅଭିସାର ପଥେ ତୁମେ ପ୍ରିୟତମ
କିଏ ଦେଲା ଏଇ ରୂପ ଅନୁପମ
ତୁମ ଲାଗି ଏ ଜୀବନ ଯଉବନ । ୦ ।

ଫୁଲ ସୁକୁମାର ଏଇ ତନୁଶିଖା
ତୁମ ବିନା ଅକାରଣେ ଯାଏ ଝରି
ତୁଳୀ ତଳପେ ସାଜିଛି କେଳିପୁର
ପ୍ରୀତି ମଦିରାରେ ଭରା ମୋ ଅଧର
କୁସୁମିତ ହେଉ ଆଜି ମୋ ଜୀବନ । ୧ ।

ମୋର ପାଦ ତାଳେ ଆଜି ମଧୁଛନ୍ଦା
ପ୍ରୀତି ଉପବନେ ମୁଁ ଯେ ନିଶିଗନ୍ଧା
ତୁମ ପୂଜା ପାଇଁ ସାଜେ ପୂଜାରିଣୀ
ତୁମେ ସାଜିବ ମୋ ପ୍ରୀତି ମଥାମଣି
ସୁରଭିତ ହେଉ ଆଜି ମୋ ସପନ । ୨ ।

ନଟୀ—ମୋ ନାଚ ଭଲ ଲାଗୁଚି··· ?

ଅନାମ—ସତରେ ନଟୀ ! ଏମିତି ନାଚ ମୋ ଜୀବନରେ କେବେ ଦେଖି ନ ଥିଲି । ଏ ଅଫୁରନ୍ତ ରୂପ ଲାବଣ୍ୟର ଜୁଆର । ତମର ଏ ବୀଣା ଜିଣା କଣ୍ଠରେ ସଙ୍ଗୀତର ଆବେଗଭରା ମୂର୍ଚ୍ଛନା । ତମର ତନୁ ତୀର୍ଥରେ ପଦ୍ମପଲାଶର ଆମନ୍ତ୍ରଣ—ମୋର ଅନେକ ଦିନର ସ୍ୱପ୍ନ ଆଜି ସାର୍ଥକ ହୋଇଚି । ଗାଅ ନଟୀ, ମନଭରି ନାଚ । ଏ ରାତିର ଭାଗ୍ୟଫୁଲ ମଉଳିବାକୁ ଦିଅନା···ଗାଅ··· ନାଚ·· ···

[ନଟୀ ଠିକ୍ ନାଚିବାକୁ ଗଲାବେଳେ ପଶି ଆସିଛନ୍ତି ଅସ୍ତ ମଞ୍ଚ ଉପର ଦେଇ ଶ୍ରୀରାମ ଦାସ । ଅନାମ ରାଉତଙ୍କୁ ଦେଖି ଆଖି ଦୁଇଟା ତାଙ୍କର ଜଳିଯାଇଛି ରାଗରେ ]

ଶ୍ରୀରାମ—ନଟୀ ! (ନଟୀ ଭୟ ପାଇ ଯାଇଛି)

ଅନାମ—ନାଚ ନର୍ତ୍ତି (କହୁ ଭାଡ଼ାଏ ନୋଟ୍ ଫୋପାଡ଼ି ଦେଲେ) ଏମିତି ଦିନେ ଜ୍ୟୋତ୍ସ୍ନାସ୍ନାନ ରଜନୀରେ ହେଉଥିଲା ପୃଥିବୀର ସର୍ବଶ୍ରେଷ୍ଠ ସଙ୍ଗୀତର ସ୍ୱର-ଝଙ୍କାର । ଆଉ ତମେ ଆଜି ପୁଣି ଥରେ ସୃଷ୍ଟି କରିବ ସେଇ ଅପୂର୍ବ ସଙ୍ଗୀତର ସ୍ୱର ମୂର୍ଚ୍ଛନା । ଆଜି ରାତି ପାଇଁ ତୁମେ ହୁଅ ଲକ୍ଷହୀରା ।

ଶ୍ରୀରାମ—ନା – ତମେ ନାଚ ନର୍ତ୍ତି । ଅମର ବନ୍ଦିତା ମେନକାର ଅଙ୍ଗ ଲାଳିତ୍ୟ ନେଇ ତମେ ସୃଷ୍ଟି କର ନୃତ୍ୟ ସଙ୍ଗୀତର ପୁଷ୍ପିତ କମ୍ପନ । ଯାହା ଦିନେ ମହର୍ଷି ବିଶ୍ୱାମିତ୍ରଙ୍କର ତପ ଭଙ୍ଗ କରିଥିଲା । ତମେ ନାଚ ନର୍ତ୍ତି, ଆଜି ରାତି ପାଇଁ ତୁମେ ହେବ ଅମର ବନ୍ଦିତା ମେନକା ।

(କହୁ ଭାଡ଼ାଏ ନୋଟ୍ ଫୋପାଡ଼ି ଦେଲେ । ନର୍ତ୍ତି କ'ଣ କରିବ କିଛୁ ଠିକ୍ କରି ପାରୁ ନ ଥିଲା)

ଅନାମ—ନାଚ ନର୍ତ୍ତି ! ଆଜି ରାତି ପାଇଁ ତୁମେ ହେବ ଲକ୍ଷହୀରା । (ପୁଣି ନୋଟ୍ ପ୍ୟାକେଟ୍ ପକାଇଲେ)

ଶ୍ରୀରାମ -- ନା, ଅମୃତ ଯୌବନା ମେନକାର ରୂପ ସମ୍ଭାର ନେଇ ତୁମେ ଆଜି ମୋ ପାଇଁ ସାଜିବ ଲାବଣ୍ୟମୟୀ ଅଭିସାରିକା । ନାଚ ନର୍ତ୍ତି ନାଚ (ନୋଟ୍ ପ୍ୟାକେଟ୍ ପକାଇଲେ)

ଅନାମ—ନା, କାହାର ନିର୍ଦ୍ଦେଶରେ ନର୍ତ୍ତି ଆଜି ନାଚି ପାରିବନି । ଆଜି ରାତି ପାଇଁ ନର୍ତ୍ତି ହେଉଛି ମୋର ଆଉ ମୁଁ ହେଉଛି ତାର ଏକମାତ୍ର ଅତିଥି ।

ଶ୍ରୀରାମ—ଅନାମ— ! (ରାଗରେ ଚିତ୍କାର କରି ଉଠିଛି)

ଅନାମ—(ସାମାନ୍ୟ ହସି) ଖାଲି ଆଜି ରାତି ପାଇଁ ନୁହେଁ ସାରା ଜୀବନ ପାଇଁ ନର୍ତ୍ତି ମୋର ହୋଇ ରହିବ ।

(ଆହୁରି ବଡ଼ାଏ ନୋଟ୍ ଫୋପାଡ଼ି ଦେଲେ)

ଶ୍ରୀରାମ—ମୁଁ ବଞ୍ଚି ଥାଉ ଥାଉ ତମର ସେ ସ୍ୱପ୍ନ କେବେହେଲେ ସାର୍ଥକ ହବନି ଅନାମ । ଧନ କୁବେର ଶ୍ରୀରାମ ଦାସ ଇଚ୍ଛା କଲେ ତମକୁ ମଧ୍ୟ ସାରା ଜୀବନ ପାଇଁ କିଣି ନେଇ ପାରିବ । (କହୁ କେଇଟା ପ୍ୟାକେଟ୍ ନୋଟ୍ ଅନାମ ରାଉତଙ୍କ ଉପରକୁ ପକାଇଲେ—ନର୍ତ୍ତି ନିର୍ବାକ୍—ଲିଚ୍ଛୁ ଆଖିରେ ଲାଳସାର ବହ୍ନି)

ଅନାମ—(ରାଗରେ) ଶ୍ରୀରାମବାବୁ—ଲଚ୍ଛୁ ସିଂ !

(ଲଚ୍ଛୁ ସିଂ ଲୁଚି ଯାଉଛି)

ଶ୍ରୀରାମ—ମନେ ଅଛି ଅନାମ, ଏଇ ମାତ୍ର କେଇଟା ବର୍ଷ ତଳେ ତମର ବାପା ମୋ ଘରେ ଗୁମାସ୍ତା ଗିରି କରି ତାର ମୁଣ୍ଡର ବାଳ ସବୁ ଝୋଟ ହୋଇଥିଲା ।

ଅନାମ—ଶ୍ରୀରାମବାବୁ !

ଶ୍ରୀରାମ—ମୋର ଘରେ ମୋର ଅଇଁଠା ଖାଇ ତୁମେ ଆଜି ମଣିଷ ହୋଇଚ । ଆଉ Smuggling କରି କେଇଟା କଳାଟଙ୍କାର ମାଲିକ ହୋଇଛ ବୋଲି ମୋ ସହିତ ପ୍ରତିଦ୍ୱନ୍ଦିତା କରିବାର ଆସ୍ପର୍ଦ୍ଧା । ଭୁଲି ଯାଅନି ଅନାମ—ମୋ ସହିତ ପ୍ରତିଦ୍ୱନ୍ଦିତା କରିବାର ଅପଚେଷ୍ଟା କଲେ ଏ ସହରରେ ତୁମେ ମୁଣ୍ଡ ଗୁଞ୍ଜିବାକୁ ଇଞ୍ଚେହେଲେ ବି ସ୍ଥାନ ପାଇବନି ।

ଅନାମ—All right—ମୁଁ ଏହାର ଜବାବ ତୁମକୁ ଆଉ ଦିନେ ଦେବି ଶ୍ରୀରାମବାବୁ—ଆଜି ନୁହେଁ—କିନ୍ତୁ ନର୍ତ୍ତକୀ ହେବ ମୋର—ସବୁ ଦିନପାଇଁ—ମୁଁ ଆସୁଛି ନର୍ତ୍ତକୀ—ମୁଁ ପୁଣି ଆସିବି—(ଯିବାବେଳେ) ଅନାମ ରାଉତ ଆଜି ଯାହା ପାଇବାକୁ ଇଚ୍ଛା କରେ ସେ ତା କାଲି ତାର ହାତମୁଠାରେ ପାଏ—(କହି କହି ବାହାରି ଚାଲିଗଲେ—ଲଚ୍ଛୁ ଓଠରେ ଫୁଟି ଉଠିଛି ହସ...)

ଶ୍ରୀରାମ—ଆସ ନର୍ତ୍ତକୀ । ଏ Smugglerଟା ଯେପରି ଆଉ ଦିନେ ଏଠାକୁ ନ ଆସେ । ମତେ ବିଶ୍ୱାସ କର ନର୍ତ୍ତକୀ ମୁଁ ତୁମକୁ ଭଲପାଏ । ମୁଁ ତୁମକୁ ଚାହେଁ—ଆରେ ତମ ଆଖିରେ ଲୁହ (ପୋଛିଦେଇ) କ'ଣ ହୋଇଛି ନର୍ତ୍ତକୀ ?

ନର୍ତ୍ତକୀ—ନା, ସେ କିଛି ନୁହେଁ, ମୁଁ ଆଜି ଅସୁସ୍ଥ ।

ଶ୍ରୀରାମ—ଆଜି ତମେ ଗାଇବନି ନର୍ତ୍ତକୀ, ନାଚିବନି ? କେତେ ଆଶା ନେଇ ଆସିଥିଲି, ମତେ କ'ଣ ଏମିତି ଫେରେଇ ଦବ ?

ନର୍ତ୍ତକୀ—ମତେ କ୍ଷମା କରିବେ—ମୁଁ ଆଉ ପାରୁନି....

ଶ୍ରୀରାମ—ଠିକ୍ ଅଛି ନର୍ତ୍ତକୀ, ତମେ ଯାଅ—ବିଶ୍ରାମ ନିଅ । ତମ ମନରେ କଷ୍ଟ ଦେଇ ମୁଁ କ'ଣ କେବେ ଶାନ୍ତି ପାଇପାରିବ । ଯାଅ ନର୍ତ୍ତକୀ, ମୁଁ ପୁଣି କାଲି ଆସିବି...

[ନଶିକୁ ନଜ ଗୁଡ ଉପରକୁ ଆଉଜାଇ ନେଇ ବଦାସ୍ତୁ ନେଲେ । ଏହି ସମୟରେ ଭିତରୁ ଆସିଛି ଲଚ୍ଛୁ । ତାକୁ ଦେଖି ଅସହାୟ ତଥା ବିକଳ ଭାବରେ]

ନଶି—ଲଚ୍ଛୁ ଭାଇ—ଏ ନର୍କରୁ ମତେ ମୁକ୍ତ ଦେ ଲଚ୍ଛୁ ଭାଇ, ମୁଁ ଆଉ ପାରୁନି...

ଲଚ୍ଛୁ— (ହସି) ଭୟ କରୁଛୁ । ଦୁଇଟା ଦୁର୍ଦ୍ଦାନ୍ତ ଶତ୍ରୁ ଯେତେବେଳେ ଯୁଦ୍ଧ କରିବାକୁ ଯୁଦ୍ଧକ୍ଷେତ୍ରକୁ ଆଗେଇ ଆସିଛନ୍ତି ସେମାନଙ୍କୁ ଯୁଦ୍ଧ କରିବାକୁ ସୁଯୋଗ ଦେ ନଶି, ଦେଖିବୁ ଯୁଦ୍ଧଟା କେମିତି ଜମିବ । (ହସିଛି)

[ନଶି କନ୍ଦି କନ୍ଦି ଭିତରକୁ ଚାଲିଯାଇଛି । ଲଚ୍ଛୁ ନୋଟ୍ Packet ସବୁ ଉଠାଇ ଦେଖୁଛି । ଆନନ୍ଦ ଆଉ ତୃପ୍ତିରେ ଠିକ୍ ସେତିକବେଳେ ହସି ଉଠିଛି ମହାକାଳ । ମହାକାଳ—light post ତଳେ]

ମହାକାଳ—ସର୍ବନାଶର ଝଡ ଆଜି ତାର ପକ୍ଷ ବିସ୍ତାର କରିଛି । ଗୋଟିଏ ଶିକାରକୁ ଦୁଇଟା ଶିକାରୀ । ଶିକାର କିନ୍ତୁ ଖସି ଚାଲିଗଲା । ଶିକାରୀ ଦୁଇଟା ପରସ୍ପରକୁ ଶିକାର କଲେ ତା ପରେ—ତା ପରେ ଶିକାରୀ ଦୁଇଟା ମରିଗଲେ । (ହସିଲେ) ଶିକାରଟା କିନ୍ତୁ ଖୁବ୍ ଚାଲାକ । ମୂର୍ଖ ଶିକାରୀ, ଶିକାର କରିବାର କାଇଦା ନ ଜାଣି ଶିକାର କଲେ ନିଜେ ମରିବ । କେହି ତମ ପାଇଁ ଟୋପାଏ ହେଲେ ବି ଲୁହ ଢାଳିବେନି । ଏ ଦୁନିଆଁଟା ଖୁବ୍ ସ୍ୱାର୍ଥପର—

[କହି ହସି ହସି ରାମତାଳି ବଜାଇଛି]

"ଏତେ ବୋଲି ଡାକଦେଲା ବୀର ଭୀମସେନ
କେଉଁ ବିଲ ଲୁଚିଅଛୁ ଆରେ ଦୁର୍ଯ୍ୟୋଧନ ।
ଗଦାଯୁଦ୍ଧେ ନେବି ତୋର ଆଜିରେ ପରାଣ
ରଖି ନ ପାରିବେ ତୋତେ ସ୍ୱୟଂ ନାରାୟଣ ।"

(ରାମ ଯେ ରାମ—ଗାଇ ଗାଇ ଗଳି ରାସ୍ତାରେ ବାହାରି ଗଲେ)

[ଅନ୍ୟ ଗଳି ରାସ୍ତାରେ ଶୁଣାଗଲା—ଜିନ୍ଦାବାଦ୍— ଜିନ୍ଦାବାଦ୍—ଗଳି ରାସ୍ତା ଦେଇ ମୁଖ୍ୟ ରାସ୍ତା

ଉପରକୁ ଆସୁଥିଲେ ସ୍ୱାମୀଜୀ—ଯୋଗାରୂଢ଼ ତାନ୍ତ୍ରିକ ଶିରୋମଣି…ଦେବୀ ସାଧକ ଶ୍ରୀ ଶ୍ରୀ ଶ୍ରୀ ଆନନ୍ଦ ସ୍ୱରୂପ ସ୍ୱାମୀଜୀ—ତାଙ୍କର ଜୟ ଜୟକାରରେ ଗଗନ ପବନ ମୁଖରିତ ହେଉଥିଲା —ପ୍ରସେସନ୍ ଚାଲିଛି—ଆଗେ ଆଗେ ଅମରେଶ —ତାଙ୍କ ପଛକୁ ନିଜେ ସ୍ୱାମୀଜୀ—ସ୍ୱାମୀଜୀଙ୍କ ପଛରେ ଭକ୍ତଗଣ—ଅମରେଶ କହୁଥିଲେ…]

ଅମରେଶ—ପୁରବାସୀ ସ୍ୱାଗତ କରେ ସ୍ୱାମୀଜୀ—

ଭକ୍ତମାନେ—ଜିନ୍ଦାବାଦ—ଜିନ୍ଦାବାଦ ।

ସ୍ୱାମୀଜୀ—(ଅଧରରେ ପ୍ରଶାନ୍ତ ହସ, ବେକରେ ରୁଦ୍ରାକ୍ଷର ମାଳ…ଲାଲ ପାଟରେ ତିଆରି ଏକ ସ୍ୱତନ୍ତ୍ର ପୋଷାକରେ ଦେହ ଆବୃତ—ବୟସ ୩୦ ହେବ—କପାଳରେ ରକ୍ତ ଚନ୍ଦନର ଟିକା—ଓ ଗଳାରେ ରକ୍ତ ମନ୍ଦାରର ମାଳ) ଓଁ—ଶାନ୍ତି—ଶାନ୍ତି—ଶାନ୍ତି ।

ଅମରେଶ—ପୁରବାସୀ ସ୍ୱାଗତ କରେ ସ୍ୱାମୀଜୀ—

ଭକ୍ତମାନେ—(ସମସ୍ୱରରେ) ଜିନ୍ଦାବାଦ, (ହରିବୋଲ ହୁଳହୁଳି ଇତ୍ୟାଦି)

[ପ୍ରସେସନ୍ ଆଗେଇ ଚାଲିଛି । ସ୍ୱାମୀଜୀଙ୍କୁ ଅନାମ ରାଉତ ନିମନ୍ତ୍ରଣ କରିଛନ୍ତି ସ୍ୱତନ୍ତ୍ର ଭାବରେ… ତାଙ୍କରି ଘରେ ସେ ଅବସ୍ଥାନ କରିବେ—ସେଠାରେ ସ୍ଥାପନ କରିବେ ମା କାଳୀଙ୍କର ଏକ ମୂର୍ତ୍ତି…ପ୍ରସେସନ୍ ଅନାମ ରାଉତଙ୍କ ଘର ସାମନାରେ ପହଞ୍ଚିଲା, ପାଛୋଟି ନେଲେ ଅନାମ ରାଉତ…ସ୍ୱାମୀଜୀଙ୍କ ପାଇଁ ନିର୍ମିତ ଏକ ସ୍ୱତନ୍ତ୍ର ଚୌକିରେ ବସିଲେ ସ୍ୱାମୀଜୀ…ଭକ୍ତମାନେ ତାଙ୍କୁ ଘେରି ତଳେ ବସିଲେ । ଅନାମ ରାଉତ ସ୍ୱାମୀଜୀଙ୍କ ପାଦ ସ୍ପର୍ଶ କରି କପାଳରେ ଲଗାଇଲେ—ଭିତରୁ ଭୋଳା ଆସି ଲମ୍ବ ହୋଇ ସାଷ୍ଟାଙ୍ଗ ପ୍ରଣିପାତ କଲା—ସ୍ୱାମୀଜୀ ଆଶୀର୍ବାଦ ମୁଦ୍ରାରେ ସମସ୍ତଙ୍କୁ ଆଶୀର୍ବାଦ କଲେ]

ଅନାମ—ମତେ ଏ ସଙ୍କଟରୁ ଉଦ୍ଧାର କରନ୍ତୁ ପ୍ରଭୁ···

ସ୍ୱାମୀଜୀ—ଆଉ ଭୟ ନାହିଁ ଅନାମ, ତୋର କାତର ପ୍ରାର୍ଥନା ମୋର ଧ୍ୟାନ ଭଗ୍ନ କରିଛି । ଆଉ ସେଥିପାଇଁ ତୋ'ର ଅନୁରୋଧ ରକ୍ଷା କରି ମୁଁ ନଜେ ଆସିଛି । ତୋର ଏଇ ବିରାଟ ପ୍ରାସାଦର ନିଭୃତ କକ୍ଷରେ ମୁଁ ସ୍ଥାପନ କରିବି ମା' କାଳୀଙ୍କର ମୂର୍ତ୍ତି ।

ଅନାମ—ଆପଣଙ୍କର ଦୟା ପ୍ରଭୁ···ଏ ସବୁ ତ ଆପଣଙ୍କର କରୁଣାର ପରିପ୍ରକାଶ ।

ସ୍ୱାମୀଜୀ—ଆସନ୍ତା ଶନିବାର—ନିର୍ଜନ ନିଶାର ନିସ୍ତବ୍ଧ ଲଗ୍ନରେ ମୁଁ ପ୍ରତିଷ୍ଠା କରିବି ମା କାଳୀଙ୍କର ପୂର୍ଣ୍ଣ ବିଗ୍ରହ—ଆଉ ସେଇ ଖଣ୍ଡା ଖର୍ପର ଧାରିଣୀ—ନୃମୁଣ୍ଡ ମାଳିନୀ—କରାଳ ବଦନୀ ମା' କାଳୀଙ୍କ ବିଗ୍ରହରେ ସେ ଦିନ ମୁଁ ଦେବି ଜୀବନ୍ୟାସ—ତା ପରେ ବଳି···

ଅନାମ—ବଳି ! (ଭୟରେ)

ସ୍ୱାମୀଜୀ—ହଁ ବଳି···ଛାଗ ବଳି···ଜୀବନ୍ୟାସ ଦେଲା ପରେ ସେଇ ରକ୍ତମୁଖୀ ଦେବୀ ତାଙ୍କର କରାଳ ବହ୍ନିମୟ ଜିହ୍ୱାକୁ ଲହ ଲହ ବିସ୍ତାର କରି ଚାହିଁବ ଏ ସାରା ବିଶ୍ୱକୁ ଗ୍ରାସ କରିବାକୁ···ତାକୁ ସନ୍ତୁଷ୍ଟ କରିବ ଛାଗ ବଳିଦେଇ—ସେଥିରେ ତୋର ମଙ୍ଗଳ ହେବ ଅନାମ । ତୁ ହେବୁ ଧନ କୁବେର—ଐଶ୍ୱର୍ଯ୍ୟଶାଳୀ···

ଅନାମ—ଯାହା ପ୍ରଭୁଙ୍କର ଇଚ୍ଛା···

ସ୍ୱାମୀଜୀ—ଆଉ ଶୁଣ୍ ଅନାମ—ମା'ର ଇଚ୍ଛା—

[ହାତରେ ଇଙ୍ଗିତ ଦେଲେ ସବୁ ଭକ୍ତମାନେ ଗୋଟି ଗୋଟି ହୋଇ ବାହାରକୁ ଚାଲିଗଲେ କେବଳ ରହିଲେ ସ୍ୱାମୀଜୀ ଓ ଅନାମ]

ଅନାମ—କୁହନ୍ତୁ ପ୍ରଭୁ ମା'ଙ୍କର କଣ ଇଚ୍ଛା···

ସ୍ୱାମୀଜୀ—ମା'ଙ୍କର ଇଚ୍ଛା—ମା'ଙ୍କର ଇଚ୍ଛା ବାହାରେ ପ୍ରକାଶ କରିବୁନି ଅନାମ । ତାହାହେଲେ ଦୁର୍ଯ୍ୟୋଗ ମାଡ଼ି ଆସିବ । ତୋର ବଂଶ ଲୋପ ହୋଇଯିବ···

ଅନାମ—(ଭୟରେ) ନା ପ୍ରଭୁ ! ମୁଁ ଆପଣଙ୍କର ଚରଣ ଛୁଇଁ ଶପଥ କରୁଛି, ମା'ଙ୍କର ଇଚ୍ଛା ସବୁବେଳେ ଗୋପନୀୟ ରହିବ ।

ସ୍ୱାମୀଜୀ—ବେଶ୍, ତେବେ ଶୁଣ୍ ଅନାମ, ମା'ର ଇଚ୍ଛା—ମା'ର ଆଶୀର୍ବାଦ ପାଇବାକୁ ହେଲେ ବିକାର ଶୂନ୍ୟ ହେବାକୁ ପଡ଼ିବ, ଲଜ୍ୟା ତ୍ୟାଗ କରିବାକୁ ପଡ଼ିବ । ଆସନ୍ତା ଶନିବାର ଦିନ ମୁଁ ଯେତେବେଳେ ମା'ର ସେ ପାଷାଣ ବିଗ୍ରହରେ ଜୀବନ୍ୟାସ ଦେବି ସେତେବେଳେ ମୁଁ ହେବି ଦିଗମ୍ବର, ତୁ ବି ଲଜ୍ୟାଶୂନ୍ୟ ହୋଇ ବିକାର ଶୂନ୍ୟ ମନ ନେଇ ସଂପୂର୍ଣ୍ଣ ଉଲଗ୍ନ ଭାବରେ ମା'ର ଚରଣ ତଳେ ନିଜକୁ ଲୋଟାଇ ଦେବୁ…ପାରିବୁ…ସହ୍ୟ କରି-ପାରିବୁ ମା'ଙ୍କର ସେ ତେଜୋଦୀପ୍ତ ଭୟଙ୍କର ମୂର୍ତ୍ତିକୁ… ?

ଅନାମ—(ଭୟରେ) ପାରିବି ପ୍ରଭୁ…ଆପଣଙ୍କର ଆଶୀର୍ବାଦ ଥିଲେ ।

ସ୍ୱାମୀଜୀ—(ହସି) ଭୟ ନାହିଁ ଅନାମ, ମୁଁ ଯେ ସବୁବେଳେ ତୋ ପାଖେ ପାଖେ ଅଛି । ହଁ ମା'ର ଇଚ୍ଛା ମୁଁ ଯେତେବେଳେ ମନ୍ତ୍ରପାଠ କରୁଥିବି ସେତେ-ବେଳେ ଅକ୍ଷତ ଯୌବନା ସପ୍ତକୁମାରୀ ହସ୍ତରେ ସ୍ୱର୍ଣ୍ଣ ପ୍ରଦୀପ ଧରି ମା'ର ଆଳତି କରିବେ । ସେମାନେ ସମସ୍ତେ ହେବେ ବିବସନା । ସେମାନଙ୍କର ମନୋବାଞ୍ଛା ମା' ନିଶ୍ଚୟ ପୂରଣ କରିବ ।

ଅନାମ—କିନ୍ତୁ ପ୍ରଭୁ…

ସ୍ୱାମୀଜୀ—ମା'ର ଆଦେଶ ଅବମାନନା କଲେ ସର୍ବନାଶର ପ୍ରଳୟ ମାଡ଼ି ଆସିବ । ଆସନ୍ତା ଶନିବାର ନିଶାର୍ଦ୍ଧରେ ଯଦି ମା'ର ପାଷାଣ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ନ ହୁଏ ତେବେ ତତେ ଆହୁରି ୪୨ ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ଏମିତି ଏକ ମୁହୂର୍ତ୍ତ, ଏକ ଦୁର୍ଲ୍ଲଭ ଯୋଗ ଆଜିଠାରୁ ୧୫୭ ବର୍ଷ ତଳେ ପଡ଼ିଥିଲା । ପୁଣି ପଡ଼ିବ ୦୨ ବର୍ଷ ପରେ…ତୁ କିଛି ଚିନ୍ତା କରନା ଅନାମ ମା'ର ଇଚ୍ଛା ନିଶ୍ଚୟ ପୂରଣ ହେବ । ତୁ ନିମିତ୍ତ ମାତ୍ର । ଯା, ତୋର କର୍ତ୍ତବ୍ୟ କରି ଯା….

ଅନାମ—ଆସନ୍ତୁ ପ୍ରଭୁ…ଭିତରେ ବିଶ୍ରାମ ନେବେ । ମା'ଙ୍କର ଇଚ୍ଛା ନିଶ୍ଚୟ ପୂରଣ ହେବ ।

[ ଦୁହେଁ ଭିତରକୁ ଯିବାବେଳେ ୩ୟ ମଞ୍ଚର ଗଳି ରାସ୍ତାରେ ହସି ଉଠିଛି ମହାକାଳ । ୨ୟ ମଞ୍ଚର ଆଲୋକ ଲିଭିଯାଇଛି ]

ମହାକାଳ—ପାଷାଣ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରିବ ଭଣ୍ଡ ସନ୍ନ୍ୟାସୀ ? ସବୁ ଭଣ୍ଡାମୀ—ସବୁ ପ୍ରତାରଣା –ସବୁ ଧୋକାବାଜି । ମଣିଷ ଆଜି ଠକ

ଯାଇଛି—ତାର ଚନ୍ଦ୍ରାଧାରା ଆଜି କଳୁଷିତ । ମୂର୍ଖମାନବ—ବିବେକକୁ ଜାଗ୍ରତ କର·· ତାହା ହେଲେ ସବୁ ବୁଝିପାରିବ, ସବୁ ଜାଣିପାରିବ । ମା' କଣ କେବେ ଚାହେଁ ତାର କୁମାରୀ କନ୍ୟା ବିବସନା ହୋଇ ଲଜ୍ଜାହୀନ ଭାବରେ ତା ଆଗରେ ଠିଆ ହେଉ ? ମା' କଣ କେବେ ଚାହେ ଯେ ସାଧକ ଆକଣ୍ଠ ସୁରାପାନ କରି ତା'ର ଆରାଧନା କରୁ ? ମା'ର ସେ ବରାଭୟ କର-ମୁଦ୍ରା ତଳେ କେବେ ଦେଖିଛ ହିଂସାର ଝଲକ ? କେବେ ଦେଖିଛ ବ୍ୟଭିଚାରର ଇଙ୍ଗିତ ? ସେ ମା, ସେ ଜନନୀ ···

"ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ

(ରାମତାଳି ବଜାଇ ବଜାଇ ଚାଲିଗଲେ)

[ ୧ମ ମଞ୍ଚ—ଶ୍ରୀରାମ ଦାସଙ୍କ ଘର, ଘର ମଧ୍ୟରୁ ଶୁଣାଯାଉଥିଲା ଶଙ୍ଖଧ୍ୱନି, ହୁଳହୁଳିର ମୂର୍ଚ୍ଛନା । ମଞ୍ଚରେ ଆଲୋକ ହେଲା ପରେ ଦେଖାଗଲା ଚିନ୍ତିତ ମନରେ ବସିଥିଲେ ଶ୍ରୀରାମ—ଭାଙ୍ଗି ପଡ଼ି-ଥିଲା ତାଙ୍କ ମନର ବଳ ତାଙ୍କର ଶେଷ ସମ୍ବଳ 'ସ୍ୱର୍ଣ୍ଣନିଳୟ'କୁ ବିକି କିମ୍ବା ବନ୍ଧକ ନ ଦେଲେ ମଧୁର ବାହାଘର ହୋଇ ପାରିବନି । ଚିନ୍ତା ଏବଂ ଦ୍ୱନ୍ଦ୍ୱ ମଧ୍ୟରେ ତାଙ୍କର ଲୁହ ଆସିଗଲା । ଏହି ସମୟରେ ଆସିଛନ୍ତି ଧରଣୀ—ହାତରେ ଭୋଗ-ଥାଳି ]

ଧରଣୀ—ନିଅ, ଠାକୁରଙ୍କ ପ୍ରସାଦ ଟିକିଏ ପାଇଦିଅ । ଆଜି ପରା ମଧୁର ଜନ୍ମଦିନ ।

ଶ୍ରୀରାମ—ଠାକୁର ! ସେ ଠାକୁର ତ ଆମ ପାଇଁ ପଥର ହୋଇ ଯାଇଛନ୍ତି ଧରଣୀ । ତା ହୋଇ ନଥିଲେ ମଧୁର ଜନ୍ମଦିନ ଆଜି କ'ଣ ଏମିତି···

ଧରଣୀ—ତାକୁ ତମେ ଆଶୀର୍ବାଦ କର, ସେ ସୁଖୀହେଉ···ଠାକୁର ଚାହିଁଲେ···

ଶ୍ରୀରାମ—ଏ ଦୁଃଖର ଅମାନିଶି ପାହିଯିବ ନା ?···ନା ଧରଣୀ, ତମେ ସେଦିନ ଠିକ୍ କହିଥିଲ—ମୋ ପାପର ମୁଁ ଆଜି ପ୍ରାୟଶ୍ଚିତ୍ତ କରୁଛି । ମୋ ଜୀବନର ରଙ୍ଗହୀନ ଅପରାହ୍ଣରେ ମୁଁ ଆଜି ଏକାନ୍ତ ନିଃସଙ୍ଗ ··

ଧରଣୀ—ଛି, ତମେ ଯଦି ଏମିତି ଭାଙ୍ଗି ପଡ଼ିବ......

ଶ୍ରୀରାମ—ନା ଧରଣୀ—ମୁଁ ଖାଲି ଅନୁଶୋଚନାର ଲୁହ ଢାଳୁଛି...ତଥାପି...

ଧରଣୀ—(ରାମଦାସଙ୍କ ମନର ଭାବ ବୁଝି ପ୍ରସଙ୍ଗ ବଦଳାଇବା ଇଚ୍ଛାରେ) କହନ୍ତୁ ତ ଆସନ୍ତା ସୋମବାର, ବାହାଘରର ଆଉ ଗୋଟାଏ ମାସ ରହିଲା, ଟଙ୍କାର କିଛି ଯୋଗାଡ଼ କଲ ?

ଶ୍ରୀରାମ—(ଦୀର୍ଘଶ୍ୱାସ ପକାଇ) ଟଙ୍କା ! ହଁ ଧରଣୀ ଆମର ଶେଷ ସମ୍ବଳ ତମର ଅତି ଆଦରର ଏଇ 'ସ୍ୱପ୍ନ ନିଳୟ'କୁ ବନ୍ଧା କରିବା ଛଡ଼ା ମୋର ଆଉ ଅନ୍ୟ ଉପାୟ ନାହିଁ—ମୁଁ ଆଜି ନିରୁପାୟ......

ଧରଣୀ—(ଆଘାତ ପାଇଛନ୍ତି) ସ୍ୱପ୍ନ ନିଳୟକୁ ବନ୍ଧା କରିଦେବ ?

ଶ୍ରୀରାମ—ତା ନ ହେଲେ ମଧୁର ବାହାଘର ଯେ ହୋଇପାରିବନି...ମତେ କ୍ଷମା କରିବ ଧରଣୀ, ଜୀବନରେ ତମକୁ କିଛି ଦେଇ ପାରିନି; କିନ୍ତୁ ଦେଇଛି ଅନେକ କଷ୍ଟ—ଅନେକ ଯନ୍ତ୍ରଣା...ହାତ ଉଠାଇ ମାଡ଼ ମାରିଛି—ଆଖିରେ ତମର ଭରି ଦେଇଛି ଶ୍ରାବଣର ଅଶାନ୍ତ ବନ୍ୟା—ଆଉ ଆଜି ଯେଉଁ ସ୍ୱପ୍ନ ନିଳୟକୁ ତମେ ନିଜ ହାତରେ ତିଆରି କରିଥିଲ ମୁଁ ତାକୁ ବନ୍ଧି କରି ଦେଉଛି ।

ଧରଣୀ—ସେଥିପାଇଁ ମୋ ମନରେ ଟିକିଏ ହେଲେ ବି ଦୁଃଖ ନାହିଁ—ମଧୁ ପାଇଁ; ତା'ର ମଙ୍ଗଳ ପାଇଁ ଆମକୁ ସବୁ କିଛି ତ୍ୟାଗ କରିବାକୁ ପଡ଼ିବ...... କିନ୍ତୁ......

ଶ୍ରୀରାମ - କ'ଣ ହେଲା ଧରଣୀ... ?

ଧରଣୀ—ନା, ସେ କିଛି ନୁହେଁ...

ଶ୍ରୀରାମ—କୁହ ଧରଣୀ, ଆଜି ଆଉ କିଛି ଲୁଚାଅନି—ମୁଁ .ଅତି ଏକାନ୍ତ ଭାବରେ ନିଃସ୍ୱ ...

ଧରଣୀ—ଏ ବିବାହରେ ମଧୁ କ'ଣ ଶାନ୍ତି ପାଇବ ? ତା' ଓଠରେ ସତରେ କ'ଣ ଫୁଟିଉଠିବ ଆତ୍ମତୃପ୍ତିର ହସ ?

ଶ୍ରୀରାମ—ମୁଁ ସବୁ ବୁଝୁଛି ଧରଣୀ ! ଯାହାହେଲେ ବି ମୁଁ ଗୋଟାଏ ବାପ... ମଧୁର ସେ କଅଁଳିଆ ମନରେ ମୁଁ ଅନେକ ଆଘାତ ଦେଇଛି...ମୋର

ଇଜ୍ଜତକୁ ବଞ୍ଚାଇବାକୁ ଯାଇ ସେ ଆଖିର ଲୁହକୁ ଲୁଚିରଖି ଓଠରେ ହସ ଫୁଟାଇଛି—ଆଉ ସେଇଥିପାଇଁ ତମର କଥା ମାନି ମୋର ମାନ ସମ୍ମାନ ଇଜ୍ଜତକୁ ଜଳାଞ୍ଜଳି ଦେଇ ମୁଁ ଅନାମ ରାଉତ ପାଖକୁ ଲୋକ ପଠାଇ-ଥିଲି···ମୋ ତରଫରୁ ପ୍ରସ୍ତାବ ଦେଇ···

ଧରଣୀ—(ଆଗ୍ରହରେ) ଅନାମ କ'ଣ କହିଲେ ?

ଶ୍ରୀରାମ—ଅନାମ···ସେ କହିଲା "ଶ୍ରୀରାମ ଦାସ ଭଳି ଗୋଟିଏ କାଙ୍ଗାଳ ଆଉ ଦରିଦ୍ର ଘରେ ଅନାମ ରାଉତ ବନ୍ଧୁ କରି ପାରେନା"—

ଧରଣୀ—ଅନାମ ଏ କଥା କହି ପାରିଲେ ? ତମରି ଅଇଁଠା ଥାଳୀରେ ମୁଁ ତାକୁ ଭାତ ବାଢି ଦେଇଛି । ଆଉ ତାକୁଇ ଖାଇ ଅନାମ ଆଜି ମଣିଷ ହେଇଛି—ଅଥଚ···

ଶ୍ରୀରାମ—ହଁ ଧରଣୀ, ସେ ଆଜି ବଡ଼ଲୋକ···ଇଜ୍ଜତର ବନ୍ଧ୍ୟାଚଳରେ ସେ ଆଜି ସମ୍ମାନିତ ନାଗରିକ । ଆଉ ସେଇଥିପାଇଁ ସେ ଆଜି ଏ ଅପମାନ ଦେବାର ଦୁଃସାହସ କରିଛି । ଆଉ ମଧୁ ପାଇଁ ମୁଁ ଆଜି ସବୁ ନୀରବରେ ସହି ଯାଇଛି । ମୁଁ କାଲି ଦିନେ ଜବାବ୍ ଦେବି ଧରଣୀ । ଏ ଅପମାନର ମୁଁ ପ୍ରତିଶୋଧ ନେବି (ଏହି ସମୟରେ ଆସିଛି ମଧୁ । ମଧୁକୁ ଦେଖି ପ୍ରସଙ୍ଗ ବଦଳାଇ) ଆ ମା' ବସ···ଆରେ ତୁ ଏତେବେଳଯାଏ ପ୍ରସ୍ତୁତ ହେଇନୁ । ସେମାନେ ପରା ଅଜି ଆସିବେ ବୋଲି ଖବର ଦେଇଛନ୍ତି ।

ମଧୁ—ବାପା···ତମେ···ତମେ ଏ ଘରକୁ ବିକିଦବ ?

ଶ୍ରୀରାମ—ଘର ଘର କାହିଁକି ବିକି ହେବ—ତୁ ଗଲୁ—ଯା—ପ୍ରସ୍ତୁତ ହୋଇ ଯିବୁ ।

ମଧୁ—ମୁଁ ସବୁ ଜାଣେ ବାପା, ମୁଁ ସବୁ ଶୁଣିଛି ।

ଶ୍ରୀରାମ—ମଧୁ—

ମଧୁ—ମୁଁ ବାହା ହେବନି ବାପା, ମୋ ପାଇଁ ତମେ ଅପମାନ ସହିବ, ମୋ ପାଇଁ ସ୍ମୃତି ନିଲାମ୍ବ ବିକୀ ହେବ—ନା ନା ବାପା ମୋର ଏ ବାହାଘର ଦରକାର ନାହିଁ···

ଧରଣୀ—ମଧୁ, ତୋର ଏତେ ଚିନ୍ତା କରିବା ଦରକାର ନାହିଁ ··

ମଧୁ—ମୁଁ କଣ ଏ ଘରର କେହି ନୁହେଁ ? ସବୁ ଝିଅ କଣ ବାହା ହେଉଛନ୍ତି ? ମୁଁ ପାଠ ପଢ଼ିଛି—ମୁଁ ଚାକରି କରିବି ବୋଉ—

ଧରଣୀ—ମଧୁ···

ମଧୁ—ହଁ ବୋଉ, ତୋର ଝିଅ ହେଇ ଏ ବଂଶର ଇଜ୍ଜତକୁ ମୁଁ ମାଟିରେ ମିଶିବାକୁ ଦେବିନି । ତୁ ଏ ବାହାଘର ଭାଙ୍ଗିଦେ ବୋଉ, ଏ ବାହାଘର ଭାଙ୍ଗିଦେ ··

(କାନ୍ଦି କାନ୍ଦି କାନ୍ଦି ଭିତରକୁ ଚାଲିଗଲା)

ଶ୍ରୀରାମ—ତ କୁ ତମେ ବୁଝାଇ ଦେବ ଧରଣୀ·· ତାକୁ ତମେ ବୁଝାଇ ଦେବ ଏ ବାହାଘର ନିଶ୍ଚୟ ହେବ ।

[ ଠିକ୍ ଠିକ୍ ଯିବାବେଳକୁ ଆସିଛନ୍ତି ଅମରେଶ ଧରଣୀ ଭିତରକୁ ଚାଲିଗଲେ]

ଶ୍ରୀରାମ—ଆପଣ ?

ଅମରେଶ—ମୁଁ ଅମରେଶ ପଟ୍ଟନାୟକ—ଶୁଣିଲି ଆପଣଙ୍କର 'ସ୍ୱର୍ଣ୍ଣ ନିଳୟ' ବିକ୍ରି ହେଉଛି ବୋଲି···

ଶ୍ରୀରାମ—(କଣ ଉତ୍ତର ଦେବେ ଠିକ୍ କରି ପାରୁ ନାହାନ୍ତି) ହଁ—ତେବେ ଏ ଯାଏ କିଛି ଠିକ୍ କରିନି । ଆପଣ କି'ଣ ?

ଅମରେଶ—ନା, ମୁଁ ନୁହେଁ ଆପଣଙ୍କର ଏଇ ସ୍ୱର୍ଣ୍ଣ ନିଳୟ ପ୍ରତି Mr. Routଙ୍କର ଗୋଟାଏ Special fascination ରହିଛି । ସେ କିଣିବାକୁ ଅଗ୍ରହୀ···ଆପଣ ଚାହିଁଲେ ଆଜି ଏଇ ମୁହୂର୍ତ୍ତରେ ସେ ନଗଦ Cash ଦେଇ କିଣିନେବେ···

ଶ୍ରୀରାମ—Mr. Rout ? ମାନେ···

ଅମରେଶ—ହଁ Mr. Anam Rout. Chember of commerceର President, ତଥା ବିଶିଷ୍ଟ ଶିଳ୍ପପତି···

ଶ୍ରୀରାମ—(ରାଗରେ ଜଳି ଉଠିଛନ୍ତି କିନ୍ତୁ ସଂଯତ ଭାବେ) ସ୍ୱର୍ଣ୍ଣ ନିଳୟକୁ କିଣିବାର ସ୍ୱପ୍ନ ଦେଖିଛି ଅନାମ ରାଉତ ? Tell him Mr. Pattnaik,

ସ୍ୱର୍ଣ୍ଣ କଳସ ଯଦ କେବେ ବିକ୍ରୀ ହୁଏ, ତେବେ ଅନାମ ରାଉତ କେବେ-
ହେଲେ ତାର ମାଲିକ ହୋଇ ପାରିବନି····

ଅମରେଶ—କିନ୍ତୁ Mr Das, Mr. Rout ଇଚ୍ଛା କଲେ ଆପଣଙ୍କର ସ୍ୱର୍ଣ୍ଣ କଳସ ପାଇଁ ଆପଣ କଣେ ହେଲେ ବ ଖରିଦ୍‌ଦାର ପାଇବେନ । And you know, he controls the entire Business Market.......

ଶ୍ରୀରାମ—ମାନେ ?

ଅମରେଶ—ମାନେଟା ଆପଣ ଠିକ୍ ବୁଝିଛନ୍ତି, Mr. Das.

ଶ୍ରୀରାମ—ମୋର ଅସହାୟତାର ସୁଯୋଗ ନେଇ ସ୍ୱର୍ଣ୍ଣ କଳସକୁ କମ୍ ଦାମ୍‌ରେ କିଣି ନେବାକୁ ଏ ଗୋଟାଏ ଘୃଣ୍ୟ ଷଡ଼ଯନ୍ତ୍ର, ନା··· ?

ଅମରେଶ—No Mr. Das. Mr. Rout is prepared to pay five lakhs. ୫ ଲକ୍ଷ କିଛି କମ୍ ନୁହେଁ Mr. Das. ଏ ଘଡ଼ିଟାର ଦାମ୍ ଖୁବ୍ ବେଶୀ ହେଲେ ଦୁଇ ଲକ୍ଷରୁ ବେଶୀ ହବନି ।

ଶ୍ରୀରାମ—I see. ମାତ୍ର ୫ ଲକ୍ଷ ଟଙ୍କା ଦେଇ ଦାସ ବଂଶର ଇଜ୍ଜତକୁ କିଣି ନବ ଅନାମ ରାଉତ । ଯାଆନ୍ତୁ Mr. Pattnaik, ଅନାମ ରାଉତଙ୍କୁ କହିବେ ଶ୍ରୀରାମ ଦାସ ଏବେ ବି ବଞ୍ଚିଛି ··

ଅମରେଶ—ତାହାହେଲେ ··

ଶ୍ରୀରାମ—Please go out···

ଅମରେଶ—All right. (କହି ଦ୍ରୁତ ପଦରେ ବାହାରି ଗଲେ)

(ପାଟିଶୁଣି ଆସିଛନ୍ତି ଧରିତ୍ରୀ···)

ଧରିତ୍ରୀ—କଣ ହେଲା ?

ଶ୍ରୀରାମ—ଶୁଣୁଛ, ଶୁଣୁଛ ଧରିତ୍ରୀ—ଆମ ଜୀବନର ଚରମ ଦୁର୍ଦ୍ଦିନରେ ଭାଗ୍ୟର କି ନିଷ୍ଠୁର ପରିହାସ । ସ୍ୱର୍ଣ୍ଣ କଳସ କିଣିବାର ସ୍ୱପ୍ନ ଦେଖିଛି ଅନାମ ରାଉତ ।

(ଏହି ସମୟରେ ଅସ୍ପଷ୍ଟ ମଞ୍ଚରେ ହସି ଉଠିଛି ମହାକାଳ)

ମହାକାଳ—ଆଶାର ବୈତରଣୀ—It wishes are horses then beggars will ride. (ହସିଛି) Oh Almighty—Excuse

them, They do not know what they are doing. ସେମାନେ ବି ଦିନେ ତାଙ୍କୁ କ୍ରୁଶବିଦ୍ଧ କରିଥିଲେ—ତାଙ୍କ ମସ୍ତକରେ ପିନ୍ଧାଇ ଦେଇଥିଲେ କଣ୍ଟାର ମୁକୁଟ । ମନେଅଛି—ସେଦିନ ତାଙ୍କ ଦେହରୁ କମିତି ରକ୍ତର ଧାର ଛୁଟିଥିଲା—ଆଉ ଦିନେ—ସେଇ ଆଜାନୁଲମ୍ବିତ ବାହୁ—ପ୍ରଶାନ୍ତ ଲଲାଟରେ ଅହିଂସାର ସ୍ୱାକ୍ଷର—ଗୌରବୋଜ୍ଜ୍ୱଳ ବକ୍ଷଦେଶରେ ପ୍ରେମର ଅମର ମନ୍ଦାକିନୀ—କଣ୍ଠରେ "ରଘୁପତି ରାଘବ ରାଜାରାମ"—ବକ୍ଷଦେଶରେ ଗୁଳିବିଦ୍ଧ ହେଲା । ପରମ କାରୁଣିକଙ୍କ ଓଷ୍ଠାଧାରରେ କ୍ଷୀଣ ହସର ତରଙ୍ଗ ...ହେ ରାମ

[ତା ପରେ ରାମ ଯେ ରାମ ରାମ ଯେ କହି ରାମତାଳି ବଜାଇ ମହାକାଳ ଚାଲିଗଲେ]

[୧ସୁ ମଞ୍ଚରେ ଜଳିଉଠିଲା ଆଲୋକ । ଅନାମ ରାଉତଙ୍କ ଘର ଡ୍ରଇଂ ରୁମ—ଅନାମ ରାଉତ ଚା ରୁଟି ଖାଉଥିଲେ—ହାତରେ ଥିଲା Transistor—ଖୋଲିଲେ—ଭାସି ଆସିଲା ପାଖରେ ଥିଲେ ଅମରେଶ]

ସମ୍ବାଦ—ଆକାଶବାଣୀ—କଟକ—ବିଶେଷ ସମ୍ବାଦ ପରିବେଷଣ କରୁଛନ୍ତି ଶ୍ରୀକାନ୍ତ ଜେନା । ମହାନଦୀ ଏବଂ କାଠଯୋଡ଼ିରେ ପ୍ରବଳ ବନ୍ୟାର ଜୁଆର ମାଡ଼ି ଆସୁଛି । ମହାନଦୀରେ ବନ୍ୟାଜଳ ବିପଦ ସଙ୍କେତ ଟପି ଯାଇଛି । କାଠଯୋଡ଼ିର ପଥର ବନ୍ଧ ଉପରେ ବନ୍ୟା ପ୍ରବାହ ମାଡ଼ି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି । ଆପଣମାନଙ୍କୁ ଅନୁରୋଧ ଆପଣମାନେ ନିଜ ନିଜର ସୁରକ୍ଷା ପାଇଁ ନିରାପଦ ତଥା ଉଚ୍ଚସ୍ଥାନକୁ ଚାଲି ଆସନ୍ତୁ । ଆଜି ରାତି ୯ଟାରୁ ୧୨ଟା ପର୍ଯ୍ୟନ୍ତ ସମୟ ଅତି ଦୁଃସମୟ ଏବଂ ସଙ୍କଟପୂର୍ଣ୍ଣ । ଏଭଳି ବନ୍ୟା ବିଗତ ୧୦୦ ବର୍ଷ ମଧ୍ୟରେ ଦେଖାଯାଇ ନ ଥିଲା । ହଜାର ହଜାର ଗ୍ରାମ ଆଜି ଜଳମଗ୍ନ । ଲକ୍ଷ ଲକ୍ଷ ଲୋକ ଆଜି ବିପନ୍ନ । ଏଇମାତ୍ର ମିଳିଥିବା ତାଜା ସମ୍ବାଦରୁ ପ୍ରକାଶ ଯେ, ଆଜି ରାତିରେ ପ୍ରବଳ ବନ୍ୟା ସାଙ୍ଗକୁ ଘଣ୍ଟାରେ ପ୍ରାୟ ୧୫୦ କି: ମି: ବେଗରେ ପବନ ବହିବ । ବଙ୍ଗୋପସାଗରରେ ୧୦୦ କି: ମି: ଦୂରରେ ଭୟଙ୍କର ଲଘୁଚାପ ସୃଷ୍ଟି ହୋଇଛି । ହୀରାକୁଦ ଜଳଭଣ୍ଡାର ବର୍ତ୍ତମାନ ଟଳମଳ ଅବସ୍ଥାରେ ରହିଛି...

(ଅନାମ ରାଉତ Transistorର ସୁଇଚ୍ ବନ୍ଦ କଲେ)

ଅନାମ—ବନ୍ୟା, ବାତ୍ୟା, ମରୁଡ଼ି···କିଛି ବୁଝିଲ ଅମରେଶ ?

ଅମରେଶ—Yes Boss—ହୁଏତ ଗୋଟାଏ ଖଣ୍ଡପ୍ରଳୟ ମାଡ଼ି ଆସିବ···

ଅନାମ—(ହସି ଉଠିଲେ) ଖଣ୍ଡପ୍ରଳୟ ··No ଅମରେଶ···ଏଇ ହେଉଛି ସୁବର୍ଣ୍ଣ ସୁଯୋଗ । Opportunity never comes twice. ଯାଅ ଆଜି ରାତି ଭିତରେ ଗୋଦାମ ସବୁ ଖାଲି କରିଦିଅ । ଯେତେ ଏସେନ୍‌ସିଆଲ କମୋଡ଼ିଟିଜ୍ (Essential commodities) ଅଛି ସବୁ underground କରିଦିଅ । ବଜାରରେ ସୃଷ୍ଟି ହେବ କୃତ୍ରିମ ଅଭାବ···ଆଉ···(ହସିଲେ)

ଅମରେଶ—କିନ୍ତୁ Boss···ବର୍ତ୍ତମାନ ଯେଉଁ ordinance ଜାରି ହେଇଛି···

ଅନାମ—ordinance···ମୁଖ୍ୟମନ୍ତ୍ରୀଙ୍କ ବନ୍ୟାପାଣ୍ଠିକୁ ୧ ଲକ୍ଷ ଟଙ୍କାର ଗୋଟାଏ Bank Draft ପଠାଇ ଦିଅ । ଆଉ ବନ୍ୟା ବିପନ୍ନ ଲୋକଙ୍କ ପାଇଁ ୧୦୦ ବସ୍ତା ଚୁଡ଼ା, କିଛି ଗୁଡ଼ ଆଉ କିଛି ଲୁଗା···ହଁ ଗୋଟାଏ Press Statement ଦେଇଦେବ ।

ଅମରେଶ—O. K. Boss.

ଅନାମ—You can go.

[ଏହି ସମୟରେ ଶୂନ୍ୟ ମଞ୍ଚରେ ମହାକାଳର ବଜ୍ର-ଗମ୍ଭୀର ସ୍ୱର···ଦର୍ଶକମାନଙ୍କ ଦୃଷ୍ଟି ସେ ଆଡ଼େ ଆକୃଷ୍ଟ ହେବା ସଙ୍ଗେ ସଙ୍ଗେ ଶୂନ୍ୟ ମଞ୍ଚର ଆଲୋକ ଲିଭି ଯାଇଛି]

ମହାକାଳ—କୁଆଡ଼େ ଯିବ ? ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମା ବସୁନ୍ଧରାର ବକ୍ଷଦେଶରେ ଆଜି ବନ୍ୟାର ପ୍ଲାବନ, ବାତ୍ୟାର ମେଘ ମହ୍ଲାର—ମରୁଡ଼ିର କରାଳ ଗ୍ରାସ—ମହାମାରୀର ନଗ୍ନ ତାଣ୍ଡବ ଆଉ ଭୂମିକମ୍ପର ମର୍ମଭେଦୀ ଅଟ୍ଟହାସ୍ୟ । ସବୁ ରାସ୍ତା ଆଜି ବନ୍ଦ ହେଇଯାଇଛି । ସବୁ ନିଶ୍ଚିହ୍ନ ହେଇଯିବ । ଅନ୍ୟାୟ ଆଉ ଅଧର୍ମର ପରମାଣୁ ବିସ୍ଫୋରଣରେ ସଭ୍ୟତାର "ହିରୋସୀମା" ଆଉ ସଂସ୍କୃତିର "ନାଗାସାକି" ଧ୍ୱଂସ ପାଇଯିବ । ଆଉ ସେହି ସୀମାହୀନ ଧ୍ୱଂସ ସ୍ତୂପ ଉପରେ ଏକାନ୍ତ ଅସହାୟ ଭାବରେ ଠିଆ ହେଇ ତୁମେ କରୁଥିବ ଆର୍ତ୍ତନାଦ ।

"ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣୀ
ସର୍ବସ୍ୟାର୍ତ୍ତି ହରେ ଦେବୀ ନାରାୟଣୀ ନମସ୍ତୁତେ—"

("ରାମ ଯେ ରାମ ରାମ ଯେ
ନବୀନ ସୁନ୍ଦର ଘନ ବରନ ଶ୍ୟାମ ଯେ")

[ଏହି ସମୟରେ ଦଳେ college ଛାତ୍ର ଓ ଯୁବ ମଞ୍ଚ ଉପରକୁ ଆସିଛନ୍ତି । ହାତରେ ସେମାନଙ୍କର ବିଭିନ୍ନ ବାଦ୍ୟଯନ୍ତ୍ର—କଣ୍ଠରେ ସଙ୍ଗୀତ···ସେଇ ସଙ୍ଗୀତ ମଧ୍ୟରେ ଖୁବ ଗରମ···ଚେନାଚୁର··· ପାନ, ବିଡ଼ି, ସିଗାରେଟ୍···

(ବନ୍ୟା ପାଇଁ ସେମାନେ ଚାନ୍ଦା ଆଦାୟ କରୁଥିଲେ)

—ଗୀତ—

ମହାକାଳର ତୂର୍ଯ୍ୟନାଦରେ ଗଗନ ପବନ ଥରେ
କରାଳ ବନ୍ୟା ବିଭୀଷିକା ରଚି ବୁକେ ହାହାକାର ଭରେ । ୦ ।

ମା'ଆର ବୁକୁରେ କରାଳ ବନ୍ୟା ମୃତ୍ୟୁ ତାଣ୍ଡବ ରଚେ
ଶସ୍ୟ ଶ୍ୟାମଳା ଧରଣୀ ବୁକୁରେ ଝଡ଼ର ଇଗଲ ହସେ ।

ମାତାହରା ଶିଶୁ ସୀମାହରା ନାରୀ ନୟନେ ଲୋତକ ଭରି
ଘୋର ବିକଳରେ ଚାହିଁ ବସିଛନ୍ତି ଭିକ୍ଷାଥାଳି ଧରି ।
ମା'ଆର ବୁକୁରେ କରାଳ ବନ୍ୟା······ । ୧ ।

ବାସହୀନ କେତେ ଦୁଃଖୀ ଜନମାନି ନାହିଁ ଦେହେ ଚିରାକନା
ଶୁଭେ ହାହାକାର ବିପଦ ନାଶନ ସାହାନିଳଚକ୍ରବାନା
ଘୋର ବିକଳରେ ଚାହିଁ ବସିଛନ୍ତି ଭିକ୍ଷାଥାଳି ଧରି ।
ମା'ଆର ବୁକୁରେ କରାଳ ବନ୍ୟା······ । ୨ ।

[ଅନାମ ରାଉତଙ୍କ ଘର । ଖେଳା ଘର ସଜାଉଥିଲା । ଆଜି ସୂର୍ଯ୍ୟର ଜନ୍ମଦିନ । ୨୨ତମ ଜନ୍ମ ଜୟନ୍ତୀ । ମୃଦୁ ସଙ୍ଗୀତର ମୂର୍ଚ୍ଛନା—ଖେଳା ସଜାଇଲା ବେଳେ]

ସୂର୍ଯ୍ୟ—(ହଠାତ୍ ପଶି ଆସିଚ) ଏ ଉତ୍ସବ··· ! ଏ ଆୟୋଜନ··· !

ଭୋଳା—ହଁ ସୂର୍ଯ୍ୟ, ଆଜି ପରା ତୋର ଜନ୍ମଦିନ···

ସୂର୍ଯ୍ୟ—ଜନ୍ମଦିନ ! ଏ ଉତ୍ସବ ବନ୍ଦ କର ଭୋଳଦାଦା, ଏ ଉତ୍ସବ ତୁମେ ବନ୍ଦ କର । ଯାହାର ଜନ୍ମ-ଜାତକ ହଜିଯାଇଛି ତାର ଜନ୍ମଦିନ କାହିଁକି ପାଳନ କରୁଛ ଭୋଳଦାଦା····ଆଜି ଯଦି ମୋର ବୋଉ ଥାଆନ୍ତା····

ଭୋଳା—ମା' ସାନ୍ତାଣୀ··· ! ମା' ସା'ନ୍ତାଣୀ ଥିଲେ ଏ ଘର କଣ ଆଜି ଏଇଆ ହୋଇଥାନ୍ତା ? ଏ ବୁଢ଼ା ବୟସରେ ମୁଁ କଣ ଏମିତି କଳବଲ ହଉଥାନ୍ତି ? ତୁ ଜାଣିନୁ ସୂର୍ଯ୍ୟ, କେତେ କଷ୍ଟକୁ ମୁଁ ଚାପିରଖି ଏ ଘରେ ପଡ଼ି ରହିଛି । ଖାଲି ମା' ସା'ନ୍ତାଣୀଙ୍କର ପଦେ କଥାରେ···

ସୂର୍ଯ୍ୟ—ଭୋଳଦାଦା··· !

ଭୋଳା—ହଁରେ ସୂର୍ଯ୍ୟ····ମୁଁ ସବୁ ଦେଖିଛି । କିନ୍ତୁ ପ୍ରତିବାଦ କରିପାରିନି । ସବୁ ଶୁଣିଛି, କିନ୍ତୁ ନୀରବ ରହିବାକୁ ବାଧ୍ୟ ହୋଇଛି । ଖାଲି ମା' ସା'ନ୍ତାଣୀଙ୍କ ଯୋଗୁ···ନ ହେଲେ···

ସୂର୍ଯ୍ୟ—କ'ଣ ହୋଇଛି ଭୋଳଦାଦା··· ? ମନେହୁଏ···

ଭୋଳା—(ପ୍ରକୃତିସ୍ଥ ହୋଇ) ନା ସୂର୍ଯ୍ୟ, ସେ·କିଛି ନୁହେଁ । ମା' ସା'ନ୍ତାଣୀ ଚାଲିଗଲା ପରେ ଏ ଘରୁ ତ ଲକ୍ଷ୍ମୀ ଚାଲିଯାଇଛନ୍ତି । ଆଉ କ'ଣ ବାକି ଅଛି ଯେ ·· ଖାଲି ବାକି ଅଛି ଏ ବୁଢ଼ା ଟାର (ନିଜକୁ Mean କରି) ହନ୍ତସନ୍ତ ହୋଇ ମରିବାଟା···ବେଳେବେଳେ ଭାବେ ଏ ଘର ଗୁଣ୍ଡ ଚାଲିଯିବି । ହେଲେ ··

ସୂର୍ଯ୍ୟ—ତୁମେ ଚାଲିଯିବ ଭୋଳ ଦାଦା ! ଏ ଘର ଗୁଣ୍ଡ—ମତେ ଗୁଣ୍ଡ ତୁମେ ଚାଲିଯିବ । ବୋଉ ମରିଗଲା ପରେ ତୁମେ ପରା ମତେ ଗୁଡରେ ପକାଇ ମଣିଷ କରିଛ···

ଭୋଳା—ସୂର୍ଯ୍ୟ !

ସୂର୍ଯ୍ୟ—ହଁ ଭୋଳ ଦାଦା ! ତୁମକୁ ଦେଖିଲେ ମନେହୁଏ କୋଉ ଜନ୍ମରେ ତୁମେ ମୋର ବାପା ଥିଲ···ଆଉ ତୁମେ ଚାଲିଗଲେ ମୁଁ ବି ଏ ଘର ଗୁଣ୍ଡ ଚାଲିଯିବି ଭୋଳଦାଦା···

ଭୋଲା—ହଁ ଚାଲିଯା···ଖୁବ୍ ଦୂରକୁ ଚାଲିଯା · ଏ ନର୍କ କୁଣ୍ଡରେ ସନ୍ତୁଳି ହୋଇ ମରିବା ଅପେକ୍ଷା ବହୁତ ଦୂରକୁ ଚାଲିଯା······

ସୂର୍ଯ୍ୟ—ଭୋଲାଦାଦା ! (ଆଶ୍ଚର୍ଯ୍ୟରେ)

ଭୋଲା—(ଭୁଲ୍ ବୁଝିପାରି) ଏଁ, ନା—ନା—ମୁଁ କିଛି କହିନି । ମୁଁ କିଛି ଜାଣିନି—ମୁଁ କିଛି ଦେଖିନି, ମୁଁ ଗୋଟାଏ ଚାକର, ଗୋଟାଏ ନିମକଖିଆ ଚାକର······

ସୂର୍ଯ୍ୟ—ଭୋଲାଦାଦା ଆଜି ତମର କଣ ହୋଇଛି ? କୁହ ଭୋଲାଦାଦା···ମୋର ଯେମିତି ମନେହୁଏ ତମେ ଅନେକ କିଛି କହିବାକୁ ଇଚ୍ଛା କରି ବି କହି ପାରୁନା । ସହିବାକୁ ଚେଷ୍ଟା କରି ବି ସହି ପାରୁନା । କୁହ ଭୋଲାଦାଦା··· କଣ ହୋଇଛି ?

ଭୋଲା—ସୂର୍ଯ୍ୟ ! ଆଜିକୁ ଠିକ୍ ୨୦ ବର୍ଷ ତଳେ···

ସୂର୍ଯ୍ୟ—୨୦ ବର୍ଷ ତଳେ !

ଭୋଲା—ହଁ ୨୦ ବର୍ଷ ତଳେ ତତେ ସେତେବେଳେ ମାତ୍ର ୭ ବର୍ଷ । ସେଦିନ ବି ତୋର ଜନ୍ମଦିନ ଉତ୍ସବ ପାଳନ କରୁଥିଲେ ମା' ସା'ନ୍ତାଣୀ · କିନ୍ତୁ କିଏ ଜାଣିଥିଲା ଯେ ସେ ଦିନର ସେ ଆନନ୍ଦ ମୁଖରିତ ଜନ୍ମଦିନ ··

ସୂର୍ଯ୍ୟ—ଭୋଲାଦାଦା !

ଭୋଲା—ହଁ ସୂର୍ଯ୍ୟ—ସେଇଦିନ ରାତିରେ ମା' ସା'ନ୍ତାଣୀ ମୋ'ର ଆତ୍ମହତ୍ୟା କଲେ···

ସୂର୍ଯ୍ୟ—(ଚିତ୍କାର କରି) ଭୋଲାଦାଦା ! ବୋଉ ମୋର ଆତ୍ମହତ୍ୟା କରିଛି ।

ଭୋଲା—ହଁରେ ସୂର୍ଯ୍ୟ, ମା' ସା'ନ୍ତାଣୀଙ୍କ ଜୀବନରେ କୋଉ ସୁଖ ଥିଲା ଯେ ସେ ବଞ୍ଚି ରହିଥାନ୍ତେ ? ଏ ଘରେ ପାଦ ଦେଲା ଦିନୁ ଦିନେ ହେଲେ ସୁଖ ବୋଲି କ'ଣ ଜାଣି ନ ଥିଲେ, ଦିନେ ହେଲେ ସେ ଓଠରେ ହସ ଫୁଟି ନ ଥିଲା । କାନ୍ଦି କାନ୍ଦି ମା' ସା'ନ୍ତାଣୀ ମୋର ଶେଷରେ ଜୀବନ ହରେଇ ଦେଲେ···

ସୂର୍ଯ୍ୟ—ଭୋଲାଦାଦା ! କାହିଁକି ? କାହିଁକି ମୋ ବୋଉ ଆତ୍ମହତ୍ୟା କଲା ?

ଭୋଲା—ସେ ଗୋଟାଏ ବିରାଟ କାହାଣୀ ସୂର୍ଯ୍ୟ । ସେ କଥା ଶୁଣି ତୋର କିଛି ଲାଭ ହବନାହିଁ ବାପ, ବରଂ ଏ ଘରେ···

ସୂର୍ଯ୍ୟ—ନା ନା, ଭୋଲଦାଦା ମତେ କହ ମୋ ବୋଉର ସେ କରୁଣ ମୃତ୍ୟୁର କାହାଣୀ । ମୁଁ ଜାଣିବନି ତ ଆଉ ଜାଣିବ କିଏ ? କୁହ ଭୋଲଦାଦା—ତୁମକୁ କହିବାକୁ ପଡ଼ିବ···

ଭୋଲା—ଶୁଣିବୁ···ଶୁଣିବୁ ସେ କାହାଣୀ ? ତେବେ ଶୁଣ—ମା' ସା'ନ୍ତାଣୀ ଏଘରେ ପାଦ ଦେଲା ପରେ ବେଶ୍ ଆନନ୍ଦରେ କେଇଟା ବର୍ଷ କଟିଗଲା—ଏ ଘର ହେଲା ସ୍ୱର୍ଗ—ହସ ଖୁସିର ଜୁଆର ଉଠିଲା—ତା ପରେ ହଠାତ୍ ଦିନେ ବାବୁଙ୍କ ଜୀବନରେ ଦେଖାଦେଲା ଗୋଟାଏ ନାଚବାଲୀ, ବାବୁଙ୍କର ଗୋଡ଼ ଖସିଗଲା । ବାବୁ ହେଲେ ମାତାଲ, ବେଶ୍ୟାସକ୍ତ । ଆଉ ଏ ଉଆସର ଅନ୍ଦର ମହଲରେ ଜମି ଚାଲିଲା ବିଭତ୍ସଲୀଳା—ସୁରା ଆଉ ସାକୀ ନାଚ ଆଉ ଗୀତ—ଏ ଘରେ ଝଡ଼ ଉଠିଲା ।

ସୂର୍ଯ୍ୟ—ଭୋଲଦାଦା— !

ଭୋଲା - ହଁ ସୂର୍ଯ୍ୟ—ଆଖିର ଲୁହକୁ ଆଖିରେ ଚାପି ରଖି ମା' ସା'ନ୍ତାଣୀ ମୋର ତିଳ ତିଳ ହୋଇ ଜଳିବାକୁ ଲାଗିଲେ । କେତେ କାକୁତି—କେତେ ମିନତି ସବୁ ବ୍ୟର୍ଥ ହେଲା । ବର୍ଷ ବର୍ଷ ଧରି ବାବୁଙ୍କ ସହିତ ମା' ସା'ନ୍ତାଣୀଙ୍କର ଦେଖା ବି ହେଉନି । ଆଉ ଯଦି ବା କେବେ ଦେଖା ହୋଇଛି ତେବେ ବାବୁଙ୍କ ଅତ୍ୟାଚାରରେ ମା ସା'ନ୍ତାଣୀ ଲହୁ ଲୁହାଣ ହୋଇଛନ୍ତି । ଚାବୁକ ପ୍ରହାରରେ ମା'ଙ୍କର ଦେହ ମୁଣ୍ଡ ଫାଟି ରକ୍ତ ଝରିଛି ।

ସୂର୍ଯ୍ୟ—ଭୋଲଦାଦା···ବାପା—ବାପାଙ୍କ ଯୋଗୁ ବୋଉ ମୋର ଆତ୍ମହତ୍ୟା କଲା ?

ଭୋଲା—ହଁ ସୂର୍ଯ୍ୟ, ବାବୁଙ୍କର ସେ ନିର୍ମମ ଅତ୍ୟାଚାର ସହି ନପାରି ମା ମୋର ଜୀବନ ହରେଇ ଦେଲେ । ସେଦିନ ରାତି ମୋର ଆଜି ଠିକ୍ ମନେ ଅଛି—ସେଦିନ ହୋଇଥାଏ ତୋର ଜନ୍ମଦିନ । ଅନ୍ଦର ମହଲରେ ଚାଲିଥାଏ ସୁରା ଆଉ ସାକୀର ମହୋତ୍ସବ । ପୂଜା ସାରି ରାତି ପ୍ରାୟ ୧୦ଟା ବେଳକୁ ଆସିଲେ ମା···ସେମିତିକା ବେଶରେ ମୁଁ ତାଙ୍କୁ କେବେ ଦେଖି ନଥିଲିରେ ସୂର୍ଯ୍ୟ···ଦେହରେ ଥିଲା ନାଲାମୁଗା ପାଟ । ସେଦିନ ସେ ପିନ୍ଧିଥିଲେ ଅଷ୍ଟରତ୍ନ ଅଳଙ୍କାର । ସାକ୍ଷାତ ଦେବୀ ପ୍ରତିମା । ହସି ହସି ମତେ ପାଖକୁ ଡାକିଲେ···

ସୂର୍ଯ୍ୟ—ତାପରେ···

ଭୋଳା—କଣ କହୁଲେ ଜାଣିଚୁ ସୂର୍ଯ୍ୟ, କହୁଲେ ଭୋଲା—ମୁଁ ଆଜି ଭାରି ସୁନ୍ଦର ଦିଶୁଛି ନା ? ସେତେବେଳେ ମୁଁ କିଛି ବୁଝି ପାରିଲିନଥିଲି ସୂର୍ଯ୍ୟ·········ଖାଲି ତାଙ୍କ ମୁହଁକୁ ବୋକାଙ୍କ ଭଳି ଚାହିଁ ରହିଲି । ସେ ପୁଣି ହସିଲେ । କହୁଲେ, "ଆଚ୍ଛା ଭୋଳା ମୁଁ ଯଦି ମରଯାଏ" ତାଙ୍କୁ କହିବାକୁ ନଦେଇ ମୁଁ କହିଲି ଛି, ମା ସା'ନ୍ତାଣୀ, ଏମିତି କଥା ତୁଣ୍ଡରେ ଧରନ୍ତୁ ? ସେ ଖାଲି ହସିଲେ ଆଉ କହୁଲେ ସତରେ ଭୋଳା ମୁଁ ଯଦି ମରଯାଏ ତେବେ ସୂର୍ଯ୍ୟକୁ ତୁ ମଣିଷ କରିବୁ । ଆଉ ଯା'ହାସବୁ ଦେଖିବୁ, କାହାରି ଆଗରେ କିଛି କହିବୁନି । ତୋ ବାବୁଙ୍କର ଉପର ମୁଣ୍ଡ ତଳକୁ ହୋ'ଇଯିବ । ତା ପରେ ହଠାତ୍ ତାଙ୍କ ଆଖିରୁ ଝରିପଡ଼ିଲା କେଇଟୋପା ଲୁହ । ସେ ଭିତରକୁ ଚାଲିଗଲେ । ଆଉ ମୁଁ କିଛି ବୁଝିବା ପୂର୍ବରୁ ବିଷପିଇ ସେ ଜୀବନ ହରାଇ ଦେଲେ ।

ସୂର୍ଯ୍ୟ—ଭୋଳଦାଦା ! ବୋଉ ମୋର ଏମିତି ମରିଗଲା ନା ? ସେ ହୁଏତ ଏ ନର୍କରୁ ମୁକ୍ତି ପାଇଗଲା ··ଆଉ ମୁଁ···ମୁଁ କଣ ସାରାଜୀବନ ଧରି ଏମିତି ଛଟପଟ ହେବି ।

ଭୋଳା—ତୁ ଠିକ୍ କହୁଛୁରେ ସୂର୍ଯ୍ୟ, ଏ ଘର ଗୋଟାଏ ନର୍କ । ଏଇ ଉଆସର ଅନ୍ଦର ମହଲରେ କେତେ ଯେ ନାରୀହା-ନାରୀ ଧର୍ଷିତା ହୋଇଛନ୍ତି— କେତେ ଯେ ନରହତ୍ୟା ହୋଇଛି ତା ତୁ କଳ୍ପନା ବି କରି ପାରିବୁନି । ହେଲେ ମୁଁ ସବୁ ଦେଖିଛି, ସବୁ ଜାଣିଛି – ଖାଲି ମା' ସା'ନ୍ତା'ଣୀଙ୍କର ସେଦିନ କଥାରେ ମୁଁ ନୀରବ ରହିଛି ।

ସୂର୍ଯ୍ୟ—ନାରୀଧର୍ଷଣ ! ନରହତ୍ୟା···ତମେ ଏସବୁ କ'ଣ କହୁଛ ଭୋଳଦାଦା !

ଭୋଳା—କହୁ କହୁ ଅନେକ କଥା କହିଗଲି—ବାବୁଙ୍କୁ ଏସବୁ କିଛି କହିବୁନିରେ ସୂର୍ଯ୍ୟ···ବାବୁ ଜାଣିଲେ···

(ଏହି ସମୟରେ ପଶି ଆସିଛନ୍ତି ଅନାମ)

ଅନାମ—ଭୋଳା, ଆଉ ଘଣ୍ଟାଏ ପରେ ସୂର୍ଯ୍ୟର ଜନ୍ମଦିବସ ଉତ୍ସବ ପାଳନ କରାଯିବ ଅଥଚ ଏଯାଏ ତୁ କିଛି ଆୟୋଜନ କରନୁ –

ଭୋଳା – ସବୁ ଠିକ୍ ହୋଇଯାଇଛି ବାବୁ, ନୀଳାଚଳ ବେକେରୀରେ କେକ୍ ବରାଦ ଦିଆ ହୋ'ଇଛି – ଏହି ବର୍ତ୍ତମାନ ଆସି ପହଞ୍ଚି ଯିବ । ଆଉ ରାମଚନ୍ଦ୍ର

ସୁବୁଦ୍ଧିଙ୍କ ଦୋକାନରେ Candle ପାଇଁ ଖବର ଦେଇ ଆସିଛୁ ସେ ମଧ୍ୟ ବର୍ତ୍ତମାନ ପଠାଇ ଦେବେ । ଆଉ ଖାଇବା ପିଇବାର ସବୁ ବନ୍ଦୋବସ୍ତ ତ ଅମରେଶବାବୁ କରି ସାରିଛନ୍ତି ।

ସୂର୍ଯ୍ୟ—(ରାଗି ଯାଇଛି କିନ୍ତୁ ନିଜକୁ ସଂଯତ କରି) ଏ ଉତ୍ସବ ବନ୍ଦ କରନ୍ତୁ ବାପା— ଆଜି ପରା ମୋ ବୋଉର—

ଅନାମ—ସୂର୍ଯ୍ୟ ! ଏ ଉତ୍ସବ ଦୀର୍ଘ ୨୦ ବର୍ଷ ଧରି ବନ୍ଦ ଥିଲା । କିନ୍ତୁ ସ୍ୱାମୀଜୀଙ୍କର ନିର୍ଦ୍ଦେଶ—ଏ ଉତ୍ସବ ପାଳିତ ହେବ । ତୋର ମଙ୍ଗଳ ପାଇଁ ସ୍ୱାମୀଜୀ ନିଜେ ଏ ଉତ୍ସବରେ ପୌରହିତ୍ୟ କରିବେ । ମା' କାଳୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜା'ର ଆୟୋଜନ ହେଉଛି ।

ସୂର୍ଯ୍ୟ—ସ୍ୱାମୀଜୀ—ଗୋଟାଏ ଭଣ୍ଡ ପ୍ରବଞ୍ଚକ ସନ୍ନ୍ୟାସୀର ନିର୍ଦ୍ଦେଶରେ ମୋର ଜନ୍ମ ଉତ୍ସବ ପାଳନ ହୋଇ ପାରେନା ବାପା—

ଅନାମ—ସୂର୍ଯ୍ୟ ! ମହାନ୍ ତାନ୍ତ୍ରିକ, ଯୋଗାଚାର୍ଯ୍ୟ, ତାନ୍ତ୍ରିକ ଶିରୋମଣି ଦେବୀ ସାଧକ ଶ୍ରୀ ଶ୍ରୀ ଶ୍ରୀ ସିଦ୍ଧାନ୍ତ ସରସ୍ୱତୀ ଆନନ୍ଦ ସ୍ୱରୂପ ସ୍ୱାମୀଜୀ ତୋ ଆଖିରେ ଭଣ୍ଡ ପ୍ରବଞ୍ଚକ ! ସ୍ୱାମୀଜୀ ଅନ୍ତର୍ଯ୍ୟାମୀ । ମା'ଙ୍କ କରୁଣାରୁ ସେ ଅଷ୍ଟସିଦ୍ଧି ଲାଭ କରିଛନ୍ତି । ଯା, ତାଙ୍କର ପାଦତଳେ ପଡ଼ି କ୍ଷମାଭିକ୍ଷା କର ।

ସୂର୍ଯ୍ୟ—ତମେ ଯାଅ ବାପା, ସେଇ ଭଣ୍ଡ ତପସ୍ୱୀର ପାଦ ସ୍ପର୍ଶ କରି ତମର କୃତ ପାପର ପ୍ରାୟଶ୍ଚିତ୍ତ କର । ଆଜି ମୋ ବୋଉର ଶ୍ରାଦ୍ଧବାସର ! ତା' ପାଇଁ ମତେ ଦୁଇଟୋପା ଲୁହ ଢାଳିବାକୁ ଦିଅ ।

(କାନ୍ଦି ଦୌଡ଼ି ଚାଲିଯାଇଛି)

ଅନାମ—ସୂର୍ଯ୍ୟ—ଏ ଉତ୍ସବ ନିଶ୍ଚୟ ପାଳିତ ହବ । ସ୍ୱାମୀଜୀଙ୍କ ନିର୍ଦ୍ଦେଶର ଅବମାନନା କଲେ ତୋ ଜୀବନରେ ବିପର୍ଯ୍ୟୟ ମାଡ଼ି ଆସିବ । ଭୋଲା, ଆୟୋଜନରେ ଯେପରି କୌଣସି ତ୍ରୁଟି ନ ହୁଏ । ଏ ଜନ୍ମ ଉତ୍ସବ ନିଶ୍ଚୟ ପାଳିତ ହେବ ।

(ମଞ୍ଚ ମଞ୍ଚରେ ହସି ଉଠିଛି ମହାକାଳ)

ମହାକାଳ—ଜନ୍ମଦିନ ! ଜନ୍ମ ଦିବସର ବର୍ଷୀୟାନ୍ ଉତ୍ସବ··· ! (ହସି) ତମେ ଆଜି ଭୁଲି ଯାଉଛ ତମର ସଂସ୍କୃତି, ତମର ଐତିହ୍ୟ, ଭୁଲି ଯାଉଛ ତମର ସେ

ଗୌରବୋଜ୍ଜ୍ୱଳ ପରମ୍ପରା । ତମେ ଓଡ଼ିଆ, ଯୋଉ ଜାତିର ସାରଥୀ ହୋଇଛନ୍ତି ସ୍ୱୟଂ ଜଗନ୍ନାଥ, ଯୋଉ ଓଡ଼ିଆର ଜନ୍ମଦିନରେ ଲଲାଟରେ ଶୋଭା ପାଉଥିଲା ଚର୍ଚ୍ଚିତ ଚନ୍ଦନର ବିନ୍ଦୁ—ଦୁର୍ବାକ୍ଷତର ପବିତ୍ର ସ୍ପର୍ଶରେ ଆଶୀର୍ବାଦର ମନ୍ଦାକିନୀ—ଶଙ୍ଖର ସଙ୍ଗୀତରେ କଲ୍ୟାଣର ଅମୃତ—ସେଇ ଓଡ଼ିଆ ଆଜି ତାର ଜନ୍ମ ଉତ୍ସବ ପାଳନ କରୁଛି ବିଦେଶୀ କେକ୍ କାଟି ! ମହମରେ ତିଆରି candle ଜାଳି ! Rock and Roll ଆଉ Pop (ପପ୍) Musicର ମୂର୍ଚ୍ଛନା ଭିତରେ । ଆଜି ଓଡ଼ିଆ ପୁଅ ତା ବାପାକୁ ଡାକେ ଡାଡି ବୋଲି—ଆଉ ମା'କୁ ଡାକେ ମାମି ବୋଲି ! (ହସିଛି) ଏଇ କଣ ତମର ସଭ୍ୟତା ! ଏଇ କଣ ତମର ସଂସ୍କୃତି ! Shame… Shame…

[ଧୀରେ ଧୀରେ ଲୁଚିଯାଇଛି ମହାକାଳ । ପରେ ପରେ ଖୋଲି ଯାଇଛି ୧ମ ମଞ୍ଚର ପରଦା । ଦେଖାଗଲା ଶ୍ରୀରାମ ଦାସଙ୍କ ସେଇ ପୂର୍ବ ବର୍ଣ୍ଣିତ କକ୍ଷ । ବସିଥିଲେ ଶ୍ରୀରାମ ଦାସ । କିଛି ପଢ଼ୁଥିଲେ ସେ । ଭିତରୁ ଆସିଛନ୍ତି ଧରିତ୍ରୀ । ହାତରେ ତାଙ୍କର ଥିଲା ଗୋଟିଏ ଥାଳି । ସେଇଥିରେ ଥିଲା ମଧୁର ଜନ୍ମଦିନ ପାଇଁ ସମସ୍ତ ଉପକରଣ—ନଡ଼ିଆ, ଗୁଆ, ମହାପ୍ରସାଦ, ଚନ୍ଦନ, ସିନ୍ଦୂର, ଦୁବ, ବରକୋଳି ପତ୍ର ଇତ୍ୟାଦି । ଆନନ୍ଦ ମନରେ ଆସୁଥିଲେ ଧରିତ୍ରୀ । ଆଜି ତାଙ୍କ ଝିଅର ଜନ୍ମଦିନ ହବ]

ଧରିତ୍ରୀ—ଦେଖିଲ—ଜନ୍ମଦିନ ଥାଳୀ ସଜାଡ଼ି ଦେଇଛି ।

ଶ୍ରୀରାମ—(ମୁହଁ ବୁଲାଇ ଧରିତ୍ରୀକୁ ସ୍ଥିର ଦୃଷ୍ଟିରେ ଚାହିଁଲେ) ତା ପରେ….ଜନ୍ମଦିନ

(କହି ଧରିତ୍ରୀ ଧରିଥିବା ଥାଳୀକୁ ଫୋପାଡ଼ି ଦେଲେ)

ଧରିତ୍ରୀ—(ଆଶ୍ଚର୍ଯ୍ୟ) ଏ କ'ଣ କଲ ?

ଶ୍ରୀରାମ—(ଉତ୍ତେଜିତ ଭାବେ) ସବୁ ଧ୍ୱଂସ ହୋଇଯାଉ—ମୋ ନିଜ ହାତରେ ମୁଁ ଆଜି ସବୁ ଧ୍ୱଂସ କରିଦେବି । ସବୁ ଜାଳି ପୋଡ଼ି ଛାରଖାର କରିଦେବି ।

ଧରିତ୍ରୀ—କଣ ହେଲା—ତମେ ଏମିତି ପାଗଳଙ୍କ ପରି ହଉଛ କାହିଁକି ? ଅଳ୍ପ ଟିକିଏ ପରେ ମୋ ମା'ର ଜନ୍ମଦିନ ହବ…

ଶ୍ରୀରାମ—ଏ କଳଙ୍କ ଆଉ ହୁଦନ ଧରଣୀ···

ଧରଣୀ—ହୁଦନ ! କାହିଁକି ? କାହିଁକି ?

ଶ୍ରୀରାମ—ଯାହାର ବାପ ଗୋଟାଏ ମଦ୍ୟପ, ବେଶ୍ୟାସକ୍ତ, ଜୁଆଡ଼, ତାକୁ କିଏ ବାହାହବ ଧରଣୀ···

ଧରଣୀ—(ଚମକି ଉଠି) କ'ଣ କହୁଲ ?

ଶ୍ରୀରାମ—ହଁ ଧରଣୀ । ମୁଁ ମଦ୍ୟପ—ମୁଁ ବେଶ୍ୟାସକ୍ତ—ଆଉ ସେଇଥିପାଇଁ ସେମାନେ ମଧୁକୁ ବୋହୂକର ନେବାକୁ ମନା କରଦେଲେ । ମୋ ପାଇଁ ମୋ ଝିଅ ସାରା ଜୀବନ ଧର କାନ୍ଦିବ ଧରଣୀ । ସାରା ଜୀବନ ଧର ମୋ ମା' ଆଖିରୁ ରକ୍ତ ଝରିବ ।

ଧରଣୀ—(କାନ୍ଦି ଉଠିଛନ୍ତି) ହେ ଭଗବାନ···ଏଇଥିପାଇଁ କ'ଣ ସାରାଜୀବନ ଧର ତୁମର ଆରାଧନା କରଥିଲି । ଏଇଥିପାଇଁ କ'ଣ ତମର ସେ ପାଷାଣ ବିଗ୍ରହ ଆଗରେ ଦନରାତ ମଥାପିଟି ଲୁହ ଢାଳୁଥିଲି ? ସାରା ଜୀବନଟାଯାକ ଦୁଃଖ ଦେଇ ଦେଇ ସେଥିରେ ତମର ମନୋବାଞ୍ଛା ପୂର୍ଣ୍ଣ ହେଲାନ ଯେ ଶେଷରେ···

ଶ୍ରୀରାମ—(ବାଧା ଦେଇ) ଥାଉ ଧରଣୀ । ସେ ପାଷାଣ ବିଗ୍ରହ କେବେ କଥା କହିବନ । କେବେ ତୁମର ଡାକ ଶୁଣିବନ । ସେ ମୂକ, ସେ ବଧିର, ସେ ଅନ୍ଧ, ପଥରରେ ତିଆରି ଗୋଟିଏ ନିର୍ଜୀବ ମୂର୍ତ୍ତି । ତାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରଦଅ । ଗୋଟାଏ ପାଷାଣ ପ୍ରତିମା, ସେ କ'ଣ କେବେ ଅନୁଭବ କର ପାରବ ତମ ମନର ଆକୁଳ ମର୍ମଦାହ···

(ଠିକ୍ ଏହି ସମୟରେ ଅନ୍ୟ ମଞ୍ଚରେ)

ମହାକାଳ—ସେ ତ ଭକତ ଭାବରେ ବନ୍ଧାରେ

ସେ ତ ଭକତ ଜୀବନ ଧନ—

ତୁ ତାକୁ ଖୋଜିଲେ ସେ ତତେ ଖୋଜଇ

ଥିଏ ତୋ ହୃଦ ଚନ୍ଦନରେ···

ଭଣା ତୁ ନକର ମନ

ସେ ତ ଭକତ ଭାବରେ··· । ୦ ।

ସିଏ ତ ସାଗର ତୁ ତାର ଲହରୀ
ସିଏ ନଦୀ ଝର ତୁ ତାର ଭଉଁରୀ
ତୁ କାନ୍ଦିଲେ କାନ୍ଦେ, ତୁ ହସିଲେ ହସେ
ସିଏ ତୋ ଆପଣା ଜନରେ.... । ୧ ।

(ଗାଇ ଗାଇ ଚାଲିଗଲେ ମହାକାଳ)

[ନିଶିଗନ୍ଧାର ବିଳାସ କକ୍ଷ, ନିଶିଗନ୍ଧା କାତର କଣ୍ଠରେ ଅନୁନୟ କରୁଥିଲା, ବଡ଼ କରୁଣ ତାର ସ୍ୱର]

ନିଶି—ମତେ ଦୟାକର ଲଚ୍ଛୁଭାଇ ମତେ ଦୟାକର । ମୁଁ ଆଉ ନାଚି ପାରିବିନାହିଁ ଲଚ୍ଛୁଭାଇ, ଆଉ ଗାଇ ପାରିବିନି ।

ଲଚ୍ଛୁ—(ହସି) "ରାତି ତ ପାହିନି, ସୁରା ବି ସରିନି
କିଆଁ ଡରଡର ସାଥୀ ।"

ଏ ରଙ୍ଗରାଗଭରା ଦୁନିଆରୁ ଏତେ ଶୀଘ୍ର ବିଦାୟ ନେଇଯିବୁ ନିଶି ? ନା ନିଶି···ତୋ ଜୀବନରେ ପୁଣି ଥରେ ଫେରି ଆସିବ ପୁଷ୍ପିତ ବସନ୍ତର ପ୍ରଥମ କାକଳି । ଡାକ୍ତର କହିଛନ୍ତି ଆଉ କେଇଟା ଦିନ treatment ପରେ ତୁ ସମ୍ପୂର୍ଣ୍ଣଭାବେ ଭଲ ହୋଇଯିବୁ ।

ନିଶି—ମୁଁ ଆଉ ଭଲ ହେବିନାହିଁ ଲଚ୍ଛୁଭାଇ, ଦେଖୁଛୁ ମୋ ଆଙ୍ଗୁଠି ଗୁଡାକ କିମିତି ଧୀରେ ଧୀରେ ବଙ୍କା ହୋଇ ଯାଉଛି । ଦେହ ସାରା ମୋର ନାଲି ନାଲି ଦାଗରେ ଭରିଗଲାଣି । ମୋର ଶିରା ପ୍ରଶିରାରେ କୁଷ୍ଠ ରୋଗର ବିଷାକ୍ତ ଜୀବାଣୁ । ମୁଁ ଆଜି ଯୌନ ବ୍ୟାଧିଗ୍ରସ୍ତ । ପାଦରେ ମୋର ବିସ୍ଫୋଟକ । ମୁଖମଣ୍ଡଳ ଆଜି ଶ୍ରୀହୀନ, ବିବର୍ଣ୍ଣ । ମୋ ପାପର ସେ ବିଷମୟ ଫଳ ମୁଁ ଆଜି ଭୋଗ କରୁଛି ।

ଲଚ୍ଛୁ—ପାପ ! (ହସିଛି) ମୁଁ ସେ ପାପ ପୁଣ୍ୟରେ ବିଶ୍ୱାସ କରେନା ନିଶି । ଏଇ ବିଜ୍ଞାନ ଯୁଗରେ ସେଇ ଅନ୍ଧ କୁସଂସ୍କାରକୁ ମୁଁ ଘୃଣା କରେ । Dr. Pattnaik ମତେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି—ଆଉ ମାତ୍ର ୧୪ଟା Injection ପରେ ତୋ ଦେହରେ ପୁଣି ଥରେ ଯୌବନର ଜୁଆର ମାଡ଼ି ଆସିବ । ତୋର ସେ ଚନ୍ଦ୍ର-ନିନ୍ଦିତ ମୁଖମଣ୍ଡଳକୁ ପୁଣି ଥରେ ଝରିବ ଭଲ ପାଇବାର ଲାଲିମା (ହସିଛି)

ଜଗୀ—ମୋର ଆଉ ସେ ଯୌବନ ଦରକାର ନାହିଁ ଲଚ୍ଛୁଭାଇ, ମତେ ବରଂ ତୁ ମାରଦେ । ମୁଁ ଆଉ ପାରୁନି । ଅନ୍ୟକୁ ଜାଳି ନିଜେ ଜଳିବାରେ କି ଯେ ଯନ୍ତ୍ରଣା ତା' ତୁ କଳ୍ପନା କରିପାରୁନୁ ଲଚ୍ଛୁଭାଇ, ମତେ ତୁ ମାରଦେ

ଲଚ୍ଛୁ—ଆଜି ଜନ୍ମ ତୁ ନାଚିବୁ ଜଗୀ । ଆଜିର ଏ ଚନ୍ଦ୍ରତାରକିତ ରଜନୀର ପ୍ରଥମ ଲଗ୍ନ ତୋର ନୂପୁର ଝଙ୍କାରରେ ମନ୍ଦ୍ରିତ ହୋଇ ଉଠିବ...

ଜଗୀ—(ବିକଳରେ) ଲଚ୍ଛୁଭାଇ !

ଲଚ୍ଛୁ—ହଁ ଜଗୀ, ଆଜି ହେଉଚି ଲକ୍ଷପତି ଅନାମ ରାଉତର ପୁଅ ସୂର୍ଯ୍ୟକାନ୍ତର ଜନ୍ମ ଜୟନ୍ତୀ—ଆଉ ସେଠି ତତେ ନାଚିବାକୁ ପଡ଼ିବ । ତାଙ୍କର ନିମନ୍ତ୍ରଣ ତୁ ରକ୍ଷା କରିବୁନି... ?

ଜଗୀ—(ଜୋର୍ ଦେଇ) ନା, ନା, ଲଚ୍ଛୁଭାଇ । ମୁଁ ପାରିବିନି । ଏ ବିକୃତ ଆଉ ବ୍ୟାଧିଗ୍ରସ୍ତ ରୂପ ନେଇ ମୁଁ ନାଚି ପାରିବିନି ।

ଲଚ୍ଛୁ—ଜଗୀ, ଅନାମ ରାଉତର ଟ୍ରେଜେଷ୍ଟା ଆଜି ବି ତତେ ହାତଠାରି ଡାକୁଚି, ତାର ଗୋଟାଏ ବି ଡାକ ତୁ ଖାଲି କରି ପାରିନୁ ।

ଜଗୀ—ଲଚ୍ଛୁଭାଇ !

ଲଚ୍ଛୁ—ଯା ଜଗୀ, ତୋର ସେ ପ୍ରସାଧନ କକ୍ଷରେ ବିଦେଶୀ Cosmeticsର ଅଭାବ ନାହିଁ । ମୁଁ Hair dresser ଆଉ Makeup Manକୁ ପଠାଇ ଦେଉଚି । ସେମାନେ ତତେ ସଜେଇ ଦେବେ ଠିକ୍ ଗୋଟିଏ କୁଆଁରୀ କନ୍ୟା ଭଳି...ଯା....

ଜଗୀ—(କାନ୍ଦି ପକାଇଚି) ଲଚ୍ଛୁଭାଇ ! ତୋର କ'ଣ ମୋ ପ୍ରତି ଦୟା ହୁଏନା, ତୁ କଣ ମଣିଷ ନୋହୁ ଲଚ୍ଛୁଭାଇ...

ଲଚ୍ଛୁ—(ହସି ଉଠିଚି) ମଣିଷ ! ମୋଠି ତୁ କେବେ ଗୋଟାଏ ମଣିଷର ସନ୍ଧାନ ପାଇବୁ ଜଗୀ । ମୁଁ ଗୋଟାଏ ରାକ୍ଷସ—ଗୋଟାଏ ସ୍ୱାର୍ଥପର ସଇତାନ । ଆଉ ମୋର ନିର୍ଦ୍ଦେଶ ତତେ ମାନିବାକୁ ପଡ଼ିବ ।

ଜଗୀ—(ଦୃଢ଼ଭାବ ସହ) ନା, ନା—ମୁଁ ତୋର ନିର୍ଦ୍ଦେଶ ମାନି ପାରିବିନି ।

ଲଚ୍ଛୁ—(ଜଗୀକୁ ଥାପଡ଼ ମାରି) ଜଗୀ !

ନର୍ତ୍ତକୀ—ଲଜ୍ଜୁ ଖିଇ !

(ଶୂନ୍ୟ ମଞ୍ଚରେ ମହାକାଳ କଣ୍ଠରେ)

ମହାକାଳ—(ହସିତ)—କେହି ଶୁଣିବେନି, ତମର ସେ ଯନ୍ତ୍ରଣା ଜର୍ଜରିତ ମର୍ମଭେଦୀ ଆକୁଳ କ୍ରନ୍ଦନ ଧ୍ୱନି କାହାରି ମନରେ ପ୍ରତିଧ୍ୱନି ସୃଷ୍ଟି କରିବନି...... ସମାଜର ସେ ନିଷ୍ଠୁର ବକ୍ଷଦେଶରେ ପ୍ରତିକ୍ରିୟାର ଝଡ଼ ଉଠିବନି । ଟଳିବନି ରତ୍ନ ସିଂହାସନ । କମ୍ପିବନି ଅଟଳ ହିମାଦ୍ରୀ··· ତମେ ଜଳିବ··· ତମେ ଜଳିବ ଠିକ୍ ଗୋଟାଏ ଅମାନିଆଁ ପତଙ୍ଗ ଭଳି । ତମ ପାପର ସେ ବହ୍ନିମାନ୍ ଅଗ୍ନିବଳୟ ଭିତରେ ତମେ ଜଳିଜଳି ପାଉଁଶ ହୋଇଯିବ ।

(କହି କହି ଚାଲି ଯାଉଛନ୍ତି)

[ ଅନାମ ସ୍ୱଉତଙ୍କ ଘର ପରଦା ଖୋଲିଲା ପରେ ଦେଖାଗଲା ଏକ ପ୍ରକାଣ୍ଡ ପ୍ରକୋଷ୍ଠ ଅତି ସୁନ୍ଦର ଭାବରେ ସଜ୍ଜିତ ହୋଇଛି । ଆଜି ସୂର୍ଯ୍ୟକାନ୍ତର ଜନ୍ମଦିନର ଉତ୍ସବ ପାଳନ କରାଯାଉଛି । ୨୭ତମ ଜନ୍ମଜୟନ୍ତୀ । ପ୍ରକୋଷ୍ଠର ଶେଷ ଭାଗରେ ଏକ ସୁଉଚ୍ଚ ଚୌକି ଅତି ରମଣୀୟ ଭାବରେ ସଜ୍ଜିତ । ପ୍ରକୋଷ୍ଠ ମଧ୍ୟରେ ବହୁ ଦାମୀ ଚୌକି । ତଳେ ଗାଲିଚା । ସୁଉଚ୍ଚ ଚୌକି (ଏକ ସିଂହାସନ କହିଲେ ଚଳିବ) ରେ ବସିଥିଲେ ସ୍ୱାମୀଜୀ । ଅନ୍ୟ ଚୌକିମାନଙ୍କରେ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ମହିଳାମାନେ । ଗୋଟାଏ କୋଣରେ ଗ୍ରେଟ ଟେବୁଲ ଉପରେ Cake ଓ Candle । ନୃତ୍ୟ ଭଙ୍ଗୀରେ ରହିଥିଲେ ରୂପସୀ ନର୍ତ୍ତକୀଗଣ । ପରଦା ଖୋଲିବା ସଙ୍ଗେ ସଙ୍ଗେ ଭାସି ଆସିଲା ସଙ୍ଗୀତର ମୂର୍ଚ୍ଛନା । ନୂପୁରର ଝଙ୍କାର । ନାଚ ସରି ଯାଉଛି । ସ୍ୱାମୀଜୀଙ୍କର ପାଦ ସ୍ପର୍ଶ କରି ନର୍ତ୍ତକୀଗଣ ବିଦାୟ ନେଲେ ବେଳକୁ···]

—ଗୀତ—

(ରାଗ ତିଲଙ୍ଗ—ତାଳ ଝିତାଳ)

ଚରଣ କମଳେ ପ୍ରଣତ
କୃପାକର ଦେବ ତୁହାଅ ଅଗୀବ
ଯେନ ହେ ମୋର ମିନତି । ୦ ।

ଫୁଟିଥିଲି ବନେ ତୁମର କାନନେ
ଅନେକ ବାସନା ନେଇ
କେତେ ଅଳି କେଳି ରଚିଲେ ମୋ ତୁଲେ
ରୂପରେ ବାଉଳା ହୋଇ
ସୁରଭି ଝରୁଛି ରଙ୍ଗ ମଉଳୁଛି
ଆଜ ମୁଁ ଅଲୋଡ଼ା ସାଥି । ୧ ।

ବଞ୍ଚିବ ବଞ୍ଚିନ ମରଣ ପାରୁନ
ନରକେ ହେଉଛୁ ଘାତ
କଣିଅ ସଙ୍ଗିନୀ କଣିଗନ୍ଧା ଆଜ
ଅକାଳେ ଯାଉଛୁ ଝରି ।
ତୁମ ବିନା ମୋତେ ତୋଳିନେବ କଏ
କଏବା କରିବ ସାଥି । ୨ ।

ସ୍ୱାମୀଜୀ—ତୋର ମନୋବାଞ୍ଛା ନିଶ୍ଚୟ ପୂରଣ ହେବ । ମା'ର ଇଚ୍ଛା ଆଦ ରଜନୀର ଏକାନ୍ତ ଲଗ୍ନରେ ତୁ ତାର ଆରାଧନା କରିବୁ । ସମ୍ପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରିବୁ ମା'ର ଚରଣ ଯୁଗଳରେ । ଆଉ ତୋ ପାଇଁ ମନ୍ତ୍ରପାଠ କରି ମା'କୁ ସନ୍ତୁଷ୍ଟ କରିବ ମୁଁ...

କଣି—ପ୍ରଭୁ ! ଏତେବଡ଼ ସୌଭାଗ୍ୟ କ'ଣ ମୋର ହେବ ? ସତେ କ'ଣ ମୁଁ ପାଇବି ମା'ଙ୍କର କରୁଣା...

ସ୍ୱାମୀଜୀ—(ଅଭୟ ମୁଦ୍ରା ପ୍ରଦର୍ଶନ କରି) ନିଶ୍ଚୟ ପାଇବୁ ମା, ମୁଁ ଯେତେବେଳେ ତୋର ପାଖେ ପାଖେ ରହିବି ସେତେବେଳେ ତୋର ଭୟ କରିବାର କିଛି ନାହିଁ । ମୁଁ ସବୁ ଜାଣେ, ମୁଁ ଅନ୍ତର୍ଯ୍ୟାମୀ । ଏ ବିଶ୍ୱର ଶାନ୍ତି ମୈତ୍ରୀ ଆଉ ପ୍ରେମର ବାଣୀ ପ୍ରଚାର କରିବା ପାଇଁ ମୋର ଏ ଅବତାର । ମୁଁ

ଆସିଛୁ ଦେବାକୁ ଆନନ୍ଦ, ଦେବାକୁ ପ୍ରେମ । ମୋର ଦୟା ଅସରନ୍ତି । ମୋର ଲୀଳା ଅକ୍ଷୟ । ମତେ ଜାଣିବାକୁ ଚେଷ୍ଟା କରନା । ତମେ ଜାଣି ପାରିବନି । ମତେ ମାପିବାକୁ ଚେଷ୍ଟା କରନା । ତମେ ମାପି ପାରିବନି । ମୁଁ ସବୁ କଳ୍ପନାର ବାହାରେ । ମୁଁ ସୀମାହୀନ, ଅନନ୍ତ । ଯା, ମା, ଭିତରେ ଅପେକ୍ଷା କର । ସମୟ ହେଲେ ମୁଁ ନିଜେ ତତେ ଡକାଇ ପଠାଇବି ।

[ନିଶି ପ୍ରଣାମ କରାଇ ଧୀରେ ଧୀରେ ଚାଲି-ଯାଇଛି । ଉପସ୍ଥିତ ସମସ୍ତେ ଯାଇ ସ୍ୱାମୀଜୀଙ୍କ ପାଦ ସ୍ପର୍ଶ କରି ଚାଲି ଯାଇଛନ୍ତି ।

ଅନାମ—(ଯାଇ ପାଦ ସ୍ପର୍ଶ କରିଛି) ପ୍ରଭୁଙ୍କର ଅସୀମ ଦୟା, ସାମାନ୍ୟ ଗୋଟିଏ ନର୍ତ୍ତକୀ ପ୍ରତି ପ୍ରଭୁ ଆଜି ଯେଉଁ କରୁଣା ପ୍ରଦର୍ଶନ କଲେ ଏ କ'ଣ କମ୍ ଭାଗ୍ୟର କଥା…

ସ୍ୱାମୀଜୀ—ହୁଁ ଅନାମ, ସୂର୍ଯ୍ୟ କାହିଁ ? ଦୀର୍ଘ ୧୦ ବର୍ଷ ଧରି ଯେଉଁ ଉତ୍ସବକୁ ତୁ ବନ୍ଦ କରି ଦେଇଥିଲୁ ମା'ର ଇଚ୍ଛାରେ ସେ ଉତ୍ସବ ଆଜି ପାଳିତ ହେଉଛି । ମା'ର ଆଶୀର୍ବାଦରୁ ତୋର ସର୍ବବିଧ ମଙ୍ଗଳ ହେବ । ସୂର୍ଯ୍ୟକୁ ମା'ର ଆଶୀର୍ବାଦ ମିଳିଛି । ସେ ଭାଗ୍ୟବାନ ଅନାମ—ଏତେ ଶୀଘ୍ର କାହାରିକୁ ମା'ର ଆଶୀର୍ବାଦ ମିଳି ନ ଥିଲା । ଏଇ ଦେଖ ମା'ର ଆଶୀର୍ବାଦ ।

(ଶୂନ୍ୟରେ ହାତ ବୁଲାଇ ଆଣିଲେ, ସ୍ୱାମୀଜୀଙ୍କ ହାତରେ ନବରତ୍ନ ଖଚିତ ହାର । ସମସ୍ତେ ଆଶ୍ଚର୍ଯ୍ୟରେ ଚାହିଁ ରହିଛନ୍ତି)

ସୂର୍ଯ୍ୟ କାହିଁ ?

ଅନାମ—ଭୋଲା, ଆରେ ଦେଖୁଛୁ କ'ଣ ? ଶୀଘ୍ର ଯା, ସୂର୍ଯ୍ୟକୁ ଡାକ । ତାକୁ ମା'ଙ୍କର ଆଶୀର୍ବାଦ ମିଳିଛି । (ଭୋଲା ଚାଲିଗଲା) ପ୍ରଭୁ, ଆପଣ ସତରେ ଅନ୍ତର୍ଯ୍ୟାମୀ, ଆପଣ ସତରେ କରୁଣାମୟ ।

ସ୍ୱାମୀଜୀ—(ଅଭୟ ମୁଦ୍ରା ଦେଖାଇ) ସୂର୍ଯ୍ୟକାନ୍ତ କିନ୍ତୁ ମା'ଙ୍କୁ ବିଶ୍ୱାସ କରେନା । ମୋର ଶକ୍ତି ଉପରେ ତାର ଘୋର ସନ୍ଦେହ ।

ଅନାମ—ନା ପ୍ରଭୁ । ସେ ପିଲାଲୋକ, ସଂସାର କଣ ଜାଣେନା ।

ସ୍ୱାମୀଜୀ—ଆଉ ସେଇଥିପାଇଁ ମୁଁ ଆଜି ତାର ସନ୍ଦେହ ମୋଚନ କରିବି । ସେ ଆଜି ଦର୍ଶନ କରିବ ମୋର ସେଇ ବିଶ୍ୱରୂପ । ଯାହା ଥରେ ମୁଁ ଦେଖାଇଥିଲି ମୋର ପରମ ଭକ୍ତ ଅର୍ଜୁନକୁ । ସେ ଆଜି ଦର୍ଶନ କରିବ ମୋର ସେଇ ମହିଷାମର୍ଦ୍ଦିନୀ ରୂପ । ମହିଷାସୁର ମର୍ଦ୍ଦନ ବେଳେ ମୁଁ ଯୋଉ ରୂପ ଧାରଣ କରିଥିଲି ।

ଅନାମ—ଶାନ୍ତ ହୁଅନ୍ତୁ ପ୍ରଭୁ, ଶାନ୍ତ ହୁଅନ୍ତୁ । ତାକୁ କ୍ଷମା କରନ୍ତୁ ପ୍ରଭୁ ।

(ଏହି ସମୟରେ ଆସିଛି ସୂର୍ଯ୍ୟ ଭୋଲା ସହିତ)

ଯା, ସ୍ୱାମୀଜୀଙ୍କର ଚରଣ ସ୍ପର୍ଶ କରି ପ୍ରଣାମ କର ।

ସୂର୍ଯ୍ୟ—ଗୋଟାଏ ଭଣ୍ଡ ତପସ୍ୱୀର ଚରଣ ସ୍ପର୍ଶ କରି ମୁଁ ପ୍ରଣାମ କରି ପାରିବିନି ବାପା—ଏ ଉତ୍ସବ ଆପଣ ବନ୍ଦ କରନ୍ତୁ ।

ଅନାମ—ସୂର୍ଯ୍ୟକାନ୍ତ ! କାହାକୁ ତୁ କ'ଣ କହିଯାଉଛୁ ସୂର୍ଯ୍ୟ । ସ୍ୱାମୀଜୀଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କର । ତା ନ ହେଲେ—

ସୂର୍ଯ୍ୟ—ଏ ବିଜ୍ଞାନ ଯୁଗରେ ଏ ପ୍ରହସନକୁ ମୁଁ ଆଦୌ ବରଦାସ୍ତ କରିପାରିବିନି । ସବୁ ଭଣ୍ଡାମୀ, ସବୁ ପ୍ରତାରଣା ।

ସ୍ୱାମୀଜୀ—(ହସି) ସୂର୍ଯ୍ୟ, ଏ ବସ୍ତୁବାଦୀ ଦୁନିଆଁରେ ବିଜ୍ଞାନର ଯୋଉଠି ଶେଷ ହୋଇଛି, ସେଇଠ'ରୁ ମୋର ଆରମ୍ଭ । ମୋ ପାଖକୁ ଆ—ତୋର ସମସ୍ତ ଭ୍ରମ ଧାରଣା ମୁଁ ଗୋଟାଏ ମୁହୂର୍ତ୍ତରେ ଦୂର କରିଦେବି । ତୁ ମା'ର ଆଶୀର୍ବାଦ ପାଇଛୁ । ଏଇ ନେ ମା'ର ଆଶୀର୍ବାଦ ।

ଅନାମ—ନେ ସୂର୍ଯ୍ୟ, ସ୍ୱାମୀଜୀ ତୋ ପାଇଁ ଏହାକୁ ଶୂନ୍ୟରୁ ସୃଷ୍ଟି କରିଛନ୍ତି ।

ସୂର୍ଯ୍ୟ ଶୂନ୍ୟରୁ ସୃଷ୍ଟି କରିଛନ୍ତି ? ବେଶ୍ ମୋର ଗୋଟାଏ ପାଣିକଖାରୁ ଦରକାର । ମୋର ଗୋଟାଏ ଧଳାହାଣ୍ଡି ଦରକାର । ଆପଣଙ୍କର ସ୍ୱାମୀଜୀ ମୋ ପାଇଁ ଶୂନ୍ୟରୁ ଗୋଟାଏ ପାଣିକଖାରୁ ସୃଷ୍ଟି କରିପାରିବେ । ପାରିବେ ଗୋଟାଏ ଧଳାହାଣ୍ଡି ସୃଷ୍ଟି କରି—

ସ୍ୱାମୀଜୀ—ସୂର୍ଯ୍ୟ !

[ଏହି ସମୟରେ ଆସିଛନ୍ତି Mr. D. P. Naik, I. P. S. S. P. Vigilance]

Mr. Naik—I am sorry Mr. Rout, I am bit late.

ଅନାମ—ଆସନ୍ତୁ ସାର୍, ଆସନ୍ତୁ ।

[ଅନ୍ୟମାନଙ୍କ ଉଦ୍ଦେଶ୍ୟରେ—ଏ ହେଉଛନ୍ତି Mr. D. P. Naik, Vigilance S. P. (ନମସ୍କାର ଆଦାନ ପ୍ରଦାନ) ସ୍ୱାମୀଜୀଙ୍କ ଉଦ୍ଦେଶ୍ୟରେ । ସ୍ୱାମୀଜୀ Mr. Naikଙ୍କୁ ଦେଖି ଟିକିଏ ବିଚଳିତ ହୋଇପଡ଼ିଲେ । Mr. Naik କିଛୁ ଭଦ୍ରତା ଦୃଷ୍ଟିରୁ ନମସ୍କାର କଲେ]

Mr. Naik—ସ୍ୱାମୀଜୀଙ୍କୁ କୋଉଠି ଦେଖିଲା ପରି ମନେହେଉଛି ।

ଅନାମ—(ହସି) ସ୍ୱାମୀଜୀ ତ ସର୍ବବ୍ୟାପୀ, ଅନ୍ତର୍ଯ୍ୟାମୀ ।

Mr. Naik—(ସାମାନ୍ୟ ହସି) ସର୍ବବ୍ୟାପୀ, ଅନ୍ତର୍ଯ୍ୟାମୀ ! ମୋର ଚହ୍ନିବାରେ ଯଦି ଭୁଲ୍ ନ ହୁଏ···

ସ୍ୱାମୀଜୀ—ଅନାମ, ମୋର ପୂଜାର ସମୟ ହୋଇଗଲା, ମୁଁ ଆସୁଛି ।

Mr. Naik—ଅପେକ୍ଷା କରନ୍ତୁ ସ୍ୱାମୀଜୀ । ଗୋଟାଏ Police officerର ଆଖିକୁ ଫାଙ୍କିଦେବା ଏତେ ସହଜ ନୁହେଁ । ବର୍ତ୍ତମାନ ଆପଣଙ୍କୁ ମୋ ସହିତ ଥାନାକୁ ଯିବାକୁ ହେବ ।

ଅନାମ—କିନ୍ତୁ Sir···

Mr. Naik—Yes. Mr. Rout, ଆପଣଙ୍କର ଅନ୍ତର୍ଯ୍ୟାମୀ, ସର୍ବବ୍ୟାପୀ ପୁରୁଷ ସ୍ୱାମୀଜୀ ହେଉଛନ୍ତି ଦୁର୍ଦ୍ଧର୍ଷ ଡକାଏତ ଆଉ ନରହନ୍ତା ଗୋଟାଏ ଫେରାର ଆସାମୀ ରଘୁ ନାଏକ···(ଏହି ସମୟରେ ସ୍ୱାମୀଜୀ ପଳାଇବାକୁ ବସିଥିଲେ) ପଦେ ମାତ୍ର ଆଗେଇବାର ଚେଷ୍ଟା କଲେ ତୋର ସେ ମାଟିର ଦେହଟା ସେଇଠି ଲୋଟି ପଡ଼ିବ ରଘୁ ନାଏକ । ଦୀର୍ଘ ୭ ବର୍ଷ ଧରି ମୁଁ ତତେ ଖୋଜି ଚାଲିଛି । ମତେ ଫାଙ୍କି ଦେବା ଏତେ ସହଜ ନୁହେଁ । ଜୀବନ ପ୍ରତି ଯଦି ମମତା ଥାଏ ତାହାହେଲେ ମୋ ସହିତ ଥାନାକୁ ଚାଲ । Law will take its own course.

ଅନାମ—ଆଶ୍ଚର୍ଯ୍ୟ ! ସ୍ୱାମୀଜୀ ଜଣେ ନରହନ୍ତା ! ଜଣେ ଡକାଏତ !

Mr. Naik—ଏ ଦୁନିଆରେ ବହୁତ ଅସମ୍ଭବ ବି ବେଳେ ବେଳେ ସମ୍ଭବ ହୁଏ

Mr. Rout. Night—ଚାଲ୍ ରଘୁ—ତୋର ମୁଖା ଆଜି ଖୋଲି ଯାଇଛି ।

[ନର୍ତ୍ତକୀର ସେଇ ପୂର୍ବ ବର୍ଣ୍ଣିତ କକ୍ଷ—ସମସ୍ତ ସନ୍ଧ୍ୟା—ଲଚ୍ଛୁ ସିଂ ଉତ୍ତ୍ୟକ୍ତ ଭାବେ]

ଲଚ୍ଛୁ—(ନର୍ତ୍ତକୀର ହାତ ଧରି) ଚାଲ···ଚାଲ···

ନର୍ତ୍ତକୀ—ମୁଁ କୁଆଡ଼େ ଯିବି ? ଲଚ୍ଛୁଭାଇ ! ମୁଁ ଏଇଠି ରହିବି—

ଲଚ୍ଛୁ—ନା—ନା—ନା— ଏ ଘରେ ତୋର ଆଉ ସ୍ଥାନ ନାହିଁ ନର୍ତ୍ତକୀ—ମୋର କାମ ତୋ ପାଖରେ ସରିଯାଇଛି ।

ନର୍ତ୍ତକୀ—(ବଡ଼ କରୁଣ ତଥା ବିକଳ ହୋଇ) ଲଚ୍ଛୁଭାଇ··ମତେ ଦୟାକର ଲଚ୍ଛୁଭାଇ ! ଏ ଅବସ୍ଥାରେ ମୁଁ କୁଆଡ଼େ ଯିବି । ତୁ କହୁଥିଲୁ ନା ମୁଁ ଭଲ ହୋଇଯିବି ବୋଲି ।

ଲଚ୍ଛୁ—ତୁ ଆଉ ଭଲ ହେବୁନି ନର୍ତ୍ତକୀ । ଆଉ କେଇଟା ଦିନ ପରେ ତୋର ଏ ମୁଲାଏମ୍ ଆଙ୍ଗୁଠିଗୁଡ଼ା ଖଣ୍ଡ ଖଣ୍ଡ ହୋଇ ଛିଣ୍ଡି ପଡ଼ିବ । ପୂଜରକ୍ତ ଭରା ବିଷାକ୍ତ କ୍ଷତରେ ତୋର ସାରା ଶରୀର ଭରିଯିବ । ତୁ ହେଇଯିବୁ ଅଥର୍ବ—ପଙ୍ଗୁ—

ନର୍ତ୍ତକୀ—(ଆତଙ୍କରେ) ଲଚ୍ଛୁଭାଇ !

ଲଚ୍ଛୁ—ହଁ ନର୍ତ୍ତକୀ, ଆଜି ତୋ ଜୀବନରେ ସବୁ ରଙ୍ଗ ଲିଭି ଯାଇଚି । ଡଷ୍ଟବିନ୍‌ର ଛିଣ୍ଡା କାଗଜ ଭଳି ତୁ ଆଜି ଏକଦମ ଅଦରକାରୀ ହୋଇ ପଡ଼ିଛୁ ।

ନର୍ତ୍ତକୀ—ଲଚ୍ଛୁଭାଇ ! ସାରା ଜୀବନ ଧରି ମୁଁ ତୋର ନିର୍ଦ୍ଦେଶରେ ନାଚିଛି, ଗାଇଛି—ଆଉ ଏ ଦେହର ରକ୍ତ ମାଂସକୁ ପଲ ପଲ କରି ବିକ୍ରି କରି ତତେ ମୁଁ ଦେଇଛି ଅଜସ୍ର ଟଙ୍କା । ଆଉ ତୁ ଆଜି···

ଲଚ୍ଛୁ—ଆଜି—ଏଇ ମୁହୂର୍ତ୍ତରେ ତତେ ଏଠୁ ଛାଡ଼ି ଚାଲିଯିବାକୁ ପଡ଼ିବ । ମୁଁ ବେପାର କରେ ନର୍ତ୍ତକୀ । ଜୀବନରେ ମୁଁ କାହାରି ପ୍ରତି ଦୟା ଦେଖାଇନି କି କାହାରିକୁ କ୍ଷମା ଦେଇନି ।

ନର୍ତ୍ତକୀ—(କାନ୍ଦି ଉଠିଛି) କୁଆଡ଼େ ଯିବି ? କିଏ ଦେବ ମତେ ଆଶ୍ରୟ ?

ଲଚ୍ଛୁ—ତୋ ପାଇଁ ଏକମାତ୍ର ନିରାପଦ ସ୍ଥାନ ହେଉଛି leper colony. Leper colonyର କର୍ମକର୍ତ୍ତାମାନଙ୍କ ସହିତ ମୁଁ କଥାବାର୍ତ୍ତା କରି ସାରିଛି । ସେମାନେ ତତେ ଆଶ୍ରୟ ଦେବାକୁ ବହୁତ କଷ୍ଟରେ ରାଜି ହୋଇଛନ୍ତି ।

ନଗି—Leper colony ! ଶେଷରେ ମୁଁ ଆଶ୍ରୟ ନେବି leper colonyରେ । ମୋ ଭାଗ୍ୟରେ ଶେଷରେ ଏଇଆ ଥିଲା । ନା, ନା, ଲଚ୍ଛୁଭାଇ, ମୁଁ ଏଇଠି ରହିବି । ମୋର ଆଉ କିଛି ଦରକାର ନାହିଁ, ଖାଲି-ଖାଲି ଦି'ବେଳା ମତେ ମୁଠାଏ ଖାଇବାକୁ ଦିଅ । ମତେ ଦୟାକର ଲଚ୍ଛୁଭାଇ !

ଲଚ୍ଛୁ—ଦୟା ? କେହି ହିନେ ମତେ ଦୟା କରିନି ନଗି । କାହାରିଠାରୁ ହିନେ ମୁଁ ସହାନୁଭୂତି ପାଇନି—ସମସ୍ତେ ମତେ ଘୃଣା କରିଛନ୍ତି । ଏ ଦୁନିଆଁ ଆଖିରେ ମୁଁ ଗୋଟାଏ ଅମଣିଷ । ଜାଣିଛୁ ନଗି—ମୋର ଅତୀତ ! ମୋର ବାପ କିଏ ମୁଁ ଜାଣେନା—ମୋର ମା' ସହିତ କେବେ ମୋର ଦେଖା ହୋଇନି । ଆଉ ପ୍ରଥମେ ଯୋଉଦିନ ମତେ ମୁଁ ଆବିଷ୍କାର କଲି, ସେଦିନ ଆଜି ବି ମୋର ମନେଅଛି, ଗୋଟାଏ Red Light Streetର ନିର୍ଜନ କକ୍ଷରେ ମୁଁ ଗୁମୁରି ଗୁମୁରି କାନ୍ଦୁଥିଲି । ଆଉ ସେଇଦିନ ଠାରୁ ମୋ ଭିତରେ ଥିବା ମଣିଷଟା ମରିଗଲା । ଆଉ ତା ଜାଗାରେ ଜନ୍ମନେଲା ଗୋଟାଏ ପଶୁ । ଦୁର୍ଦ୍ଦାନ୍ତ ଜାନୁଆର୍ । ମତେ ମଣିଷରୁ କିଏ ଅମଣିଷ କଲା କହିପାରିବୁ ? କହିପାରିବୁ ନଗି କାହିଁକି ମୁଁ ଆଜି ଦୁର୍ଦ୍ଦାନ୍ତ, ନିଷ୍ଠୁର ଆଉ ହୃଦୟହୀନ ।

ନଗି—ଲଚ୍ଛୁଭାଇ···

ଲଚ୍ଛୁ—ଚାଲ୍ ନଗି—ତତେ ନେଇ ମୁଁ leper colonyରେ ଛାଡ଼ିଦେଇ ଆସିବି ।

ନଗି—(କାନ୍ଦି କାନ୍ଦି) ନା, ନା—ମୁଁ ସେଠିକି ଯିବିନି ।

ଲଚ୍ଛୁ—ସାରା ଜୀବନ ଧରି ତୁ ମୋର ନିର୍ଦ୍ଦେଶ ମାନିଚୁ । ଆଉ ଆଜି ବି ତତେ ମୋର ନିର୍ଦ୍ଦେଶ ମାନିବାକୁ ପଡ଼ିବ । ଚାଲ···

[ଜୋର୍ କରି ଧକ୍କା ମାରି ବାହାରକୁ ନେଇ-ଯାଉଛି । ନଗି କଣ୍ଠରେ କରୁଣ କ୍ରନ୍ଦନର ଧ୍ୱନି ।

ଆଉ ଠିକ୍ ସେତିକିବେଳେ ୩ୟ ମଞ୍ଚରେ ମହାକାଳ କଣ୍ଠରେ]

—ଗୀତ—

କାନ୍ଦିଲେ କି ହେବ କସାନ୍ଦ୍ର ଗମନା
ଇନ୍ଦ୍ର କି ସହଜେ ଛାଡ଼ିବ,
ନିଜ କର୍ମଫଳ ଭୋଗିବୁ ଏଥର
କେହି ତୋର ସାହା ନୋହିବ ।

ରୂପ ଯଉବନେ ମଦମତ୍ତ ହୋଇ
ଧରାକୁ ମଣିଲୁ ସରାରେ,
ପାପ ପୁଣ୍ୟ ଭାବ ଦିନେ ନ ଭାବିଲୁ
କଲୁ କେତେ ବାସ ଦ୍ୱାରେ ।

ରଖ ରଖ ବୋଲି କାହାକୁ ଡାକିବୁ
କିଏ ତୋ ପିଠିରେ ପଡ଼ିବ...
କାନ୍ଦିଲେ କି ହେବ......

(ଗାଇ ଗାଇ ଚାଲିଗଲେ)

୨ୟ ମଞ୍ଚ

[ଅନାମ ରାଉତଙ୍କ ଘର । ସମୟ ସନ୍ଧ୍ୟା, ସୂର୍ଯ୍ୟ ଭୀଷଣ ବେମାର । ଦେହରେ ଭୟଙ୍କର ଉତ୍ତାପ । ଭିତରୁ ସେ ଟଳି ଟଳି ଆସିଛି ବାହାରକୁ ଯିବା ଉଦ୍ଦେଶ୍ୟରେ । ଡ୍ରଇଂ ରୁମ୍‌ରେ ଭୋଲା ଅନାମ ରାଉତଙ୍କ ସ୍ତ୍ରୀଙ୍କ ଫଟୋ ନିକଟରେ କେତୋଟି ସୁବାସିତ ଧୂପକାଠି ଦେଉଥିଲା । ସୂର୍ଯ୍ୟକୁ ଦେଖି—]

ଭୋଲା—ସୂର୍ଯ୍ୟ ! ଏମିତି ଅବସ୍ଥାରେ କୁଆଡ଼େ ଯାଉଛୁ ବାପା... ?

ସୂର୍ଯ୍ୟ—ମତେ ଆଜି ବାଧା ଦିଅନି ଭୋଲାଦାଦା...ମତେ ଯିବାକୁ ଦିଅ—ମତେ ଯିବାକୁ ଦିଅ ।

ଭୋଲା—କୁଆଡ଼େ ଯିବୁ ? ଦେହରେ ତୋର ହାତ ଖଇ ଫୁଟୁଛି—ବିଛଣାରୁ ଉଠିବାର ଶକ୍ତି ନାହିଁ—ଦେହ ଥରୁଛି । ସାତଦିନ ହେଲା ଅଖିଆ ଅପିଆ ଛଟପଟ ହେଉଛୁ···

ସୂର୍ଯ୍ୟ—ଏମିତି ଛଟପଟ ହୋଇ ମୁଁ ମରିଯିବି ଭୋଲଦାଦା ।

ଭୋଲା—ସୂର୍ଯ୍ୟ ! ମୁଁ ସବୁ ଜାଣିଛିରେ ବାପା, ହେଲେ କିଛି କରିପାରିବିନି । ତୋର ଭଳି ମୁଁ ବି ନିରୁପାୟ ।

ସୂର୍ଯ୍ୟ—ନା ଭୋଲଦାଦା, ଏ ଘରେ ବିଦ୍ରୋହର ଅଗ୍ନିଶଙ୍ଖ ବାଜି ଉଠିବ, ମୁଁ ଭୀରୁ ନୁହେଁ କି ପଳାୟନପନ୍ଥୀ ନୁହେଁ । ଜୀବନର ସବୁ ଝଡ଼ ସବୁ ଝଞ୍ଜାକୁ ମୁଁ ମୁକାବିଲା କରିବି । ମୁଁ ଯିବି ଭୋଲଦାଦା । ମୁଁ ମଧୁ ପାଖକୁ ଯିବି । ମୋର ଭଳି ସେ ବି ଆଜି ଲୁହ ଢାଳୁଛି । ତାକୁ ଛାଡ଼ି ମୁଁ ବଞ୍ଚିପାରିବିନି ଭୋଲ-ଦାଦା । ମୋତେ ତମେ ନେଇଚାଲ···

ଭୋଲା—କିନ୍ତୁ ବାପା ଜାଣିଲେ··· ?

ସୂର୍ଯ୍ୟ—ବାପା ! କେବେ ତାଙ୍କ ପାଖରେ ଦେଖିଛ ବାପର ମମତା··· ? ତାଙ୍କର ସେ ଲୁହାର ଛାତିରେ କେବେ ଅନୁଭବ କରିଛ ପିତୃତ୍ୱର ସ୍ପନ୍ଦନ ? ସେ ପଥର ଭୋଲଦାଦା । ସେ ଗୋଟିଏ ଅର୍ଥଲୋଭୀ ପିଶାଚ ।

ଭୋଲା—ସୂର୍ଯ୍ୟ ! ଯାହାହେଲେ ବି ସେ ତୋର ବାପା, ତୋର ଜନ୍ମଦାତା···

ସୂର୍ଯ୍ୟ—ତାଙ୍କର ଯୋଗୁ ବୋଉ ମୋର ଆତ୍ମହତ୍ୟା କଲା । ତାଙ୍କର ଯୋଗୁ ମୋର ଆଶା ଆକାଂକ୍ଷା ଧୂଳିସାତ୍ ହୋଇଗଲା ।

ଭୋଲା—ସୂର୍ଯ୍ୟ !

ସୂର୍ଯ୍ୟ—ହଁ ଭୋଲଦାଦା, ଶୁଣିବ ବାପାଙ୍କ ହୀନ ଷଡ଼ଯନ୍ତ୍ରର କାହାଣୀ ।

ଭୋଲା—ଷଡ଼ଯନ୍ତ୍ର !

ସୂର୍ଯ୍ୟ—ହଁ ଷଡ଼ଯନ୍ତ୍ର । ଆଜି ରାତି ଭିତରେ ମଧୁକୁ ସେମାନେ ହରଣଚାଲ କରି-ନେବେ । ଆଉ ସେଇଥିପାଇଁ ବାପାଙ୍କ ନିର୍ଦ୍ଦେଶରେ ତାଙ୍କର ସେ ପୋଷା ଆଲ୍‌ସେସିଆନ ·ଅମରେଶ ଯାଉଛି ସମସ୍ତ ଆୟୋଜନ କରିବାକୁ । ସେମାନେ ହୁଏତ ମଧୁକୁ ହତ୍ୟା କରିବେ ।

ଭୋଲା—ତୁ··· ଏ କଥା କେମିତି ଜାଣିଲୁ··· ?

ସୂର୍ଯ୍ୟ—ବର୍ତ୍ତମାନ ସମୟ ନାହିଁ ଭୋଳଦାଦା । ସବୁ କଥା ପରେ କହିବି । ମଧୁର ଜୀବନ ଆଜି ବିପନ୍ନ । ମତେ ତମେ ନେଇଚାଲ । ମତେ ଖୁବ୍ ଦୁର୍ବଳ ଲାଗୁଛି । ତଥାପି ମଧୁକୁ ମତେ ବଞ୍ଚାଇବାକୁ ହେବ ।

ଭୋଳା—ବାବୁ ଶେଷରେ ଏତେ ତଳକୁ ଚାଲିଗଲେ ?

ସୂର୍ଯ୍ୟ – ମତେ ତମେ ନେଇଚାଲ ଭୋଳଦାଦା । ମୋ ଜୀବନର ଚରମ ଦୁର୍ଦ୍ଦିନରେ ମତେ ଏତିକି ସାହାଯ୍ୟ କରିବନି ?

ଭୋଳା—ସୂର୍ଯ୍ୟ ! ମା' ସାନ୍ତାଣୀ ସିନା ଚାଲିଗଲେ ହେଲେ ମୁଁ ଅଛିରେ ବାପା, ତୋ ପାଇଁ ମୁଁ ସବୁକିଛି କରିବି । ମୁଁ ଆଜିଯାଏ ନୀରବ ଥିଲି । କିନ୍ତୁ ଆଉ ନୁହେଁ । ଏ ଭଣ୍ଡ ନିଷ୍ଟସ୍ଥ ଖୋଲିବି । ବାବୁ ଯେତେବେଳେ ନିଜର ସର୍ବନାଶକୁ ହାତଠାରି ଡାକି ଆଣୁଛନ୍ତି, ସେତେବେଳେ କେହି ତାଙ୍କୁ ରକ୍ଷା କରି ପାରିବେନି । ମୁଁ ସବୁ କହିବି । ମୁଁ ସବୁ ଜାଣିଛି ।

ସୂର୍ଯ୍ୟ—ଭୋଳଦାଦା··· !

ଭୋଳା—ଚାଲ୍ ସୂର୍ଯ୍ୟ । ମୁଁ ତତେ ନେଇ ମଧୁ ପାଖକୁ ଯିବି । କିନ୍ତୁ ଶ୍ରୀରାମବାବୁ ଯଦି ତତେ ଅପମାନିତ କରନ୍ତି ?

ସୂର୍ଯ୍ୟ—ମଧୁ ପାଇଁ ଯଦି ଏ ଜୀବନଟା ଚାଲିଯାଏ ତେବେ ଦୁଃଖ ନାହିଁ ଭୋଳଦାଦା । ତା' ପାଇଁ ସବୁ ଅପମାନ ସବୁ ଲାଞ୍ଛନାକୁ ମୁଁ ହସି ହସି ଚନ୍ଦନ ଭଳି ବରଣ କରିନେବି । ତମେ ଚାଲ ଭୋଳଦାଦା···

ଭୋଳା—ଆ ସୂର୍ଯ୍ୟ । ମା' ସା'ନ୍ତାଣୀଙ୍କର ଆଶୀର୍ବାଦରେ ତୋର ଯାହା ସଫଳ ହେଉ । ତୁ ସୁଖୀ ହ···ଆ···

[ସୂର୍ଯ୍ୟକୁ ସାଙ୍ଗରେ ନେଇ ଠିକ୍ ଯିବାକୁ ବାହାରିଲା ବେଳେ ଆସିଛନ୍ତି ଅନାମ ରାଉତ । ତାଙ୍କୁ ଦେଖି ଦୁହେଁ ରହିଯାଇଛନ୍ତି । ସେମାନେ ହୁଏତ ଅନାମ ରାଉତଙ୍କୁ ଆଶା କରି ନ ଥିଲେ]

ଅନାମ—ତୁ ଯାଇ ପାରିବୁନି ସୂର୍ଯ୍ୟ····

(ବଜ୍ର ଗମ୍ଭୀର କଣ୍ଠରେ)

ସୂର୍ଯ୍ୟ—ବାପା !

ଅନାମ—ଯୋଉ ପୁଅ ତାର ବାପ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରେ ସେଭଳି ଗୋଟାଏ ଅବାଧ୍ୟ ପୁଅକୁ କିପରି ଶାସନ କରିବାକୁ ହୁଏ ତା ମତେ ବେଶ୍ ଜଣା ସୂର୍ଯ୍ୟ—ଭିତରକୁ ଯା—

ସୂର୍ଯ୍ୟ—ମୁଁ ଯିବି ବାପା—କେହି ଆଜି ମତେ ରୋକି ପାରିବେନି ।

ଅନାମ—ସୂର୍ଯ୍ୟ, ମୁଁ ଜାଣେ ଭୋଲା ମୋ ସହିତ ବିଶ୍ୱାସଘାତକତା କରିଛି । ମୋ କଳଙ୍କିତ ଜୀବନର ଅନେକ ପୃଷ୍ଠା ସେ ତୋ ଆଗରେ ଖୋଲି ଦେଇଛି । ଆଉ ସେ ବିଶ୍ୱାସଘାତକତାର ଉପଯୁକ୍ତ ପୁରସ୍କାର ମୁଁ ତାକୁ ନିଶ୍ଚୟ ଦେବି । କିନ୍ତୁ ତୁ ଯଦି ମୋର ଅବାଧ୍ୟ ହେବାକୁ ଚେଷ୍ଟା କରୁ···

ଭୋଲା—ବାବୁ ! (ଭୟରେ)

ଅନାମ—ଭୋଲା, ମୋ ଜୀବନର ଅନେକ ଦୁର୍ବଳ ମୁହୂର୍ତ୍ତିରେ ତୁ ଥିଲୁ ଏକମାତ୍ର ସାକ୍ଷୀ । ଆଉ ତାର ସୁଯୋଗ ନେଇ ତୁ ଯଦି ତୁଣ୍ଡ ଖୋଲିବାର ଦୁଃସାହସ କରୁ···

ଭୋଲା—ବାବୁ···

ଅନାମ—ଭିତରକୁ ଯା···ତୁ ବି ଯା ସୂର୍ଯ୍ୟ । ମଣିଷ ପରି ଯଦି ବଞ୍ଚିବାକୁ ଇଚ୍ଛା କରୁ ତେବେ ଜୀବନକୁ ଉପଭୋଗ କରିଯା । Enjoy the life till the last drop. ଗୋଟାଏ ଦୁର୍ବଳ ମୁହୂର୍ତ୍ତିର କ୍ଷଣିକ ଉତ୍ତେଜନାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତକୁ ନଷ୍ଟ ହେବାକୁ ଦେ ନା—ମୋ କଥା ଯେପରି ତୋର ମନେ ରହେ—

(କହି ଦ୍ରୁତ ପାଦରେ ଚାଲିଗଲେ । ସୂର୍ଯ୍ୟ ଧୀରେ ଧୀରେ ଯାଇ ସୋଫା ଉପରେ ବସି ପଡ଼ିଲେ···)

[ଶ୍ରୀରାମଦାସଙ୍କ ଘର । ମଞ୍ଚରେ ଆଲୋକ ଜଳିଲା ପରେ ଦେଖାଗଲା—ମଧୁ ଗୋଟାଏ ଭଙ୍ଗାମନ ନେଇ ଗାଉଥିଲା ଏକ କରୁଣ ସଙ୍ଗୀତର ମୂର୍ଚ୍ଛନା । ତାଙ୍କର ଅଲକ୍ଷ୍ୟରେ ଶୁଣୁଥିଲେ ଧରଣୀ । ତାଙ୍କ ଆଖିରେ ଲୁହ ଜମି ଆସିଥିଲା]

ମଧୁ କଣ୍ଠରେ—

(ରାଗ—ପଟଦୀପ୍ ତାଳ—ଧମାଦାଦରା)

ସୂର୍ଯ୍ୟର ରଙ୍ଗ ମଉଳି ଯାଇଛି

କମଳିନୀ ରଙ୍ଗ ଫିକା ଫିକା

ସରସୀର ନୀର ଶୁଖି ତ ଯାଇଛି
ବିରହିଣୀ ଝୁରେ ଏକା ଏକା । ୦ ।

[ଗୀତର ଗୋଟିଏ ପଦ ଗାଇ ସାରିଲା ପରେ ପରେ ଅନାମ ରାଉତଙ୍କ ଘରେ ମଧ୍ୟ ଆଲୋକ ଜଳି ଉଠିଛି । ଦେଖାଗଲା ସୂର୍ଯ୍ୟ ମଧ୍ୟ ଗାଉଥିଲେ । ସେ ସଙ୍ଗୀତ ଥିଲା ବେଦନାର । ଜୀବନ ଯନ୍ତ୍ରଣାରେ ସୂର୍ଯ୍ୟଙ୍କ ଅଲକ୍ଷ୍ୟରେ ଠିଆ ହୋଇ ଶୁଣୁଥିଲା ହେଲା । ଦୁଃଖରେ ତା ଆଖିରେ ବି ଭରି ଯାଇଥିଲା କେଇଟୋପା ଲୁହ]

ସୂର୍ଯ୍ୟଙ୍କ କଣ୍ଠରେ—

ମଧୁବୋଲା ମୋର ଜୀବନ କୁସୁମ
ଝାଉଁଳି ଯାଇଛି ପାଇ ଗୀରଷମ
ନୀରସ କୁଞ୍ଜେ ବେସୁରା ମୁରଲୀ
ଶ୍ୟାମ ବାଏ ବସି ଏକା ଏକା । ୧ ।

ଉଭୟ— ଚନ୍ଦ୍ର କୁମୁଦ ସୂର୍ଯ୍ୟ କମଳ
ଜନମେ ଜନମେ ପୀରତି ଅଚଳ
ଏ ଦେହ ଜଳିଲେ ବିରହ ଅନଳେ
ସେ ପୁରେ ହୋଇବ ଦେଖା । ୨ ।

[ତା ପରେ ସେଇ ସଙ୍ଗୀତର ମୂର୍ଚ୍ଛନା ଉଭୟଙ୍କ କଣ୍ଠରେ । ସଙ୍ଗୀତ ସରି ଯାଇଛି । ଦୁହେଁ ନିଜର ଭାଗ୍ୟକୁ ଆଦରି ନେଇ ଲୁହ ପୋଛୁଛନ୍ତି । ଜୀବନକୁ ସେମାନେ ସମୀକ୍ଷା କରୁଥିଲେ । ଏଇ କଣ ଜୀବନ ? ଏଇ କଣ ଭଲ ପାଇବାର ପରିଣତି ?]

[ଏଇ ସମୟରେ ହଠାତ୍ ଅନ୍ଧାର ହୋଇଯାଇଛି ଏବଂ ସେଇ ଅନ୍ଧକାର ମଧ୍ୟରେ ମଧୁର କରୁଣ ଚିତ୍କାର···]

ମହାକାଳ—ମୋର ପରିଚୟ... ଗୋଟାଏ ପରିଚୟହୀନର ପରିଚୟ ଆସିବ କୁଆଡ଼ୁ ସୁନ୍ଦରୀ। ମତେ ତୁମ ଜୀବନର ଅନ୍ତିମ ପ୍ରେମିକ ବୋଲି ଧରିନିଅ।

ନର୍ତ୍ତକୀ—(ହଠାତ୍ ଯନ୍ତ୍ରଣାରେ ଚିତ୍କାର କରି ଉଠିଛି) ଆଃ—ପାଣି....ପାଣି....

[ ଆଉ କହିପାରିନି—ଢଳି ପଡ଼ିଛି ମହାକାଳଙ୍କ କୋଳରେ—ଜୀବନର ଶେଷ ଦୀପଶିଖା ଲିଭି-ଯାଇଛି। ମହାକାଳ ନର୍ତ୍ତକୀର ସମସ୍ତ ଶରୀରକୁ ଆଉଁସି ଦେଇଛନ୍ତି। ବାହାରି ଆସିଛି ଦୀର୍ଘଶ୍ୱାସ...]

ମହାକାଳ—ଗୋଟିଏ ଯନ୍ତ୍ରଣା ଜର୍ଜରିତ ଜୀବନର ଶେଷ ଦୀପଶିଖା ଏମିତି ଅଜଣା ଅଶୁଣା ଭାବରେ ଲିଭିଗଲା। ଆସ ସୁନ୍ଦରୀ, ତମର ଏଇ ମର ଶରୀରର ସତ୍କାର ପାଇଁ କେତେ ଖଣ୍ଡ କାଠର ଯୋଗାଡ଼ କରିବାକୁ ପଡ଼ିବ...

(କହି ନର୍ତ୍ତକୀର ମୃତ ଦେହକୁ ଟେକି ଧରିଲେ)

ନର୍ତ୍ତକୀଗଣ—କେଉଁ ଏକ ଅଖ୍ୟାତ ଗଳିର କୁଖ୍ୟାତ ନାୟିକା, ତୁମ ସମସ୍ତଙ୍କୁ ଛାଡ଼ି ସେ ଆଜି ଚାଲି ଯାଉଛି ଅନେକ ଦୂରକୁ। ଏ ଦୁନିଆଁଟା ଗୋଟାଏ ମସ୍ତବଡ଼ Platform. ଆଉ ତମେ ସମସ୍ତେ ଜଣେ ଜଣେ ଅପେକ୍ଷମାଣ ଯାତ୍ରୀ। ସମସ୍ତଙ୍କର ଟିକେଟ୍ କଟା ସରିଛି। Seat ବି Reserve ହୋଇ ଯାଇଛି। ଖାଲି ବାକି ଅଛି ସମୟର ସେଇ ଦ୍ରୁତଗାମୀ train ଆସିବା ପାଇଁ। ନର୍ତ୍ତକୀ ପାଇଁ ସେ train ଆଜି ଆସିଯାଇଛି। ସେ ଚାଲିଗଲା। ତମେଯାନେ ବି ଯିବ। କେଇଟା ମୁହୂର୍ତ୍ତର ବ୍ୟବଧାନ ମାତ୍ର। ସମସ୍ତଙ୍କର destination ସେଇ ଗୋଟିଏ Station—"Station of time."

ବନ୍ଧୁଗଣ—ଆଉ ଟିକିଏ ପରେ ନର୍ତ୍ତକୀର ଏ ମର ଦେହଟା ମାଟିରେ ମିଶିଯିବ। ଜ୍ୱାଳାମୟୀ ବହ୍ନିବଳୟ ଭିତରେ ତାର ସବୁ ପାପ, ସବୁ ପୁଣ୍ୟ, ସବୁ ସାଧନା, ସବୁ ଲାଞ୍ଛନା ଜଳିପୋଡ଼ି ପାଉଁଶ ହୋଇଯିବ। ମହାକାଳର ଅନନ୍ତ ଗର୍ଭରେ ସେ ନିଜର ସତ୍ତା ହରେଇ ବସିବ—ଦିଅନ୍ତୁ—ତାର ଶବ ସତ୍କାର ପାଇଁ ଆପଣମାନେ ମୁକ୍ତ ହସ୍ତରେ ଦାନ କରନ୍ତୁ...କେହି କିଛି ଦେବେନି ! (ହସିଚା ଏ ଦେହରେ ଯେତେବେଳେ ବୟସର ନିଆଁ ଜଳୁଥିଲା ସେତେବେଳେ ଅନେକ ପତଙ୍ଗ ଧାଇଁ ଆସିଥିଲେ ସେଥିରେ ଝାସ ଦେବାକୁ, ଅନେକ ହୁଏତ ଜଳି ଯାଇଛନ୍ତି, ଆଉ ଅନେକ ହୋଇଛନ୍ତି

ଷତବକ୍ଷତ । ଆଜ କିନ୍ତୁ ସେ ଲାବଣ୍ୟଟିର ତନୁଶ୍ରୀରେ ଗଳିତ କୁଷ୍ଠର ବିଷାକ୍ତ ଜୀବାଣୁ । ସେ ଆଜ ଜରାକ୍ଳିଷ୍ଟ, ବ୍ୟାଧିଗ୍ରସ୍ତ । କେହି ସାହାଯ୍ୟ ନ ଦେଲେ ବି ତାର ଶବ ସତ୍କାର ହେବ । କଲ୍ୟାଣ ପ୍ରଦାୟିନୀ ମା କାଳୀମାଙ୍କର କରୁଣାସିକ୍ତ କୋଳରେ ମୁଁ ତୁମକୁ ସମର୍ପଣ କରିବି ସୁନ୍ଦରୀ । ଚାଲ—ମୁଁ ଯେ ତୁମର ପାଖେ ପାଖେ ଅଛି ।

(କେହି—ନାରୀର ଶବକୁ ଧରି)

ରାମ ନାମ ସତ୍ୟ ହେ···
ହରି ନାମ ସତ୍ୟ ହେ ··

[କେହି କେହି ଚାଲିଗଲେ । ପରେ ପରେ ୧ମ ମଞ୍ଚରେ ଆଲୋକ ଜଳି ଉଠିଛି]

[ମଧୁର Bed Room. ରାତି ପ୍ରାୟ ୧୨ଟା । ମଧୁ ଶୋଇ ଯାଇଛି—ବାହାର ଦରଜାରେ କାହାର କରାଘାତ ଶୁଣାଗଲା—ମଧୁର ନିଦ ଭାଙ୍ଗି ଯାଇଛି—ଉଠିପଡ଼ି)

ମଧୁ—କିଏ ? ସୂର୍ଯ୍ୟ !

(କେହି ଦୌଡ଼ିଯାଇ କବାଟ ଖୋଲିଛି । ଭିତରକୁ ଆସିଛି ସୂର୍ଯ୍ୟ ।)

ତମେ ଏତେ ରାତିରେ !

ସୂର୍ଯ୍ୟ—(ଚାପା ଗଳାରେ) ହଁ ମଧୁ ନ ଆସିବା ଛଡ଼ା ମୋର ଆଉ ଉପାୟ ନ ଥିଲା । ମୁଁ ଆଜ ଏକାନ୍ତ ଭାବରେ ନିଃସ୍ୱ—ମତେ କି'ଣ ଟିକିଏ ଆଶ୍ରୟ ଦେବନି ?

ମଧୁ—ନା, ନା—ସୂର୍ଯ୍ୟ—ମତେ ଭୁଲିଯିବ—ମୁଁ ଗୋଟାଏ ହତଭାଗିନୀ ।

ସୂର୍ଯ୍ୟ—ମଧୁ, ଆଜ ହୁଏତ ମୋ ଜୀବନର ଚରମ ଦୁର୍ଦ୍ଦିନ । ଆଉ ଏଇ 'ଆଜି' ହୋଇଛି ମୋ ଜୀବନର ସବୁଠାରୁ ବଳି ଆନନ୍ଦର ଦିନ ।

ମଧୁ—କି'ଣ ହୋଇଛି ସୂର୍ଯ୍ୟ ?

ସୂର୍ଯ୍ୟ—ଆଜ ଶେଷର ଆରମ୍ଭ ହୋଇଛି ମଧୁ । ମୋ ବାପାଙ୍କର ଗର୍ବ, ଅହମିକା, ମାନ, ସମ୍ମାନ ଆଜ ସବୁ ଧୂଳିସାତ୍ ହୋଇଯାଇଛି ।

ମଧୁ— ସୂର୍ଯ୍ୟ !

ସୂର୍ଯ୍ୟ—ହଁ ମଧୁ—ଆଜି Vigilance Inspector ଆମ ଘର ଖାନତଲାସ କରି ବାପାଙ୍କର ସବୁ ସମ୍ପତ୍ତି ଜବତ୍ କରିଛନ୍ତି । ସମସ୍ତଙ୍କ ଆଗରେ ଅଣ୍ଟାରେ ଦଉଡ଼ି ଆଉ ହାତରେ ହାତକଡ଼ି ଦେଇ ଚଲାଇ ଚଲାଇ ନେଇଛନ୍ତି । ସବୁ ଗୋପ୍ୟ କାରବାର ଆଜି ଧରା ପଡ଼ିଯାଇଛି ।

ମଧୁ—ସୂର୍ଯ୍ୟ—

ସୂର୍ଯ୍ୟ—ହଁ ମଧୁ । ଗୋଟାଏ ମୂହୂର୍ତ୍ତିରେ ସବୁ ଯେମିତି ଓଲଟ ପାଲଟ ହୋଇ-ଯାଇଛି । ଏ ସମାଜ ମତେ ଗୋଟାଏ Smuggler ଆଉ କଳାବଜାରୀର ପୁଅ ବୋଲି ପରିହାସ କରୁଛି ।

ମଧୁ—ମଉସା କଣ ?

ସୂର୍ଯ୍ୟ—ହଁ, ସେ ଜାମିନ୍‌ରେ ଖଲାସ ହୋଇ ଆସିଛନ୍ତି । ତଥାପି ତାଙ୍କର ସେ ଉଦ୍ଧତ ଅହଂକାର ମଉଳି ଯାଇନି । ଏତେ ଲଜ୍ଜା ଏତେ ଅପମାନ ସତ୍ତ୍ୱେ ତାଙ୍କ ସ୍ୱଭାବର କୌଣସି ପରିବର୍ତ୍ତନ ଆସିନି ।

ମଧୁ—ମଉସାଙ୍କୁ କଳଙ୍କ ମୁକ୍ତ କରିବା କଣ ତମର ଦାୟିତ୍ୱ ନୁହେଁ, ସୂର୍ଯ୍ୟ··· ?

ସୂର୍ଯ୍ୟ—ନା ମଧୁ—ତାଙ୍କ ପାପର ଫଳ ସେ ଭୋଗ କରିବେ । କେହି ହେଲେ ବି ତାଙ୍କ ଦୁଃଖରେ ସମବେଦନା ଜଣାଇବାକୁ ଆଗେଇ ଆସିବେନି । ମୁଁ ତାଙ୍କର କେହି ନୁହେଁ···

ମଧୁ—ସୂର୍ଯ୍ୟ··· !

ସୂର୍ଯ୍ୟ—ହଁ ମଧୁ—ମୁଁ ଚାଲିଯିବି ଅନେକ ଦୂରକୁ । ପାପର ଏ ଜର୍ଜର ଗନ୍ଧାଘରେ ଅଣନିଃଶ୍ୱାସୀ ହୋଇ ଛଟପଟ ହେବା ଅପେକ୍ଷା ମରିଯିବା ଯଥେଷ୍ଟ ଭଲ । ମୋର ସେ ସାହାରାହୀନ ଏକାକୀ ଜୀବନରେ ତମେ ମୋ ସାଥୀରେ ପାଦ ମିଳାଇ ଚାଲି ପାରିବନି ମଧୁ !

ମଧୁ—ମୁଁ···

ସୂର୍ଯ୍ୟ—ହଁ ତମେ । ମୁଁ ଆଜି କୋଟିପତି ଅନାମ ରାଉତର ପୁଅ ନୁହେଁ । ମୋର ବାପା ଗୋଟାଏ Smuggler—Black Marketier. ଗୋଟିଏ ନିନ୍ଦିତ ଗଳପତି । ମୁଁ ଆଜି ଦରିଦ୍ର ଆଉ ସେଥିପାଇଁ ତମେ କଣ ମତେ ପ୍ରତ୍ୟାଖ୍ୟାନ କରିବ ?

ମଧୁ—ତମେ ଏ କଣ କହୁଛ ସୂର୍ଯ୍ୟ ! ମୁଁ ତ କେବେ ଗ୍ଭହିଁ ନ ଥିଲି ତମର ସେ ଐଶ୍ୱର୍ଯ୍ୟର ଅସରନ୍ତ ଭଣ୍ଡାର, ଗ୍ଭହିଁ ନ ଥିଲି ମଣି ମାଣିକ୍ୟର ରତ୍ନ ସିଂହାସନ । ମୁଁ ତୁମକୁ ଭଲ ପାଇଥିଲି ସୂର୍ଯ୍ୟ । ଆଉ ଆଜି ବି ଭଲ ପାଏ । ମୋର ମନ-ମନ୍ଦିରରେ ପ୍ରଣୟର ପ୍ରଦୀପ ଜାଳି ସାରା ଜୀବନ ଧରି ମୁଁ କେବଳ କରିବି ତୁମର ଆରାଧନା ।

ସୂର୍ଯ୍ୟ—ତେବେ ଗ୍ଭଲ ମଧୁ—ଆମେ ଗ୍ଭଲିଯିବା ଅନେକ ଦୂରକୁ ।

ମଧୁ—ନା—ନା—ସୂର୍ଯ୍ୟ—ଏ ସମାଜ—ମୋର ବାପା—ମୋର ବୋଉ—

ସୂର୍ଯ୍ୟ—ସମାଜ ! ବାପା ! ବୋଉ ! ସମସ୍ତେ ସ୍ୱାର୍ଥପର ମଧୁ—ସମସ୍ତେ ଯେତେ-ବେଳେ ସମସ୍ତଙ୍କ ସ୍ୱାର୍ଥକୁ ଜାବୁଡ଼ି ଧରିଛନ୍ତି, ଆମେ ସେତେବେଳେ ସ୍ୱାର୍ଥ ତ୍ୟାଗ କରିବା କାହିଁକି ? କାହିଁକି [ଝରିବ ଆମ ଆଖିରୁ ଶ୍ରାବଣର ବନ୍ୟା.... ?

ମଧୁ—ସୂର୍ଯ୍ୟ—

ସୂର୍ଯ୍ୟ—ହଁ ମଧୁ । ପ୍ରାଣ ପ୍ରାଚୁର୍ଯ୍ୟରେ ଭରା ଏଇ ଜୀବନ ହେଉଛି ଆନନ୍ଦମୟ । ଅମୃତମୟ । ଗ୍ଭଲ ମଧୁ ସେଇ ଜୀବନକୁ ଉପଭୋଗ କରିବା । ଉପଭୋଗ କରିବା ଆନନ୍ଦର ସେଇ ଅସରନ୍ତ ଉତ୍ସକୁ ।

ମଧୁ—କିନ୍ତୁ...

ସୂର୍ଯ୍ୟ—ଏଠି କିନ୍ତୁର ପ୍ରଶ୍ନ ନାହିଁ ମଧୁ । ଆମକୁ ଗ୍ଭଲିବାକୁ ପଡ଼ିବ । ଅନ୍ଧାରରୁ ଆଲୋକକୁ । ଏ ଅନ୍ଧାରକୁ ପ୍ରଣତି ଜଣାଇ ଆଲୋକକୁ ସ୍ୱାଗତ କର ମଧୁ । ମୁଁ ତୁମର ପ୍ରତୀକ୍ଷା କରିବି । କାଲି ରାତି ୧୨ଟା ବେଳେ ରାଜ-ପଥର ସେଇ light post ତଳେ ତୁମ ସହିତ ଦେଖା ହେବ । ତା ପରେ ଆମେ ହେବା ସେଇ ଅସରନ୍ତ ପଥର ଯାତ୍ରୀ । ଯାହାର ଧାରେ ଧାରେ ଝରୁଥିବ ଆଲୋକର ମନ୍ଦାକାଶ । ଯାହାର ଛନ୍ଦେ ଛନ୍ଦେ ଫୁଟୁଥିବ ଶାନ୍ତିର ଯୂଥିକା । ଯେଉଁଠି ଆମେ ଶୁଣୁଥିବା ଜୀବନର ସଙ୍ଗୀତ ।

ମଧୁ—ସୂର୍ଯ୍ୟ...

ସୂର୍ଯ୍ୟ—(ହସି) ଆଜି ପାଇଁ ବିଦାୟ ମଧୁ—ବିଦାୟ ।

(କହି ଗ୍ଭଲିଯାଇଛି । ତା ଯିବା ବାଟକୁ ଗ୍ଭହିଁ ରହିଛି ମଧୁ)

[ଶୟ୍ୟ ମଞ୍ଚରେ ମହାକାଳ କଣ୍ଠରେ]

ମହାକାଳ—"ହେ ଆଲୋକପଥର ଯାତ୍ରୀ ! ମୁଁ ତୁମକୁ ଅଭିନନ୍ଦନ ଜଣାଉଛି । ଅନ୍ଧକାରକୁ ଭୟ କରନା । ଆଲୋକର ଅଙ୍ଗୁଳିମାରେ ସେ ଆପେ ଆପେ ଗୁଳିଯିବ ।"

"ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ ର୍ମାଂ ମୃତଂ ଗମୟ ।"
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

[light post ତଳେ ଶୋଇଯିବା ବେଳେ ଏହି ସମୟରେ ଆସିଛନ୍ତି ରାତି dutyରେ ଥିବା police ଦୁଇଜଣ । ମହାକାଳକୁ ଦେଖି]

ପୋଲିସ କର୍ମଚାରୀ—ଏଇ—କିଏ ତୁ ? ତୋ ନାଁ କଣ ?

ମହାକାଳ—ମୋ ନାଁ ? ମୋର ତ ଅନେକ ନାଁ । କିଏ କହେ ଚୋର, କିଏ କହେ ବଦ୍‌ମାସ ଆଉ କିଏ କହେ ସୃଷ୍ଟିଛଡ଼ା ଗୋଟାଏ ଜୀବ । ଆଉ କିଏ କିଏ କହନ୍ତି ପାଗଳ । ଏମିତି କେତେ ନାଁ । ତମର ଯୋଉ ନାଁରେ ଇଚ୍ଛା ସେଥିରେ ଡାକପାର ।

ପୋଲିସ କର୍ମଚାରୀ—କଣ ମୋ ସାଙ୍ଗରେ ଥଟ୍ଟା ଖେଳୁଛୁ—ଚିହ୍ନିଛୁ ମୁଁ କିଏ ?

ମହାକାଳ—(ହସି) ମୁଁ ସମସ୍ତଙ୍କୁ ଚିହ୍ନିଛି ହେଲେ କେହି ମତେ ଚିହ୍ନି ପାରୁ-ନାହାନ୍ତି। ସମସ୍ତେ ମୋ ସହିତ ଥଟ୍ଟା ଖେଳୁଛନ୍ତି ।

ପୋଲିସ କର୍ମଚାରୀ—ହୁଁ—ସେ ପୁଟୁଳା ଭିତରେ କଣ ରଖିଛୁ ?

ମହାକାଳ—ଓ, ଏଇ ପୁଟୁଳା କଥା ପଚାରୁଛ । ଏଥିରେ ସବୁ ଅଛି । ତମେ ଯାହା ଖୋଜିବ ସବୁ । ସାତ ସମୁଦ୍ର ତେର ନଈ, ବଣ, ବିଲ, ପାହାଡ଼, ଜଙ୍ଗଲ ଆଉ ରାଗ, ଦ୍ୱେଷ, ଗର୍ବ, ଅଭିମାନ, ଦମ୍ଭ ସବୁ ଅଛି । ଆଉ ଅଛି ଇତିହାସ, ଅଛି ଭୂଗୋଳ, ଦର୍ଶନ, ବେଦ ବେଦାନ୍ତ···ଉପନିଷଦ । ଓଁକାରର ପ୍ରଥମ ଝଙ୍କାର ଖୋଲିବ ? ଦେଖିବ ?

ପୋଲିସ କର୍ମଚାରୀ—ମନେହୁଏ ବହୁତ ଗୁଡ଼ାଏ ପାଠ ପଢ଼ି ତୁ ପାଗଳ ହୋଇ ଯାଇଛୁ, ଆଚ୍ଛା ତୁ ରହୁଛୁ କେଉଁଠି ?

ମହାକାଳ—ମତେ ଯେଉଁଠି ଖୋଜିବ ସେଠି ପାଇବ । ମୋର ଘରଦ୍ୱାର କିଛି ନାହିଁ ।

ପୋଲିସ କର୍ମଚାରୀ—ହୁଁ, ତୋର ଘରଦ୍ୱାର ନାହିଁ । ରୋଜଗାରର ପନ୍ଥା ବି ନାହିଁ ? ଜାଣିଛୁ—ତତେ ଫୌଜଦାରୀ କାର୍ଯ୍ୟ ବିଧି ଆଇନର ୧୦୯ ଦଫାରେ ଥାନାକୁ ବାନ୍ଧି ନେଇ ଯାଇପାରେ ?

ମହାକାଳ—ପାରିବନି । ତମେ ପାରିବନି ସିପାହିବାବୁ । କେହି ପାରି ନାହାନ୍ତି । ମୁଁ କିନ୍ତୁ ସମସ୍ତଙ୍କୁ ବାନ୍ଧି ଦେଇଛି । କେହି ଟିକିଏ ହେଲେ ବି ହଲଚଲ ହୋଇ ପାରିବେନି । (ହସିଲା)

ପୋଲିସ କର୍ମଚାରୀ—ଏଇ ଶୁଣ—ଏମିତି ପାଗଲାମି କରୁଥା । କିନ୍ତୁ ଯେବେ କିଛି ଲୋକଙ୍କ pick pocket କରୁ ନା ତେବେ ସିଧା ନେଇ ମାମୁଁଘର ଦେଖେଇ ଦେବି । Idiot.

(କହି Roundରେ ବାହାରିଗଲା)

ମହାକାଳ—ଅବୋଧ ! ସାମାନ୍ୟ ଟିକିଏ କ୍ଷମତାକୁ ଜାହିର କରିବାକୁ କି ପ୍ରଚେଷ୍ଟା ।

[କହି ଧୀରେ ଧୀରେ ସେ light post ତଳେ ଶୋଇଗଲେ....ସମସ୍ତ ଗଡ଼ିଯିବାର ସଙ୍କେତ ସଙ୍ଗୀତ ସାହାଯ୍ୟରେ...ତା ପରେ ୧ମ ମଞ୍ଚର ପରଦା ଧୀରେ ଧୀରେ ଖୋଲୁଛି ଆଉ ଦେଖା-ଯାଉଛି ଶ୍ରୀରାମ ଦାସ ଉତ୍ତେଜିତ ଅବସ୍ଥାରେ ଘର ସାରା ବୁଲୁଥିଲେ । ଏଇ ସମୟରେ ଭିତରୁ ଆସିଲେ ଧରଣୀ]

ଧରଣୀ—ରାତି ଅଧି ୧୨ଟା ବାଜିଲାଣି । ଆଜି କ’ଣ ଶୋଇବାକୁ ଯିବନି !

ଶ୍ରୀରାମ—(ଉତ୍ତେଜିତ ଭାବରେ) ଏ ରାତିର ଶେଷ ନ ଦେଖିବା ପର୍ଯ୍ୟନ୍ତ ମୁଁ ଶୋଇବାକୁ ଯାଉନି ଧରଣୀ । ଏଇ ରାତି ବୋଧହୁଏ ଆମ ପରିବାରର ଶେଷରାତି—

ଧରଣୀ—କ’ଣ ହେଉଛି ତମର ?

ଶ୍ରୀରାମ—ତମର ସେଇ ଅତି ଆଦରର ଝିଅ ମଧୁମତୀ ଆଜି ରାତିରେ ଏ ଘର ଗୁଡ଼ି ଗୁଲିଯିବାର ନିଷ୍ପତ୍ତି ନେଇଛି ।

ଧରଣୀ—ତମେ କେମିତି ଜାଣିଲ ?

ଶ୍ରୀରାମ—ମୁଁ ସବୁ ଜାଣେ ଧରଣୀ । ଆଜି ତମର ପାଇଁ ଏ ଘରର ମାନ, ସମ୍ମାନ, ଇଜ୍ଜତ ସବୁକିଛି ଶେଷ ପାଇବାକୁ ବସିଛି । ତମରି ପାଇଁ ମୋର ଉପର ମୁଣ୍ଡ ତଳକୁ ହୋଇ ଯାଇଛି ।

ଧରଣୀ—ମୋ ପାଇଁ ?

ଶ୍ରୀରାମ—ହଁ—ହଁ, ତମରି ଯୋଗୁଁ—ତମର ସାହସ ପାଇ ନ ଥିଲେ ମଧୁମତୀ ଏ ଘରର ବୁନିଆଦ ଉପରେ ପଦାଘାତ କରି ଏ ଘର ଗୁଡ଼ି ଗୁଲିଯିବାର ଦୁଃସାହସ କରି ନ ଥାନ୍ତା । ଯାହାର ହାତ ଧରି ଆଗେଇ ଯିବାର ରଙ୍ଗୀନ୍ ସ୍ୱପ୍ନ ଦେଖି ମଧୁମତୀ ଏ ଘରୁ ଗୋଡ଼ କାଢ଼ିବାର ଶପଥ ନେଇଛି, ସେ ଯଦି ଅଧା ବାଟରୁ ତାକୁ ଧୋକା ଦିଏ, ତାହାହେଲେ ପରିଣାମ କ'ଣ ହେବ ଚିନ୍ତା କରିପାରୁଛ ?

ଧରଣୀ—ମଧୁମତୀର ଚଲାପଥରେ କେବେହେଲେ କଣ୍ଟା ଉଠିବନି । ମା'ର ଆଶୀର୍ବାଦକୁ ସମ୍ବଳ କରି ସେ ନିର୍ବିଘ୍ନରେ ଆଗେଇଯିବ । ତାର ଚଲାପଥରେ ଫୁଲ ଚନ୍ଦନ ବରଷିବ । ସେ ହେବ ଭାଗ୍ୟବତୀ—

ଶ୍ରୀରାମ—ଆଉ ଯଦି ନିଷ୍ଠୁର ସମାଜର ଅଶ୍ଳୀଳ ବିଦ୍ରୂପକୁ ସମ୍ବଳ କରି କଳଙ୍କର ରକ୍ତାକ୍ତ ପୁଷ୍ପାଞ୍ଜଳି ଧରି ଫେରିଆସେ··· ?

ଧରଣୀ—ବାପ ହୋଇ ଏକମାତ୍ର ଝିଅର ଏଇ ମଙ୍ଗଳ କାମନା କରୁଛ··· ? ତାକୁ ଏଇ ଆଶୀର୍ବାଦ ଦେଉଛ ?

ଶ୍ରୀରାମ—ସେ କଣ କେବେ ମୋର ମଙ୍ଗଳ କାମନା କରିଛି ? ବାପର ଇଜ୍ଜତକୁ ଯୋଉ ଝିଅ ସମ୍ମାନ ଦେଇ ଶିଖିନି ସେଭଳି ଗୋଟାଏ ଝିଅ ଯଦି ମରିଯାଏ ତେବେ ମୋ ଆଖିରୁ ଟୋପାଏ ହେଲେ ବି ଲୁହ ଝରିବନି ।

ଧରଣୀ—ତମେ ଆଜି ଏ କଥା କହିପାରିଲ ?

ଶ୍ରୀରାମ—ହଁ—ହଁ—ମୁଁ କହୁଛି—ମୁଁ ବଞ୍ଚି ଥାଉ ଥାଉ ଏ ଘରର ଇଜ୍ଜତକୁ ମାଟିରେ ମିଶିବାକୁ ଦେବନି । ମଧୁମତୀ ଏ ଘରୁ ଗୋଡ଼ କାଢ଼ିବା ଆଗରୁ ତାର ସେ ରକ୍ତାକ୍ତ ଲାସ୍‌ଟା ଏଇଠି ଲୋଟି ପଡ଼ିବ । ମୋର ସେ ପୁରୁଣା ବନ୍ଧୁକଟା

ଏବେ ବି ଅକାମୀ ହୋଇନି କି ମୋର ଲକ୍ଷ୍ୟ ଆଜିଯାଏ କେବେ ଲକ୍ଷଚ୍ୟୁତ ହୋଇନି ଧରଣୀ—

(ଏଇ ସମୟରେ ଆସିଛି ମଧୁମତୀ)

ମଧୁ—ମତେ ମାରିଦେଲେ ଯଦି ତମ ମନର ସବୁ ଓରମାନ ମେଣ୍ଟିଯିବ—ଏ ଘରର ଇଜ୍ଜତ ଆଉ ଆଭିଜାତ୍ୟ ପୁଣି ଥରେ ଦାଉ ଦାଉ ହୋଇ ଜଳି ଉଠିବ, ତେବେ ମତେ ମାରି ଦିଅନ୍ତୁ ବାପା—କିନ୍ତୁ କହିପାରିବେ ବାପା, ମୋର କେଇବୁନ୍ଦା ରକ୍ତରେ ଏ ମାଟି ଭିଜିଲା ପରେ ଆପଣଙ୍କର ସମ୍ମାନ କେତେ ଉପରକୁ ଉଠିଯିବ ?

ଶ୍ରୀରାମ—ମଧୁ !

ମଧୁ—କୁହ ବାପା, ଯାହାକୁ କାଖେଇ କୋଳେଇ ଏଡ଼ୁଟିରୁ ଏଡ଼ୁଟିଏ କରିଥିଲ ତାକୁ ମାରିଦେଲେ ତମର ସବୁ ରାଗ ଶାନ୍ତ ହୋଇଯିବ ତ ? ତମର ସେ ହଜିଲା ଆଭିଜାତ୍ୟ ଫେରି ଆସିବ ତ ?

ଶ୍ରୀରାମ—ଥରେ ଭାବି ଦେଖ ମଧୁ , ତୋର ଏ ବୁଢ଼ା ବାପଟା ଆଖିରୁ ରକ୍ତ ଝରାଇ ତୁ କଣ କେବେ ଶାନ୍ତିରେ ରହିପାରିବୁ ?

ମଧୁ—ଆଉ ମୋ ଆଖିରୁ ରକ୍ତ ଝରାଇ ତମେ କଣ କେବେ ଶାନ୍ତିରେ ରହିପାରିବ ?

ଶ୍ରୀରାମ—ମଧୁ !

ମଧୁ—ମୁଁ ଅନେକ ଭାବିଛି ବାପା । ଆପଣ ମତେ କ୍ଷମା କରିବେ । ମୁଁ ହୁଏତ ଏ ବଂଶର ଗୋଟାଏ ଅଯୋଗ୍ୟ ସନ୍ତାନ ।

(ଯିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କ ପାଦଧୂଳି ନେଇଗଲେ)

ଶ୍ରୀରାମ—ତୁ ଯାଇପାରିବୁନି ମଧୁ । ଆଉ ଯଦି ଯିବାର ଦୁଃସାହସ କରୁ—

ମଧୁ—ମୁଁ ଯିବି ବାପା, କେହି ମତେ ଆଜି ରୋକି ପାରିବେନି । ପାହାଡ଼ ଉପରୁ ନଈ ଯେତେବେଳେ ତଳକୁ ବହି ଆସେ, ତାକୁ କ'ଣ କେହି ରୋକି ପାରେ ?

ଧରଣୀ—ମଧୁ—

ମଧୁ—ମୁଁ ଯିବ ବୋଉ । ମୁଁ ସେଇ ରାସ୍ତା ଉପରକୁ ଚାଲିଯିବି । ଯେଉଁଠି ଆମ ସମସ୍ତଙ୍କର ପରିଚୟ ହେଉଛି 'ଆମେ ମଣିଷ'—ସୂର୍ଯ୍ୟକାନ୍ତକୁ ଛାଡ଼ି ମୁଁ ବଞ୍ଚିପାରିବନି ବୋଉ । ମୁଁ ଆସୁଛି—

(ଚାଲିଯାଇଛି ପାହାଚ ଦେଇ ତଳକୁ ରାସ୍ତା ଉପରକୁ)

ଶ୍ରୀରାମ—(ରାଗରେ) ମଧୁ—ମଧୁ—ଫେରିଆ ମଧୁ—ନଚେତ୍...

(କହି ବନ୍ଧୁକ ଉଠାଇଲେ—ରାଗରେ ସେ ଅନ୍ଧ ହୋଇ ଯାଇଥିଲେ)

ମଧୁ—(ଯାଉ ଯାଉ) ପିଞ୍ଜରା ଭାଙ୍ଗି ଯୋଉ ପକ୍ଷୀ ଥରେ ଉଡ଼ିଯାଏ ସେ ଆଉ ଫେରି ଆସେନି ବାପା, ଅନନ୍ତ ଆକାଶର ସୀମାହୀନ ନୀଳିମା ଭିତରେ ସେ ଆଜି ଆତ୍ମହରା ।

ଶ୍ରୀରାମ—ମଧୁ ! ଫେରିଆ ମଧୁ—ଫେରିଆ—

[ମଧୁ କିଛି ଆଗେଇ ଯାଇଛି । Light post ତଳେ ଅପେକ୍ଷା କରିଛି ସୂର୍ଯ୍ୟକାନ୍ତ । ଧାଇଁ ଯାଇ ତାକୁ କୁଣ୍ଢାଇ ପକାଇଛି]

ମଧୁ—ମୁଁ ଆସିଛି ସୂର୍ଯ୍ୟକାନ୍ତ, ଇଜ୍ଜତ ଆଉ ଆଭିଜାତ୍ୟର ଲୁହାଶିକୁଳିକୁ ଏଇ ହାତରେ ଟିକ୍ ଟିକ୍ କରି ଛିଣ୍ଡେଇ ଦେଇ ମୁଁ ଧାଇଁ ଆସିଛି ତୁମରି ପାଖକୁ ।

ସୂର୍ଯ୍ୟ—ମୁଁ ବି ଆସିଛି ମଧୁ ! ବାପାଙ୍କର ସେଇ ଆଭିଜାତ୍ୟର ସୁନାର ପାହାଡ଼ଟା ଆଜି ମଣିଷପଣିଆର ଡିନାମାଇଟ୍‌ରେ ଭାଙ୍ଗିରୁଜି ବୁରମାର ହୋଇଯାଇଛି ।

ମଧୁ—ସୂର୍ଯ୍ୟକାନ୍ତ !

ସୂର୍ଯ୍ୟ—ହଁ ମଧୁ । ଆଜି ହୁଏତ ଆମର ଗୋଟିଏ ଯୁଗର ସ୍ୱପ୍ନ ସାର୍ଥକ ହୋଇଛି । ଆମେ ଆଜି ରାସ୍ତାର ମଣିଷ । ଏଇ କମନୀୟ ଆକାଶର ମୋକାଇକ୍ ଗଛ ତଳେ ଆମେ ଗଢ଼ି ତୋଳିବା ଆମର ହସ ଖୁସିର ସଂସାର ।

(କହି ମଧୁକୁ ନିଜ ଛାତି ଉପରେ ଟାଣି ନେଇଛି)

ଶ୍ରୀରାମ—ସୂର୍ଯ୍ୟ ! ମଧୁକୁ ସ୍ପର୍ଶ କରିବାର ଦୁଃସାହସ କରନି ସୂର୍ଯ୍ୟ । ନଚେତ୍ ତୋର ସମସ୍ତ ରଙ୍ଗୀନ୍ ସ୍ୱପ୍ନକୁ ଗୋଟାଏ ମାତ୍ର ବୁଲେଟ୍‌ରେ ମୁଁ ଧୂଳିସାତ୍ କରିଦେବି ।

(କହି ରାସ୍ତାକୁ ଓହ୍ଲାଇ ଆସିଲେ)

ଫେରିଆ ମଧୁ ! ଏବେ ବି ସମୟ ଅଛି ।

ସୂର୍ଯ୍ୟ—ମଧୁ ଆଉ ଫେରିବନି । ସେ ସବୁଦିନ ପାଇଁ ମୋର ହୋଇଯାଇଛି । ଯଦି ମରିବୁ ତ ଆମେ ଦୁହେଁ ମରିବୁ । ଆଉ ଯଦି ବଞ୍ଚିବୁ ତ ଅମେ ଦୁହେଁ ବଞ୍ଚିବୁ ।

ଶ୍ରୀରାମ—(ରାଗରେ ବନ୍ଧୁକ ଉଠାଇଲେ fire କରିବା ଉଦ୍ଦେଶ୍ୟରେ)

ମଧୁ—ସୂର୍ଯ୍ୟ ।

[ଏହି ସମୟରେ ୧ମ ମଞ୍ଚର ପରଦା ଖୋଲି ଯାଇଛି ଏବଂ ଉତ୍କଣ୍ଠିତ ସ୍ୱରରେ ଅନାମ ରାଉତ ଚିତ୍କାର କରି ଉଠିଛନ୍ତି]

ଅନାମ—ଶ୍ରୀରାମବାବୁ—ଶ୍ରୀରାମବାବୁ—

(କହି ଧାଇଁ ଆସିଛନ୍ତି ରାସ୍ତା ଉପରକୁ)

ଶ୍ରୀରାମ—ଓ····ଅନାମ—ଶ୍ରୀରାମ ଦାସର ଶେଷ ସମ୍ବଳ ତାର ଇଜ୍ଜତ ଟିକକ ଲୁଟି ନେଲା ପରେ ଆଉ କ'ଣ ବାକି ଅଛି ଯେ ତାକୁ ବି ନବାକୁ ଆସିଛ—

ଅନାମ—ନା ଶ୍ରୀରାମବାବୁ, ମୁଁ ଆଜି କିଛି ନବାକୁ ଆସିନି । ଆସିଛି ଦବାକୁ । ଆଜି ମୋର ଆଖି ଫିଟିଯାଇଛି । ଆଉ ମୋର ଆଖି କିଏ ଖୋଲିଦେଲା ଜାଣିଛ, ତମର ଏଇ ମଧୁ ଆଉ ମୋର ସୂର୍ଯ୍ୟ ।

ଶ୍ରୀରାମ—ଅନାମ !

ଅନାମ—ହଁ, ଶ୍ରୀରାମବାବୁ । ଅଜି ଆମେ କେହି ବଡ଼ ନୁହେଁ କେହି ଶ୍ରେଷ୍ଠ ନୁହେଁ । ଆମେ ଏଇ ମାଟିର ମଣିଷ । ଆମର ପରିଚୟ ଟଙ୍କା ସୁନାରେ ନୁହେଁ, ମଣିଷପଣିଆରେ । ମାନ, ଅଭିମାନରେ ନୁହେଁ, ମାନବିକତାରେ । ଗର୍ବ ଅହଂକାରରେ ନୁହେଁ, ପରସ୍ପରକୁ ବୁଝିବାରେ—

ଶ୍ରୀରାମ—ହଁ ତମେ ଠିକ୍ କହୁଛ ଅନାମ । ତମେ ବୋଧହୁଏ ଠିକ୍ କହୁଛ । ଧନ-ଦୌଲତ, କ୍ଷମତା ଅହଂକାର ଏସବୁ ଗୋଟାଏ ଗୋଟାଏ ସାମୟିକ ଉତ୍ତେଜନାର ପରିପ୍ରକାଶ ମାତ୍ର । ମଣିଷକୁ ସେ ବେଳେବେଳେ ପଶୁଠାରୁ ବି ହୀନ କରିଦିଏ—ମଣିଷ ଭୁଲିଯାଏ ନିଜର ମଣିଷପଣିଆ···

ଅନାମ—ଆଜି ଆମେ ହୁଏତ ପରସ୍ପରକୁ ବୁଝିପାରିଛେ । ଆଜି ଏଇ ପବିତ୍ର ମିଳନର ମାହେନ୍ଦ୍ର ଲଗ୍ନରେ ତମେ ସେମାନଙ୍କୁ ଆଶୀର୍ବାଦ କର ଶ୍ରୀରାମ । ସୂର୍ଯ୍ୟକାନ୍ତ ଆଉ ମଧୁମିତାର ଜୀବନ ସୁଖମୟ ହେଉ ।

ଶ୍ରୀରାମ—ଆ, ମା, ତୋର ଏ ଅବୁଝା ବାପଟାକୁ କଣ କ୍ଷମା ଦବୁନ ।

(ଦୁହେଁ ଶ୍ରୀରାମ, ଅନାମ ଓ ଧରଣୀଙ୍କ ପାଦତଳେ ପ୍ରଣାମ କଲେ)

ମହାକାଳ—(ଉଠିପଡ଼ୁଛି) କ୍ଷମା—

(ହୋ ହୋ ହୋଇ ହସିଛି)

ଶ୍ରୀରାମ—କଏ ?

ମହାକାଳ—ମୁଁ···ମୁଁ···ସର୍ବବ୍ୟାପୀ । ମୁଁ ଅନନ୍ତ । ମୁଁ ଅକ୍ଷୟ, ମୋର ଜନ୍ମ ନାହିଁ କି ଜରା ନାହିଁ, ମୁଁ ମୃତ୍ୟୁଞ୍ଜୟୀ । ମୁଁ ଅମର ଆଉ ମୋର ସେଇ ଅନନ୍ତ ଭୂର୍ଯ୍ୟନାଦ ଭିତରେ ସବୁ ଗର୍ବ, ସବୁ ଅହଂକାର, ମାନ ଅଭିମାନ ଲାଭ ହାନି ନିଶ୍ଚିହ୍ନ ହୋଇଯିବ । ଖାଲି ରହିଯିବ, ମୁଁ ଆଉ ସମୟର ସେଇ ଅସରନ୍ତି ବେଳାଭୂମିରେ ମୋର ଅକ୍ଷତ ପାଦଚିହ୍ନ···

(ପୁଣି ହସିଛି)

ମୁଁ ସବୁ ଦେଖିଛି, କେତେ ଉତ୍‌ଥାନ, କେତେ ପତନ ପୁଣି ସମତଳ ହୋଇଯାଇଛି । ମୁଁ ଦେଖିଛି ଯୁଦ୍ଧର ରକ୍ତାକ୍ତ ବିଭୀଷିକା । ଦେଖିଛି ସଂଘର୍ଷର ହିଂସ୍ର ଉନ୍ମାଦନା । ତା ପରେ ସନ୍ଧି—ଶାନ୍ତିର କପୋତ—ମୁଁ ଅବିନାଶୀ । ମୋର ଗର୍ଭରେ ଆତ୍ମପ୍ରକାଶ କରିଛି ମହାପ୍ରଳୟର ଅଶାନ୍ତ ଧୂର୍ଜଟୀ । ଆତ୍ମପ୍ରକାଶ କରିଛି ସୃଷ୍ଟିର ପ୍ରଥମ ପୁରୁଷ ଆଉ ପ୍ରଥମ ପ୍ରକୃତି । ମୁଁ ମୃତ୍ୟୁଞ୍ଜୟ···ମୁଁ **ମହାକାଳ** ।